

ବିଜୟଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଅଫର!

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 350 ଭାଗ ୩୩ | ସଂଖ୍ୟା ୩୫୦ | Monday 16 March 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୧୬ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ରାଜ୍ୟସଭା ନିର୍ବାଚନ



# ଆଜି ସ୍ପଷ୍ଟ ହେବ ଗଣିତ, କିଏ ପାସ୍ କିଏ ଫେଲ୍

### ସକାଳ ୯ଟାରୁ ଆରମ୍ଭ ହେବ ଭୋଟ ଗ୍ରହଣ
### ସନ୍ଧ୍ୟାରେ ଗଣତି, ୨୦ ସୁଦ୍ଧା ସରିବ ପ୍ରକ୍ରିୟା



ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ଆଉ ମାତ୍ର କେଇ ଘଣ୍ଟାର ଅପେକ୍ଷା, ରାତି ପାହିଲେ ସବୁ କଳ୍ପନାଜଳ୍ପନାର ଅନ୍ତ ହେବ। ସକାଳ ୯ଟାରୁ ବିଧାନସଭା ପରିସରରେ ଆରମ୍ଭ ହେବ ରାଜ୍ୟସଭା ଭୋଟ ଗ୍ରହଣ। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଦେବେ ବିଧାୟକମାନେ। ସନ୍ଧ୍ୟାରେ ହେବ ଗଣତି। ଏହାପରେ ସ୍ପଷ୍ଟ ହୋଇଯିବ, କାହା ଗଣିତରେ ଭୁଲ ହେବ ଆଉ କିଏ ବାଜି ମାରିବ।

ବିଧାୟକଙ୍କୁ ମନେଇବା ବା ମତେଇବା ପାଇଁ ଆଜି ତିନି ଦଳ ପକ୍ଷରୁ ଶେଷ ପ୍ରଚେଷ୍ଟା କରାଯାଇଛି। ଏଥିପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସନ୍ଧ୍ୟାରେ ଦଳର ବିଧାୟକଙ୍କ ସହ ଆଲୋଚନା କରିଥିବା ବେଳେ ପିସିସି ସଭାପତି ଭକ୍ତ ଦାସ ବି ନିଜ ବିଧାୟକଙ୍କୁ ନେଇ ମାନସମନ୍ଥନ କରିଛନ୍ତି। ସେପଟେ ବିଜେପି ବିଧାୟକମାନେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ପାରାଦୀପରେ ଭୋଟ ନେଇ ନିଜ ରଣନୀତିରେ ଶେଷ ସ୍ପର୍ଶ ଦେଇଛନ୍ତି।

ଚଳିତ ରାଜ୍ୟସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ଲଢୁଛନ୍ତି ସଂତୃପ୍ତ ମିଶ୍ର। ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀ ହୋଇଛନ୍ତି। ସେପଟେ ବିଜେପି ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ସମର୍ଥନ ଘୋଷଣା କରିଥିବା ବେଳେ ବିଜେଡି ଓ କଂଗ୍ରେସ ମିଳିତ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରିଛନ୍ତି। ସଂଖ୍ୟା ଦୃଷ୍ଟିରୁ ମନମୋନ ସାମଲ, ସୁଜିତ କୁମାର ଓ ସଂତୃପ୍ତ ମିଶ୍ରଙ୍କ ଜିତିବାରେ କୌଣସି ଦ୍ୱନ୍ଦ୍ୱ ନାହିଁ। ହେଲେ ଚତୁର୍ଥ ଆସନ ପାଇଁ ଦିଲ୍ଲୀପ ଓ ଡାକ୍ତର ହୋତାଙ୍କୁ ନେଇ ସବୁ ବିବାଦ ଦେଖାଦେଇଛି। ଆଉ ଏହି ଆସନ ପାଇଁ ଯେଉଁ ଗୋଳିଆ ଗଣିତ ସୃଷ୍ଟି ହୋଇଛି, ସେଥିରେ ବିଜେଡିର ପ୍ରଥମ ପ୍ରାର୍ଥୀ ସଂତୃପ୍ତ ➪ପୃଷ୍ଠା-୬

## ନବ, ଚକ୍ରମଣିଙ୍କୁ କାରଣ ଦର୍ଶାଅ ନୋଟିସ

ବିଜେଡ଼ିର ଦୁଇ ଜଣ ବିଧାୟକଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଯେଉଁ ନବୀନ ନିବାସ ଭିତରକୁ ମନ୍ତ୍ରୀ କି ବିଧାୟକ ଯାଇପାରୁନଥିଲେ, ଗତ ତିନି ଦିନ ହେଲା ତା'ର ଗେଟ୍ ଦଳୀୟ ବିଧାୟକଙ୍କ ପାଇଁ ସାହାଣ ମେଲା ହୋଇଛି। ଦିନରେ ଲଞ୍ଚ ପାର୍ଟି ଆଉ ସନ୍ଧ୍ୟାରେ ବୈଠକ। ହେଲେ ଏହି ବୈଠକକୁ ଆସୁନାହାଁନ୍ତି ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଓ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର। ଏହି ଦୁଇ ବିଧାୟକଙ୍କୁ ବାରମ୍ବାର ଦଳ ପକ୍ଷରୁ ଯୋଗାଯୋଗ କରାଯାଉଛି, ହେଲେ ଦଳୀୟ କାର୍ପଟଦାରମାନେ ତାଙ୍କ ସହ କଥା ହୋଇପାରୁନାହାଁନ୍ତି। ଯେଉଁଥିପାଇଁ ଏହି ନେତାଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ରବିବାର ରାତି ୯ଟା ସୁଦ୍ଧା ସେମାନଙ୍କୁ ନବୀନ ନିବାସରେ ହାଜର ହେବାକୁ କୁହାଯାଇଥିଲା। ହେଲେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନେ ନବୀନ ନିବାସ ଆସି ନ ଥିବା ସୂଚନା ମିଳିଛି। ଯେଉଁମାନେ ଦଳୀୟ ନିଷ୍ପତ୍ତିର ବିରୁଦ୍ଧାଚରଣ କରୁଛନ୍ତି, ସେମାନେ ମନେ ରଖିବା ଉଚିତ ଯେ ସେମାନଙ୍କ ସଭ୍ୟ ପଦ ରଦ୍ଦ ହେବ ବୋଲି ବିଧାୟକ ଅରୁଣ ସାହୁ ଚେତାବନୀ ଦେଇଛନ୍ତି। ତେବେ ବିଧାୟକ ସୌଭିକ ବିଶ୍ୱାଳଙ୍କ ଅନୁପସ୍ଥିତି ସଂକ୍ରାନ୍ତ ପ୍ରଶ୍ନକୁ ଏଡ଼ାଇଯାଇଥିଲେ ଅରୁଣ। ବିଧାୟକ ଦିବ୍ୟଶଙ୍କର ମିଶ୍ର ଅଭିଯୋଗ କରିଛନ୍ତି ଯେ ବିଜେପି ପାଖରେ ସଂଖ୍ୟା ନାହିଁ। ତେଣୁ ବିଜେଡିର ଦୁଇ ଜଣ ବିଧାୟକଙ୍କୁ ଲୁଚାଇ ରଖିଛନ୍ତି। ଯଦି ➪ପୃଷ୍ଠା-୬

- ନିର୍ଦ୍ଦେଶ ନ ମାନିଲେ ବିଧାୟକ ପଦ ଯିବ: ଅରୁଣ
- ୨ ବିଧାୟକଙ୍କୁ ବିଜେପି ଲୁଚାଇ ରଖିଛି: ଦିବ୍ୟଶଙ୍କର



## ମିଳିତ ପ୍ରାର୍ଥୀଙ୍କୁ ଭୋଟ ଦେବିନି



ବିବେକାନୁସାରେ ନିଷ୍ପତ୍ତି ନେବି

କାରଣ ଦର୍ଶାଅର ଦେଲେ ଉତ୍ତର

କଂଗ୍ରେସ ଶୃଙ୍ଖଳା କମିଟି ପକ୍ଷରୁ ଜାରି କାରଣ ଦର୍ଶାଅ ନୋଟିର ଉତ୍ତର ଦେଇଛନ୍ତି ବିଧାୟକ ଦାଶରଥୀ ଗମାଙ୍ଗ। ଏହି ଉତ୍ତରରେ ସେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀଙ୍କ ସମର୍ଥନରେ ଭୋଟ ଦେବେନି ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଏଥିସହିତ ସେ ଆସନ୍ତାକାଲି ଭୋଟ ଦେବେ କି ନାହିଁ କିମ୍ବା ଯଦି ଭୋଟ ଦେବେ କାହାକୁ ଦେବେ ତାହା ସେ ତାଙ୍କ ବିବେକ ଅନୁସାରେ ଦେବେ ବୋଲି କହିଛନ୍ତି। ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବା ତାଙ୍କର ରାଜନୈତିକ ଆଦର୍ଶର ସମ୍ପୂର୍ଣ୍ଣ ବିରୋଧୀ। କଂଗ୍ରେସର ରାଜ୍ୟ ନେତୃତ୍ୱ ତାଙ୍କର ସୁଖ-ଦୁଃଖରେ କେବେ ସହଯୋଗ କରିନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ➪ପୃଷ୍ଠା-୬

### ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିର୍ବାଚନ ତାରିଖ ଘୋଷଣା

## ଏପ୍ରିଲ୍ ୯ରୁ ୨୯ ପର୍ଯ୍ୟନ୍ତ ନିର୍ବାଚନ, ମେ' ୪ରେ ଗଣତି



- ପଶ୍ଚିମବଙ୍ଗରେ ୨ଟି ପର୍ଯ୍ୟାୟରେ ଭୋଟ୍
- ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟ

ନୂଆଦିଲ୍ଲୀ, ୧୫।୩(ସଂଚାର ବ୍ୟୁରୋ): ଆସନ୍ତା ଏପ୍ରିଲ୍ ୯ରୁ ୨୯ ତାରିଖ ମଧ୍ୟରେ ଦେଶର ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ହେବ। ଏନେଇ ଆଜି ମୁଖ୍ୟ ନିର୍ବାଚନ କମିଶନର୍ (ସିଇସି) ଜ୍ଞାନେଶ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଘୋଷଣା ଅନୁସାରେ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ଭୋଟ୍ ହେବ। ଆସାମ, କେରଳ ଓ ପୁଡୁଚେରୀରେ ଆସନ୍ତା ଏପ୍ରିଲ୍ ୯ ତାରିଖରେ ଏବଂ ତାମିଲନାଡୁରେ ଏପ୍ରିଲ୍ ୨୩ ତାରିଖରେ ନିର୍ବାଚନ ହେବ। ଏହାଛଡ଼ା ପଶ୍ଚିମବଙ୍ଗରେ ଏପ୍ରିଲ୍ ୨୩ରେ ପ୍ରଥମ ଓ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଆହୁରି ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ୍, ତ୍ରିପୁରାରେ ଏପ୍ରିଲ୍ ୯ରେ ଏବଂ ଗୁଜରାଟ ଓ ମହାରାଷ୍ଟ୍ରରେ ଏପ୍ରିଲ୍ ୨୩ରେ ➪ପୃଷ୍ଠା-୬

## ହିଂସାପଥ ଛାଡ଼ିଲେ ୧୧ ମାଓବାଦୀ

### ୧.୩୪ କୋଟିର ସହାୟତା ରାଶି ଘୋଷଣା

ଭବାନୀପାଟଣା, ୧୫।୩ (ସଂଚାର ବ୍ୟୁରୋ) : ମାଓବାଦବିରୋଧୀ ଅଭିଯାନରେ ଆଜି କଳାହାଣ୍ଡି ପୁଲିସ୍‌କୁ ବଡ଼ ଧରଣର ସଫଳତା ମିଳିଛି। ହିଂସାପଥ ଛାଡ଼ି ୧୧ ଜଣ ମାଓବାଦୀ ଆଜି କଳାହାଣ୍ଡି ପୁଲିସ ନିକଟରେ ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି। କଳାହାଣ୍ଡି ପୁଲିସ ପକ୍ଷରୁ ଭବାନୀପାଟଣା ରିଜର୍ଭ ପୁଲିସ ପଡ଼ିଆଠାରେ ଏଥିସକାଶେ ଏକ ସ୍ୱତନ୍ତ୍ର ସମାରୋହ ଅୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ପୁଲିସ ଡିଜି ୱାଇବି ଖୁରାନିଆ ଯୋଗଦେଇ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ରାଷ୍ଟ୍ରର ମୁଖ୍ୟସ୍ରୋତରେ ସାମିଲ ହୋଇଥିବାରୁ ସେମାନଙ୍କୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଆତ୍ମସମର୍ପଣ ଓ ➪ପୃଷ୍ଠା-୬



## ପାରାଦୀପ ହେବ ବୃହତ ଅର୍ଥନୈତିକ ଜୋନ



- ଶିଳ୍ପ ଭିତ୍ତିଭୂମିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ସମୟ ସୀମା ମଧ୍ୟରେ ଶିଳ୍ପ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ
- ପ୍ରସ୍ତାବିତ ପ୍ରକଳ୍ପରେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ

ପାରାଦୀପ, ୧୫।୩ (ସଂଚାର ବ୍ୟୁରୋ) : ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା, ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଏଲ ଏବଂ ➪ପୃଷ୍ଠା-୬

## ନବୀନ ନିବାସରେ ଶୋଇଲେ ନେତା





### ଏଥର ସବୁଜ ନୁହେଁ ନୀଳ ଲୁଙ୍ଗି

ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ସୋମବାର ସକାଳରୁ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ୍। ବିଜେଡି ସଭାପତିଙ୍କୁ କ୍ରସ ଭୋଟିଂର ଭୟ ଏତେ ମାତ୍ରାରେ ଘାରିଛି ଯେ ନବୀନ ନିବାସରେ ବିଧାୟକମାନେ ରାତ୍ରୀଯାପନ କରିଛନ୍ତି। ଯେଉଁ ନବୀନ ନିବାସର ଦୁଆର ସାଧାରଣ ଦିନମାନଙ୍କରେ ରାତି ୮ଟାରେ ବନ୍ଦ ହୋଇଯାଉଥିଲା, ସେଠାରେ ଆଜି ବିଜେଡିର ପ୍ରାୟ ୪୪ ଜଣ ବିଧାୟକ ରାତି କଟାଇଛନ୍ତି। ଏଥିପାଇଁ ନବୀନ ନିବାସ ଭିତରେ ଖାଇବା ପିଇବାର ବ୍ୟବସ୍ଥା ବି କରାଯାଇଛି। ନବ ମଲ୍ଲିକ ଓ ଚକ୍ରମଣ କହଁର ବିଧାୟକ ପ୍ରତାପ ଦେବ ରାତି ପ୍ରାୟ ସାଢ଼େ ୯ଟାରେ ନିଜ କ୍ୱାର୍ଟରକୁ ଚାଲିଯାଇଥିଲେ। ପରେ ସୁବାସିନୀ ଜେନା ମଧ୍ୟ ଯାଇଥିଲେ। ୪୪ରୁ ଅଧିକ ବିଧାୟକ ନବୀନ ନିବାସ ଭିତରେ ରହିଛନ୍ତି। ସେମାନଙ୍କ ପାଇଁ ହୋଟେଲରୁ ଖାଇବା ମଗାଯାଇଛି। ଏପରିକି ରାତିରେ ମଶା ଦାଉରୁ ରକ୍ଷା ପାଇବାକୁ ୫୦ରୁ ଅଧିକ ମଶାଧୂପ ବି କିଣାଯାଇଛି। ➪ପୃଷ୍ଠା-୬

## କଂଗ୍ରେସ ବିଧାୟକଙ୍କୁ ୫ କୋଟି ଅଫର୍

- ସାଂଘାତିକ ଅଭିଯୋଗ ଆଣିଲେ ସପ୍ତଗିରି
- ବେଙ୍ଗାଲୁରୁରେ ୪ ଜଣଙ୍କୁ ଗିରଫକଲା ପୁଲିସ
- ବିଜେପି କହିଲା, କ୍ରସ ଭୋଟିଂ ଭୟରେ ବାଉଳା



ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ଆଣିଛନ୍ତି ସାଂଘାତିକ ଅଭିଯୋଗ। କଂଗ୍ରେସ ବିଧାୟକଙ୍କୁ ମନାଇବାକୁ ୫ କୋଟିର ଅଫର ଦିଆଯାଇଛି। ବେଙ୍ଗାଲୁରୁରେ ରହୁଥିବା ୮ ଜଣ କଂଗ୍ରେସ ବିଧାୟକଙ୍କୁ ଟ୍ରାପ କରିବାକୁ ୪ ଜଣ ଲୋକ ବୁଲୁଥିଲେ। ଏଭଳି ଅଭିଯୋଗ ଆଣିଛନ୍ତି କଂଗ୍ରେସ ଶ୍ରୀ ଉଲାକା ଓ ପିସିସି ସଭାପତି ଭକ୍ତ ଚରଣ ଦାସ। ଏନେଇ ବେଙ୍ଗାଲୁରୁରେ ଏକ ମାମଲା ମଧ୍ୟ ହୋଇଥିବା ଶ୍ରୀ ଉଲ୍ଲାକା କହିଛନ୍ତି। ସେ ତାଙ୍କ ଅଭିଯୋଗ କରିଛନ୍ତି ଯେ ସେମାନେ ବେଙ୍ଗାଲୁରୁରେ ରହୁଥିବା ➪ପୃଷ୍ଠା-୬

## ଗୋଟିଏ ଭୋଟରେ ଅଟକିଛି ଖେଳ





ଭୁବନେଶ୍ୱର, ୧୫।୩ (ସଂଚାର ବ୍ୟୁରୋ) : ରାଜ୍ୟସଭା ଗଣିତ ଏକ ଚୋଚକ ମୋଡ ନେଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଯେଉଁ ସୂଚନା ଆସିଛି, ମାତ୍ର ଗୋଟିଏ ଭୋଟ ଉପରେ ନିର୍ଭର କରୁଛି ଡାକ୍ତର ଦତ୍ତେଶ୍ୱର ହୋତା ଓ ଦିଲ୍ଲୀପ ରାୟଙ୍କ ବିଜୟ କିମ୍ବା ପରାଜୟ। ସଦ୍ୟତମ ଗଣିତ କହୁଛି, ବିଜେଡି ଓ କଂଗ୍ରେସର ମିଳିତ ପାର୍ଥୀଙ୍କୁ ୨୮ରୁ ୨୯ଖଣ୍ଡ ଭୋଟ ମିଳିବ। ସଂତୃପ୍ତ ମିଶ୍ରଙ୍କୁ ୩୦ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ପରେ ବିଜେଡିର ବଳକା ୧୫ଖଣ୍ଡ ଭୋଟ (ସୁବାସିନୀ ଜେନାଙ୍କୁ ମିଶାଇ), ସୋଫିଆ ଫିର୍ଦ୍ଦୋଶଙ୍କୁ ମିଶାଇ କଂଗ୍ରେସର ୧୩ ଖଣ୍ଡ ଭୋଟ (ଦାଶରଥୀ ଗମାଙ୍ଗଙ୍କୁ ବାଦ ଦେଇ) ଓ ଗୋଟିଏ ସିପିଏମ ଭୋଟ ମିଶାଇ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ମିଳିବ ପ୍ରଥମ ପସନ୍ଦର ୨୯ଖଣ୍ଡ ଭୋଟ। ବିଜେଡିର ନବ ମଲ୍ଲିକ, ଚକ୍ରମଣି କହଁର ଓ ସୌଭିକ ବିଶ୍ୱାଳଙ୍କ ଭୋଟ ଡାକ୍ତର ହୋତାଙ୍କ ସପକ୍ଷରେ ଯାଉନଥିବା ଦଳ ହିସାବ କରିଛି। ସେପଟେ ସୁବାସିନୀ ଆଜି ନବୀନ ନିବାସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଛୁଇଁ 'ସାର' ଯାହାକୁ କହିବେ ତାକୁ ଭୋଟ ଦେବେ ବୋଲି କହିଛନ୍ତି। ହେଲେ ସାର କିଏ ନବୀନ ପଟ୍ଟନାୟକ ନା ତାଙ୍କ ସ୍ୱାମୀ ରବୀନ୍ଦ୍ର ଜେନା ତାହା ବୁଝାପୁଡୁନି। କାରଣ ସେ ରବୀନ୍ଦ୍ର ଜେନାଙ୍କୁ ବି ସାର ବୋଲି ସମ୍ବୋଧନ କରନ୍ତି। ସେହିଭଳି ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ୩୦+୩୦=୬୦ ଖଣ୍ଡ ଭୋଟ ଯିବା ପରେ ତିନି ସ୍ୱାଧୀନଙ୍କୁ ମିଶାଇ ୨୨ ଖଣ୍ଡ ପ୍ରଥମ ପସନ୍ଦର ଭୋଟ ଦିଲ୍ଲୀପ ରାୟଙ୍କୁ ଯିବ। ବିଜେଡିରୁ ନିଲମ୍ବିତ ଅରବିନ୍ଦ ମହାପାତ୍ର ଓ ସନା ମହାକୁଡଙ୍କୁ ମିଶାଇ ୨୪ ଖଣ୍ଡ ଭୋଟ। ବିଜେଡିର ➪ପୃଷ୍ଠା-୬

## ମୁଖିଆଙ୍କ ନାଲିଆଖିକୁ ଡରୁନାହାନ୍ତି ଅମାନିଆ



ଭୁବନେଶ୍ୱର, ୧୫।୩ (ସଂଚାର ବ୍ୟୁରୋ) : କ୍ରସ ଭୋଟିଂ ପାଇଁ ମନସ୍ଥିର କରିଥିବା ବିଧାୟକମାନେ ଆଉ ଦଳୀୟ ନେତାଙ୍କ ନାଲିଆଖିକୁ ଡରୁନାହାନ୍ତି। କାରଣ ସେମାନେ ଜାଣିଛନ୍ତି, ଅତି ବେଶୀ ହେଲେ ନିଲମ୍ବନ ଦଣ୍ଡ ମିଳିବ ଓ ବିଧାନସଭାରେ ଅଲଗା ବସିବାକୁ ପଡ଼ିବ। ତେଣୁ ଯେତେ ଯାହା ଧମକ ଦେଲେ ବି ଏମାନେ ଆଉ ଧରାଛୁଆଁ ଦେଉନାହନ୍ତି। ତେଣୁ ଏହି ବିଧାୟକମାନେ କ୍ରସ ଭୋଟିଂ କରିବା ନିଶ୍ଚିତ ବୋଲି ତାଙ୍କର ଦଳୀୟ ନେତାମାନେ ବି ଧରିନେଲେଣି। ରାଜ୍ୟସଭା ନିର୍ବାଚନ ପାଇଁ ୩ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜ ଦଳର ବିଧାୟକଙ୍କ ପାଇଁ ହ୍ୱିପ୍ ଜାରି କରିଛନ୍ତି। ହେଲେ ବିଜେଡିର ଦୁଇ ଓ କଂଗ୍ରେସର ଜଣେ ବିଧାୟକ ଧରାଛୁଆଁ ଦେଉନାହାନ୍ତି। ସେମାନେ ➪ପୃଷ୍ଠା-୬

- ରଦ୍ଦ ହେବ ନାହିଁ ସଭ୍ୟପଦ
- ଅତି ବେଶୀରେ ଦଳରୁ ନିଲମ୍ବନ

## ଅରବିନ୍ଦ ଓ ସନାଙ୍କୁ ଧମକ

### ଦଳ ନିର୍ଦ୍ଦେଶ ନ ମାନିଲେ ପଦ ଯିବ



ରାଜ୍ୟସଭା ଭୋଟକୁ ଆଉ ମାତ୍ର କେଇ ଘଣ୍ଟା ବାକି ଥିବା ବେଳେ ରବିବାର ରାତିଅଧରେ ବିଜେଡି ପକ୍ଷରୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦଳରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ଦଳ ନିଷ୍ପତ୍ତି ବିରୋଧରେ ଭୋଟ ନ ଦେବାକୁ ଚେତାଇ ଦେଇଛନ୍ତି। ଦୁଇ ବିଧାୟକଙ୍କୁ ଚିଠି ଲେଖି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଉଭୟ ଅରବିନ୍ଦ ଓ ସନାତନ ବିଜେଡିରୁ ବହିଷ୍କୃତ ନୁହେଁ, ବରଂ ନିଲମ୍ବିତ ହୋଇଛନ୍ତି। ତେଣୁ ସେମାନେ ଏବେ ବି ବିଜେଡି ଦଳରେ ଅଛନ୍ତି ଓ ଦଳୀୟ ହ୍ୱିପ ମାନିବାକୁ ସେମାନେ ବାଧ୍ୟ। ଯଦି ଦଳୀୟ ହ୍ୱିପର ଅବମାନନା କରନ୍ତି, ତା'ହେଲେ ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁଯାୟୀ ସେମାନଙ୍କ ସଭ୍ୟପଦ ରଦ୍ଦ ହେବ। ୨୦୧୭ରେ ଜେଡିୟୁ ନେତା ଶରଦ ଯାଦବଙ୍କ ଉଦାହାରଣ ଦେଇ ଦୁଇ ନେତାଙ୍କୁ ଚେତାଇ ଦେଇଛନ୍ତି ପ୍ରମିଳା। ସେ କହିଛନ୍ତି ଯେ ୨୦୧୭ରେ ଜେଡିୟୁ ହ୍ୱିପ ଅବମାନନା କରିଥିଲେ ଶରଦ ଯାଦବ। ଏହା ବିରୋଧରେ ରାଜ୍ୟସଭା ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ମିଡ୍ ମାର୍ଚ୍ଚ: ପାଞ୍ଚୋଟି ସ୍କେଚ୍



ପାର୍ଥସାରଥୀ ରାଉତ



### ଯୁଦ୍ଧ

ଉଡି ଆସୁଛନ୍ତି ମାଳମାଳ ଜେଟ୍। ଝର୍କା ଦେଇ ବାହାରୁ ପବନରେ ଭଲି ଉଡି ଆସିଲା ପରି ଉପରୁ ଖସୁଛି ଅସ୍ତ୍ର ବୋମା ଆକାଶରୁ କୁଆପଥର ଖସିଲା ପରି ଥରୁଛି ତେହେରାନ। ଆମେରିକା ଓ ଇସ୍ରାଏଲର ମିସାଇଲ ମାଡରେ ବଢିଚାଲିଛି ଇରାନ ଦେହର ତାତି। ଟିଭିରୁ ଯୁଦ୍ଧର ତାଣ୍ଡବଲୀଳା ଦେଖୁଦେଖୁ ସ୍କୁଲ ପଢୁଆ ପୁଅକୁ ପଚାରିଲେ ସୁଶାନ୍ତ ବାବୁ, କହିଲୁ କେଉଁ ଯୁଦ୍ଧ କେବେ ଲଢାଯାଇଥିଲା ? ହଳଦୀଘାଟରୁ ପାନିପଥ ଯାଏଁ ସବୁ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଲା ପୁଅ। ଖୁସିରେ ଥାଙ୍କ ୟୁ କହି ସୁଶାନ୍ତ ବାବୁ ପିଠି ଆପୁଡାଉଥିବା ବେଳେ ପୁଅ ଆଖିରୁ ଦୁଇ ଟୋପା ଲୁହ ଝରିପଡିଲା। ସେସବୁ ଯୁଦ୍ଧର ତ ନିର୍ଦ୍ଦିଷ୍ଟ ତାରିଖ ଓ ବର୍ଷ ଥିଲା। କିନ୍ତୁ ଘରେ ତ ଅହରହ ଯୁଦ୍ଧ। ବାପା ଆଉ ବୋଉଙ୍କ ଭିତରେ ଏପରି ଯୁଦ୍ଧ ଚାଲିଛି ଯେ ଥମିବାର ନାଁ ଧରୁନି।

### ସୁଭଦ୍ରା

ଗଲାକାଲି ଯାଏଁ ଶାଶୁ ଓ ବୋହୂ ଭିତରେ ଥିଲା ମଧୁଚନ୍ଦ୍ରିକା। କାଲି ମହିଳା ଦିବସରେ ସୁଭଦ୍ରା ପଇସା ଆସିଲା ପରେ ଯାଇ ମୁହଁ ଏପଟକୁ ତା ମୁହଁ ସେପଟକୁ। ମୋବାଇଲରୁ ମେସେଜ ପାଇଲା ପରେ ଶାଶୁ ଖୁସିରେ ଉଛୁଳି ଉଠୁଥିଲା ବେଳେ ବୋହୂର ମୁହଁ ଫୁଲିଛି ବଢ଼ିପାଣି ଆସିଲେ ଗୋବରୀ ନଈ ଫୁଲିଲା ପରି। କ୍ଷତିଗ୍ରସ୍ତ ପୁଅ ଚିନ୍ତେଇଲା, ବାପା ମୁଁ ସ୍କୁଲ ହୋମୱାର୍କ କରୁଛି। ଦୁଃଖ ଶବ୍ଦକୁ ବ୍ୟବହାର କରି ଗୋଟିଏ ବାକ୍ୟ କହିଲା। ଦାସ ବାବୁ ବାକ୍ୟଟିକୁ ପୁରା ଚାଲିଗଲେ। କହିଲେ 'ଦୁଃଖ କ'ଣ... ଯିଏ ସୁଭଦ୍ରା ନପାଇଛି ତାକୁ ପଚାର'! ପାଟିରୁ ବାକ୍ୟ ଖସିଗଲା ପରେ ଆଉ ସମ୍ଭାଳେ କିଏ ! ଘରେ ଏବେ ଅଣବାଣ କହିବା ଆରମ୍ଭ କରିଛି। ଅନେଶୋଚ ମହାବାତ୍ୟା ପରି ପ୍ରଳୟ। ସ୍ତ୍ରୀଙ୍କ ଖଡଗ ମୁଦ୍ରା ଦେଖି ଦାସ ବାବୁ ସ୍ତବ୍ଧ।

### ରାଜ୍ୟସଭା

କାହାର ତାତି ବେଶୀ ମାପିବା ମୁସ୍କିଲ। ମାର୍ଚ୍ଚ ଗରମକୁ କିନ୍ତୁ ଟପିଗଲାଣି ରାଜ୍ୟସଭା ତାତି। କିଏ କାହାକୁ ଭୋଟ୍ ଦେବେ, ଚତୁର୍ଥ ଆସନରୁ କିଏ ଜିତିବ, କ୍ରସ୍ ଭୋଟିଂ ହେବ କି ନାହିଁ ? ଡ୍ରଇଁ ରୁମଠୁ ନେଇ ଚା ଖଟି ପର୍ଯ୍ୟନ୍ତ ସବୁଠି ଏସବୁର ଆଲୋଚନା। ଖପ୍ପା ହେଇ ସ୍ତ୍ରୀ କହିଲେ ଯିଏ ଜିତୁ ତମର ଯାଏଆସେ କେତେ ? ତମେ ତ ଢିଙ୍କିଶାଳରେ ବସିବା ଲୋକ। ଢେଙ୍କାନାଳ ଖବର ରଖୁଛ କିଆଁ ! ଚା ପିଉପିଉ ହସିଲେ ସ୍ୱାମୀ। ଭାବିଲେ, ତମକୁ ନ ବାହା ହୋଇଥିଲେ କେବେଠୁ ରାଜ୍ୟସଭା ଯାଇ ସାରନ୍ତିଣି।

### ହୋଲି

ସତ କହୁଛି, ତମେ ପହଞ୍ଚିବା ପରେ ଯାଇ ମୋତେ ସେଦିନ ହୋଲିହୋଲି ଲାଗିଲା। ଦେଖିଲି, ତମକୁ ଅନ୍ୟମାନେ ହୋଲି କଲେ। ସବା ଶେଷରେ ମୁଁ ରଙ୍ଗ ବୋଳିବାକୁ ଯାଏ ତ ତମେ ମୁହଁ ବୁଲେଇନେଲ। ମୋତେ ଟିକେ ଖରାପ ଲାଗିଲା। ଲାଗିବା ବି ସ୍ୱାଭାବିକ। ମୁହଁ ଓହଳେଇଲି ତ ତମେ ମନକଥା ଖୋଲିକି କହିଲ, ମୋତେ ରଙ୍ଗ ଲଗାଇବା କ'ଣ ଦର୍କାର ? ତମେ ମୋତେ ପ୍ରେମ କରିବା ଦିନଠାରୁ ହିଁ ତ ମୁଁ ରଙ୍ଗୀନ।

### ତାତି

ଖରାର କର୍ଫ୍ୟୁ ଆରମ୍ଭ ହୋଇଗଲାଣି। ଓଃ, ଏବେଠୁ କି ତାତି ମ! ରାସ୍ତାକୁ ଅନେଇଲା ରୋହନ। ଦୋକାନ ଫ୍ରିଜ୍ ଭିତରୁ ଆଖିଠାର ମାରୁଛନ୍ତି ଦହି, ସୋଡା, କୋଲଡ୍ରିଙ୍କସ୍। ଏପଟେ ତାତିରେ ତରଳି ଯାଉଛି ରାସ୍ତା। ସେପଟେ କାର୍ ତଳ ଛାଇରେ ଶୋଇ ଦୁକଦୁକ୍ କରୁଛନ୍ତି କୁକୁର। ସବୁଆଡେ ଶୁଖିଲା ଅନୁଭବ ଓ ନିରାଶା। ଚାରିମାସ ଏଇମିତି ବେରଙ୍ଗ ରହିବ ଦୁନିଆ। ହଠାତ ପଳାସ ଗଛ ଆଖି ଦୁଇଟିକୁ ଟାଣିନେଲା। ଲାଲ ଟୁକଟୁକ୍ ସାଧବ ବୋହୂ। ଭଲ ଲାଗିଲା, ଯାହେଉ ଚାଳିଶ ଡିଗ୍ରୀରେ ବି ଖିଲଖିଲ ହସିପାରୁଛି ପଳାସ।

ମୋବାଇଲ: ୯୪୩୮ ୨୯୦୪୯୧
ଶୈଳଶ୍ରୀବିହାର, ଭୁବନେଶ୍ୱର

## ଲଉଡ଼ି ଖେଳ

ବସନ୍ତ କୁମାର ପ୍ରଧାନ

ଦୋଳ ଯାତରାରେ ଗୋପାଳ ପୁଅଙ୍କ
ଲଉଡ଼ି ଖେଳ ନିଆରା
ଲୋକ ନୃତ୍ୟ ର ଅଟେ ନିଦର୍ଶନ
ସଂସ୍କୃତି ପରମ୍ପରା।

ଅଣ୍ଟାରେ ଘାଗୁଡ଼ି ଶିରେ କେକୀ ଚୂଳ
ଦେହରେ ଛିଟ ବସନ
ହସ୍ତରେ ଲଉଡ଼ି ଧରି ଖେଳିଥାନ୍ତି
ରାଧାକୃଷ୍ଣ ସମର୍ପଣ।

ଗୋପାଳ ଓଗାଳ ଗୀତ ଗାଇ ଗାଇ
ଦେଖାନ୍ତି ନୃତ୍ୟ କୌଶଳ
ଖୋଲା ନଭ ତଳେ ମେଳଣ ପଡ଼ିଆ
ଲାଗଇ ଲୋକ ଗହଳ।

ରାଧାକୃଷ୍ଣ ବେଶେ ସଜ୍ଜାଇ ନିଜକୁ
ତହିଁରୁ ବେନି ଗୋପାଳ
ଢଳି ଢଳି ନାଚି ରହିଣ ମେଳ ରେ
ଦିଅନ୍ତି ସୁଖ ଅତୁଳ।

ଦୁଇ ଗୋଟି କେନ୍ଦୁ ବାଡ଼ି ସାହାଯ୍ୟରେ
ହୁଅଇ ଲଉଡ଼ି ଖେଳ
ଶିଙ୍ଗା ବେଣୁ ବାଦ୍ୟ ମଝିରେ ମଝିରେ
କରିଥାଏ କ୍ରିୟାଶୀଳ।

ସବୁ ଗାଁ ଦାଣ୍ଡ ହୁଏ ଗୋପଦାଣ୍ଡ
ନର ନାରୀ ଗୋପବାସୀ
ଆନନ୍ଦ ଉଲ୍ଲାସେ ପାଳନ କରନ୍ତି
ସବୁ ଜନ ମିଳିମିଶି।

ଓଡ଼ିଶାର ପୂର୍ବ ଆଉ ମଧ୍ୟବର୍ତ୍ତୀ
ଜିଲ୍ଲାରେ ହୁଏ ଏ ପର୍ବ
ଆମ ସଂସ୍କୃତି ପରମ୍ପରା ର
ବଢ଼ାଇ ଅଛି ଗୌରବ।

ହରିହରପୁର
ଛେଣ୍ଡିପଦା, ଅନୁଗୋଳ
ମୋବାଇଲ୍: ୭୭୩୫୬୧୧୪୮୪

## ପ୍ରଦୂଷଣ ସହର

ପ୍ରତିଭା ଦାଶ

ଘରୁ ପାଦ କାଢ଼ିଲା ମାତ୍ରେ
ଚାରି ଦିଗରେ କେବଳ ଅଳିଆ ଆବର୍ଜନା
ସେଥିରୁ ନିର୍ଗତ ହେଉଛି ପଚାସଢ଼ା ଦୁର୍ଗନ୍ଧ
ଯାହା ଆମ ଫୁସ୍ଫୁସକୁ କରୁଛି କ୍ଷତ ବିକ୍ଷତ ।
କେଉଁଠି ମଲା ଜୀବର ଶବ
କେଉଁଠି ନାଳନର୍ଦ୍ଦମାରେ ଭରପୂର ହୋଇଥିବା ମଇଳା
ମିଲରୁ ନିର୍ଗତ ପାଣିର ବାସ
ମଣିଷର ଶରୀରକୁ କରିଛି ରୋଗର ଗନ୍ତାଘର ।
ରାସ୍ତାକଡ଼ରେ ସଜ୍ଜିତ ହୋଇଥିବା ରଙ୍ଗିନ ପୋଲିଥିନର ଗଦା
ଜୀବନ୍ତ ଗଛ ବ୍ୟତୀତ ଚାରିଆଡେ ସଜା ହୋଇଛି କାଠର ଗଛ
ମାଟି ଘର ଭାଙ୍ଗି ନିର୍ମିତ ହୋଇଛି ବଡ଼ ବଡ଼ କୋଠାଘର
ମଣିଷ ହିଁ ସବୁ କାର୍ଯ୍ୟ କରେ ସମ୍ପାଦନ ।
କେମିତି ବାହାରିବ କାଠ ଗଛରୁ ଅମ୍ଳଜାନ
କେମିତି ମୃତ୍ତିକା ହେବ ସଂରକ୍ଷଣ
ବର୍ଷା କିପରି ହେବ ନିୟମିତ
ମାଟିର ଉର୍ବରତା ବଢ଼ିବ କିପରି
ଜଳର ବିଶୁଦ୍ଧତା ବୃଦ୍ଧି ହେବ ବା କେମିତି ?
ସବୁ ଜାଣିଛି ମଣିଷ
ପଢ଼ିଛି ପୁସ୍ତକରେ
କାଗଜ କଲମ ଅଭିନୟରେ
ଲୋକଙ୍କୁ ସଚେତନ କରି
ମିଛ ମିଛିକା ପ୍ରଚାର କରୁଛି
ପରିବେଶର ସୁରକ୍ଷା,ପରିଷ୍କାର ଓ ସଂରକ୍ଷଣ ପାଇଁ |

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି, ନୂଆପଡ଼ା
ମୋବାଇଲ୍: ୭୮୯୪୫୨୮୪୯୩






# ଅହଂକାରର ଘୃଣ୍ୟ ବଳୟ

ଡକ୍ଟର ଲକ୍ଷ୍ମଣ ସାହୁ



ନୂତନ ପ୍ରବୃତ୍ତିର ଅନେକ ରୂପ ଅଛି। ଯାହା ପଛରେ ଆମର ଦୈନନ୍ଦିନ ଆଚରଣ ଭଲ ଓ ମନ୍ଦ ମଧ୍ୟ ସଂଘର୍ଷ ଦ୍ୱାରା ନିୟନ୍ତ୍ରିତ। ମାନବ ଜୀବନର ସବୁଠାରୁ ବଡ଼ ଯୁଦ୍ଧ ବାହ୍ୟ ଜଗତର କଷ୍ଟ ସହିତ ନୁହେଁ, ବରଂ ଆମ ଭିତରେ ଉଠୁଥିବା ଝଡ଼ ସହିତ। ଦେଖାଯାଏ ଯେ ବିଭିନ୍ନ ସାମାଜିକ ଘଟଣାରୁ ସୃଷ୍ଟି ହେଉଥିବା ପରିସ୍ଥିତି, ପ୍ରାୟତଃ ଆମ ନିୟନ୍ତ୍ରଣ ବାହାରେ। କିନ୍ତୁ ଆମ ଚେତନ ମନ ଭିତରେ ଲୁଚି ରହିଥିବା ସକାରାତ୍ମକ ଶକ୍ତି ଏତେ ଶକ୍ତିଶାଳୀ ଯେ ଏହା ପ୍ରତିକୂଳ ଚିନ୍ତାଧାରାକୁ ଅନୁକୂଳ ଚିନ୍ତାଧାରାରେ ପରିଣତ କରିଦେଇପାରିବ।

ଦୈନନ୍ଦିନ ଜୀବନର କାର୍ଯ୍ୟକଳାପ ଆମକୁ ବାରମ୍ବାର ଏପରି ପରିସ୍ଥିତିରେ ପକାଉଥାଏ, ଯେଉଁଠାରେ ଆମର ଶକ୍ତି ମଧ୍ୟ ବିଫଳ ହେବା ପରି ମନେହୁଏ। କିନ୍ତୁ ମଣିଷ ହେବା ଅର୍ଥ ହେଉଛି ଆମେ ଜୀବନର ସବୁଠାରୁ ଚ୍ୟାଲେଞ୍ଜିଂ ପରିସ୍ଥିତିରୁ ଉପରକୁ ଉଠିବାର କ୍ଷମତା ରଖୁ, ଚେଷ୍ଟା ଜାରି ରଖୁ। ପ୍ରତିକୂଳ ପରିସ୍ଥିତି କେତେବେଳେ ଆମକୁ ସୀମିତ କରିପାରେ, କିନ୍ତୁ ଆମେ ସେହି ପରିସ୍ଥିତିକୁ କିପରି ସାମ୍ନା କରିବା ଓ ସେଗୁଡ଼ିକୁ କିପରି ମୂଲ୍ୟାଙ୍କନ କରିବା ତାହା ସର୍ବଦା ଆମର ନିଷ୍ପତ୍ତି ଉପରେ ରହେ।

ଆମର ବିବେକ ସ୍ୱୀକାର କରେ ଯେ ଆମେ ଯନ୍ତ୍ରଣାରେ ଭାଙ୍ଗି ନାହୁଁ ସତ , କିନ୍ତୁ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିନା ଯନ୍ତ୍ରଣାରେ ଛଟପଟ ହେଉଛୁ। ଯେତେବେଳେ ଆମେ ଜାଣିଥାଉ ଯେ କାହିଁକି ଆମକୁ ବଞ୍ଚିବାକୁ ପଡିବ, କିପରି ବଞ୍ଚିବାକୁ ପଡିବ, ସେତେବେଳେ ଆମର ବିବେକ ପଥ ନିର୍ଣ୍ଣୟ କରେ। ଆମେ ଭୌତିକ ମୋହର ପ୍ରତିକୂଳ ସ୍ରୋତରେ ବିଜୟର ପତାକା ଉତ୍ତୋଳନ କରୁଥିବା ବେଳେ, ପୁଣି କେତେବେଳେ ନିଜ ଭିତରେ ଥିବା ଦ୍ୱନ୍ଦ୍ୱ ଦ୍ୱାରା କ୍ଳାନ୍ତ ଓ ପରାସ୍ତ ହୋଇଯାଉ। ବେଳେ ବେଳେ ଭୟ ଓ ସନ୍ଦେହ ଦ୍ୱାରା ଚାଳିତ ହୋଇ, ଆମେ ଆମର କିଛି କାର୍ଯ୍ୟ, ନିଷ୍ପତ୍ତି, ଅତୀତ କିମ୍ବା ପରବର୍ତ୍ତୀ ଘଟଣା ପାଇଁ ନିଜକୁ ଅଭିଶାପ ଦେବା ଆରମ୍ଭ କରୁ। ଯେତେବେଳେ କିଛି ଯନ୍ତ୍ରଣାର ଚିହ୍ନ ମନର କୌଣସି କୋଣରେ ଅଟକିଯାଏ, ସେତେବେଳେ ଆମର ସଚେତନ ବିବେକ ବିବେକର ଅସ୍ତିତ୍ୱର ଗଭୀରତାକୁ ଥରାଇ ଦେବା ଆରମ୍ଭ କରେ।

ବ୍ୟକ୍ତିତ୍ୱ ଭିତରେ ଆତ୍ମସମ୍ମାନର ଶକ୍ତି ଜୀବନରେ ସହଜତା ଓ ସରଳତାର ଫୁଲ ଚାଷ କରୁଥିବା ବେଳେ, ଅହଂକାରର ତରଙ୍ଗ ମସ୍ତିଷ୍କରେ ଆତ୍ମକେନ୍ଦ୍ରିକତା ଓ ଆତ୍ମ-ଆବେଗର ବୀଜ ବୁଣେ। ଏହି ଆଚରଣ ରାତାରାତି ଜଣେ ବ୍ୟକ୍ତିଙ୍କ ମନରେ ମୂଳ ପୋଷଣ କରେ ନାହିଁ , ବରଂ ଏହା ଆମ ସାମାଜିକ ଓ ପାରିବାରିକ ପରିବେଶରେ ଘଟୁଥିବା ଘଟଣା ଯୋଗୁଁ ଧୀରେ ଧୀରେ ବଢ଼ିଥାଏ। କେତେକ ବିଶ୍ୱାସ କରନ୍ତି 'ଅହଂକାର ଜଣେ ବ୍ୟକ୍ତିଙ୍କ ସ୍ୱଭାବର ଏକ ଅକ୍ଷୁର୍ଣ୍ଣ ଅଂଶ, ଯାହାକୁ ଦୂର କରିବା କଷ୍ଟକର।'

ତଥାପି ହଠାତ୍ ଘଟଣା, ପ୍ରେରଣା କିମ୍ବା ଗଭୀର ଅଧ୍ୟୟନ ଯୋଗୁଁ ଏହି ଭାବନାକୁ ଦୂର କରିବା ସମ୍ଭବ ହୋଇଯାଏ। ଏହାର ଗୋଟିଏ ଦିଗ ଆମର ଆତ୍ମ-ସାକ୍ଷାତ, ଆତ୍ମ-ବିଶ୍ୱାସ ଓ ଆତ୍ମ-ପ୍ରଗତିକୁ ପ୍ରତିଫଳିତ କରେ। ଯାହା ଆମକୁ ଆମର ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଯୋଗାଇଦିଏ। ଅନ୍ୟପକ୍ଷରେ ଏହା ଆମକୁ ଅହଂକାର ଓ ସ୍ୱାର୍ଥପରତାର ଛାଞ୍ଚରେ ମଧ୍ୟ ଗଢ଼ି ତୋଳିଥାଏ। ଏହା ଆମକୁ ଆତ୍ମ-ଦୟାର ଅଗଣାକୁ ମଧ୍ୟ ନେଇଯାଏ। ଏପରିକି ଏହା ବ୍ୟକ୍ତିକୁ ନିଜର ଲକ୍ଷ୍ୟ, ଅଧିକାର ଓ ଦାୟିତ୍ୱ ବିଷୟରେ ସଚେତନ କରାଇବା ସହିତ ଏକ ସକାରାତ୍ମକ ଉପସ୍ଥିତି ସୃଷ୍ଟି କରେ।

ଅହଂକାରରେ ଅସୁବିଧା ରହିଛି। କାରଣ ଏହା ଆମକୁ ଏକପାଖିଆ କରିବାକୁ ନେଇଯାଏ। ଆମର ପାରିବାରିକ ଓ ସାମାଜିକ ସମ୍ପର୍କରେ ବାଧା ସୃଷ୍ଟି କରେ, ଯାହା ଆମର ଲକ୍ଷ୍ୟକୁ ବିଚ୍ୟୁତ କରିଥାଏ। ଏହି ପ୍ରବୃତ୍ତି କେତେବେଳେ ଆମକୁ ଅନ୍ୟମାନଙ୍କ ଭାବନା, ଆଶା ଓ ଆବଶ୍ୟକତାକୁ ଅଣଦେଖା କରିବାକୁ ବାଧ୍ୟ କରେ। ପାରସ୍ପରିକ ସମ୍ପର୍କର ବନ୍ଧନକୁ ଦୁର୍ବଳ କରିଦିଏ। ଏହି ଅହଂକାର ଆମକୁ ଅନ୍ୟମାନଙ୍କ ସହିତ ସ୍ୱାଭାବିକ ସମ୍ପର୍କ ବଜାୟ ରଖିବାରେ ବାଧା ଦିଏ। କାରଣ ଆମର ଜିଦ୍ଖୋର ସ୍ୱଭାବ ଯୋଗୁଁ ଆମେ ଆମର ଯୁକ୍ତିର ତଥ୍ୟ ଓ ଗୁଣକୁ ବିଚାର ନକରି ଆମର ମତାମତକୁ ଗ୍ରହଣ କରିବାକୁ ଜିଦ୍ କରୁ। ଆମେ ଅହଂକାରର ପ୍ରଭାବରେ ଆମର ଭୁଲ ସ୍ୱୀକାର କରିବାକୁ କୁଣ୍ଠାବୋଧ କରୁ ଓ ଆତ୍ମ-ଧ୍ୱଜାର ଡିଡିମ୍ବ ବଜାଉ। ଆବଶ୍ୟକତା ସ୍ଥଳେ ଅନ୍ୟମାନଙ୍କ ସମ୍ମୁଖରେ ଭୁଲ କଥା ତିଆରି କରୁ। ଯାହା ଫଳରେ ଆମେ ଆଗକୁ ବଢ଼ିବା ପରିବର୍ତ୍ତେ ପଛରେ ପଡ଼ିଯାଉ। ଏହି ମାନସିକ ଅବସ୍ଥା ଆମକୁ ଭିତରେ ପ୍ରବଳ ଚାପରେ ବାନ୍ଧି ରଖେ। କାରଣ ଆମେ ସବୁବେଳେ ଆମର କୃତ୍ରିମ ପ୍ରତିଛବି ବଜାୟ ରଖିବାକୁ ଚେଷ୍ଟା କରୁ, ଏହାର ଭଲ ପଣିଆ ଆଧାରରେ ଆମର ବ୍ୟକ୍ତିତ୍ୱର ମୂଲ୍ୟାଙ୍କନ କିପରି ହେଉଛି ତାହା ଚିନ୍ତା କରେନାହିଁ ।

ଅତଏବ ଯେତେବେଳେ ଆମେ ଅହଂକାରର ଭ୍ରମରେ ପଡ଼ିଯାଉ, ସେତେବେଳେ ଆମେ ଅନ୍ୟମାନଙ୍କଠାରୁ ଶିଖିବାର ପ୍ରବୃତ୍ତି ଓ କ୍ଷମତା ମଧ୍ୟ ହରାଇଥାଉ। କାରଣ ଏହା ଆମକୁ ବସ୍ତୁନିଷ୍ଠ ଚିନ୍ତାଧାରାରୁ ଦୂରେଇ ଦିଏ। ପ୍ରଶ୍ନ ହେଉଛି କିପରି ଧୀରେ ଧୀରେ ଅହଂକାରର ଦୁର୍ବଳ ସଂଯୋଗକୁ, ଅର୍ଥାତ୍ ଆମର ସମ୍ମାନକୁ ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିବା। ଏହି ଉଦ୍ଦେଶ୍ୟରେ ଆତ୍ମନିରୀକ୍ଷଣକୁ ଏକ ପ୍ରଭାବଶାଳୀ ମାନସିକ ଅବସ୍ଥା ଭାବରେ ବିବେଚନା କରାଯାଏ। ଯେଉଁଠାରେ ଏହି ପ୍ରବୃତ୍ତିର ପ୍ରତ୍ୟେକ ଧାରକୁ ଭାଙ୍ଗିବାକୁ ପଡିବ। ଯଦିଓ ଏହା ଏକ ଜଟିଳ ଓ ଦାବିପୂର୍ଣ୍ଣ ଅଭ୍ୟାସ, ଦୃଢ଼ ଇଚ୍ଛାଶକ୍ତି ସାହାଯ୍ୟରେ ଏହାକୁ ଦୂର କରିବା ପାଇଁ ପ୍ରୟାସ କରାଯାଇପାରିବ।

ପ୍ରତ୍ୟେକ ମାନବ ମସ୍ତିଷ୍କରେ ଅନ୍ତର୍ନିହିତ ସମ୍ଭାବନା ଥାଏ। ଯାହାର ସକାରାତ୍ମକ ଗୁଣଗୁଡ଼ିକ ଜଣେ ବ୍ୟକ୍ତିକୁ ନିଜ ଭିତରେ ଥିବା ଅହଂକାରର କଣିକାଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରିପାରିବ। ଏହି ପ୍ରୟାସ ବ୍ୟକ୍ତିକୁ ଶାରୀରିକ, ମାନସିକ ଓ ଭାବପ୍ରବଣ ଭାବରେ ନିଜକୁ ଉନ୍ନତ କରିବା ପାଇଁ ଅତିରିକ୍ତ ଗୁଣଗୁଡ଼ିକ ବିକଶିତ କରିବାକୁ ମଧ୍ୟ ସକ୍ଷମ କରିପାରେ। ଯେତେବେଳେ ଆମେ ଆମର ଚିନ୍ତାଧାରା ଓ ମନକୁ ନିୟନ୍ତ୍ରଣ ପାଇଁ ଅଭ୍ୟାସ କରିବା ଆରମ୍ଭ କରୁ, ସେତେବେଳେ ଆମେ ବାହ୍ୟ ଭୌତିକ ଆସକ୍ତିରୁ ମଧ୍ୟ ପ୍ରତ୍ୟାହାର କରିବା ଆରମ୍ଭ କରୁ। ଏହି ପ୍ରକ୍ରିୟା ଆମକୁ ଆମର ବ୍ୟକ୍ତିତ୍ୱ ମଧ୍ୟରେ ସକାରାତ୍ମକ ସମ୍ଭାବନାର ଉତ୍ସ ଖୋଜିବାରେ ସାହାଯ୍ୟ କରେ। ଯେହେତୁ ଆମ ଜୀବନର କାର୍ଯ୍ୟକଳାପଗୁଡ଼ିକୁ କୃତ୍ରିମ ବୁଦ୍ଧିମତାର ଏକ ନୂତନ ସଂସ୍କରଣରେ ସମାହିତ କରାଯାଉଛି।

ଦୁନିଆରେ ଏପରି ବହୁତ ଲୋକ ଅଛନ୍ତି ଯେଉଁମାନେ ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ପାଇସାରିଛନ୍ତି। ତା ସତ୍ତ୍ୱେ ବି ସେମାନେ ନିଜ ଆଡକୁ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରାଇବାକୁ ନିରନ୍ତର ଚେଷ୍ଟା କରି ଚାଲିଥାନ୍ତି। ଏହାର ଏକ ମାତ୍ର ମୁଖ୍ୟ କାରଣ ହେଉଛି ,ସେମାନଙ୍କ ଭିତରେ ଲୁଚି ରହିଥିବା 'ଆତ୍ମଗର୍ବ ବା ଅହଙ୍କାର'। ଏହି ଅହଂକାର ବଡ ଅଦ୍ଭୁତ। ଏଥିରୁ ମୁକ୍ତି ପାଇବା ଏତେ ସହଜ ନୁହେଁ। ଅହଂକାରର ମୁଖ୍ୟ ଲକ୍ଷଣ



ହେଉଛି 'ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା'। ସବୁବେଳେ ଚର୍ଚ୍ଚାରେ ରହିବା ପାଇଁ ଅହଙ୍କାରୀ ବ୍ୟକ୍ତି ନିରନ୍ତର ଚେଷ୍ଟା କରିଥାଏ। କାରଣ ଏପରି ବ୍ୟକ୍ତିକୁ ସମସ୍ତଙ୍କର ଧ୍ୟାନର କେନ୍ଦ୍ର ହେବାକୁ ଭଲ ଲାଗେ। ସବୁଠାରେ ' ନିଜର ପ୍ରାଧାନ୍ୟ ପାଇବା ବା ଆଗୁଆ ରହିବା ' ଅହଂକାରର ପ୍ରାଥମିକ ଆବଶ୍ୟକତା। ଯଦି ଏହି କାର୍ଯ୍ୟରେ ସଫଳତା ଲାଭ କଲା ,ତାହେଲେ ଅହଂକାରୀ ବ୍ୟକ୍ତି ନିଜକୁ ଉଚ୍ଚତର ସୋପାନରେ ଦେଖିଥାଏ। ନଚେତ୍ ନିଜକୁ ତୁଚ୍ଛ ମନେ କରି ଦୁଃଖୀ ହୋଇଥାଏ। ଯାହା ଫଳରେ ଉଭୟ କ୍ଷେତ୍ରରେ ଏଭଳି ମଣିଷ ମାନସିକ ଶାନ୍ତିକୁ ହରାଇ ଥାଏ।

ଅହଂକାରୀ ମଣିଷ ପ୍ରକୃତି ବିପକ୍ଷରେ ଅହର୍ନିଶି ଯୁଦ୍ଧ କରିବାର ଆସ୍ଫାଳନ କରିଛି। ଯାହା ଦ୍ୱାରା ପ୍ରକୃତି ପ୍ରତିଶୋଧ ପରାୟଣ ହୋଇଉଠୁଛି। କ୍ଷୁଦ୍ରାତି କ୍ଷୁଦ୍ର ଗୋଟିଏ ଭାଇରସ୍ର ଭୟରେ ଆଜି ପ୍ରବଳ ପରାକ୍ରମୀଶାଳୀ ମଣିଷ ଅସହାୟ ପାଲଟିଛି। ଆଜି ଆମେ ଗୃହବନ୍ଦୀ, ପରିବେଶ ହେଉଛି ଧିରେ ଧିରେ ପରିଷ୍କାର, ନଦୀ ଓ ଆକାଶ ହେଉଛି ନିର୍ମଳ, ବାୟୁମଣ୍ଡଳ ଶୁଦ୍ଧ, ପ୍ରକୃତି ଆଜି ମୁରୁକି ମୁରୁକି ହସୁଛି। ମାନବ ସମାଜର ଉନ୍ନତୀର ଉତ୍ତୁଙ୍ଗ ଆକାଂକ୍ଷା ସବୁ ଧୂଆଁ, ପବନରେ ଉଡିଯାଉଛି। ଶୋଷଣର ବିଷାକ୍ତ ହତିଆର ଅକାମି ହୋଇପଡୁଛି। ନିପୀଡିତ ନିଃଶ୍ୱର ନିଶ୍ୱାସରେ ବିଶ୍ୱ ଜଳିବାକୁ ଯାଉଛି। ଯେଉଁ ଆମେରିକା ଦିନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ପରମାଣୁ ବୋମାରେ ଜାପାନର ହିରୋସୀମା ଓ ନାଗାସାକି ଦୁଇଟି ସହର ଲାଶ୍ ପାଲଟିଗଲା। ଭିଏତ୍ନାମାରେ ୧୭ ବର୍ଷ ଯୁଦ୍ଧ କରି ହଜାର ହଜାର ଲୋକଙ୍କୁ ମାଟିରେ ମିଶାଇଦେଲା। ସଦ୍ଦାମ ହୁସେନ୍ ଗଦ୍ଦାଫିଙ୍କୁ ଗୋଡେଇ ଗୋଡେଇ ହତ୍ୟାକଲା। ସେତେବେଳେ ସେଇ ଆମେରିକାରେ କରୋନା ଭୂତାଣୁରେ ପ୍ରତିଦିନ ମୃତ୍ୟୁ ଶୋଭାଯାତ୍ରା ଚାଲିଥିଲା । ଏବେ ଆମେରିକା ଯୁଦ୍ଧ କରି ବିଶ୍ୱ ଦରବାରରେ ନିଜର ଶକ୍ତି ଦର୍ଶାଇବାକୁ ଚେଷ୍ଟା କରୁଛି। ଅହଂକାରରେ ଅନ୍ଧ ଆମେରିକା। ଚାଲିଥିବା ଯୁଦ୍ଧରେ ଧନୀ, କ୍ଷମତାଶାଳୀ ଦେଶ ମାନେ ସବୁଠୁ ବେଶି କ୍ଷତିଗ୍ରସ୍ତ ହେବାରେ ଲାଗିଛି। ମଣିଷର ଅହଂକାର, ଗର୍ବ ରହିନାହିଁ। ଅହଂକାରୀ ମଣିଷମାନଙ୍କ ମଧ୍ୟରେ ଅସୁର, ରାବଣ, କଂସର ବଂଶଧର ମାନେ ଘୂରି ବୁଲୁଛନ୍ତି। ଆଜି ମଣିଷର ଅହଂକାରକୁ ଅଦୃଶ୍ୟ ଦୃଶ୍ୟମାନ ଯୁଦ୍ଧ ପ୍ରକୃତି ଓ ମାନବ ସମାଜକୁ ଧ୍ୱଂସ କରିବାରେ ଲାଗିଛି। ଏସବୁ ସତ୍ତ୍ୱେ ଆମେ ଯେତେ ଶୀଘ୍ର ଗର୍ବ, ଅହଂକାର ଛାଡି ସମଗ୍ର ବିଶ୍ୱର ମଙ୍ଗଳ ଚିନ୍ତାକରିବା, ସେଦିନ ପ୍ରକୃତି ହୁଏତ ଆମକୁ କ୍ଷମା ଦେଇପାରେ।

ମନେରଖିବାକୁ ହେବ ଅହଂକାର (Ego/Pride) ହେଉଛି ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ଭାବିବା ଓ ଗର୍ବ କରିବାର ଏକ ମାନସିକତା। ଏହା ବ୍ୟକ୍ତିର ବିନମ୍ରତାକୁ ନଷ୍ଟ କରିଥାଏ ଓ ନିଜ ମୁଣ୍ଡ ନିକଟରେ ଅର୍ଥାତ୍ ଅହଂକାରର ଚରମ ସୀମାରେ ରହିଥାଏ। ଏହା ଏକ ନକାରାତ୍ମକ ଗୁଣ ଯାହା ମଣିଷର ପତନର କାରଣ ହୋଇଥାଏ। ଦୃଷ୍ଟାନ୍ତ ସ୍ୱରୂପ ମହାଭାରତ ଯୁଦ୍ଧ ପ୍ରାରମ୍ଭ ପ୍ରାୟ। ଭଗବାନ ଶ୍ରୀକୃଷ୍ଣଙ୍କ ସହାୟତା ଲୋଡ଼ିବା ପାଇଁ ଏକା ସମୟରେ ଉପସ୍ଥିତ ହେଲେ ମାନୀ ଦୁର୍ଯ୍ୟୋଧନ ଓ ଧନୁର୍ବୀର ଅର୍ଜୁନ। ସେ ସମୟରେ ଶ୍ରୀକୃଷ୍ଣ ନିଦ୍ରାଗତ। ସୁତରାଂ ତାଙ୍କ ପାଦ ପାଖରେ ବସି ପଡ଼ିଲେ ଅର୍ଜୁନ ଓ ମୁଣ୍ଡ ପାଖରେ ଥିବା ଏକ ଆସନରେ ଉପନିବେଶ କଲେ ମାନି ଦୁର୍ଯ୍ୟୋଧନ। ଅର୍ଥାତ୍ ଅହଂକାର ମୁଣ୍ଡ ନିକଟରେ ଓ ବିନମ୍ରତା ପାଦ ଦେଶରେ। ସେହି ମୁହୂର୍ତ୍ତରେ ହିଁ ମହାଭାରତ ଯୁଦ୍ଧର ଫଳାଫଳ ନିର୍ଣ୍ଣିତ ହୋଇଗଲା।

ମନେପକାନ୍ତୁ ମହାଭାରତ ଯୁଦ୍ଧରେ ଭୀମ, ଅର୍ଜୁନ ଆଦି ବୀରମାନେ ନିଜ ଶୌର୍ଯ୍ୟ ବଳରେ ଶତ୍ରୁ ସଂହାର କରିଛନ୍ତି ବୋଲି ଅହଙ୍କାରରେ ମତ୍ତ ଥିଲାବେଳେ ଏକା ସୁଦର୍ଶନ ଚକ୍ର ହିଁ ଯୁଦ୍ଧ ଲଢୁଥିଲା ବୋଲି ଶୁଣିଲା ପରେ ସେମାନଙ୍କର ଦର୍ପ ନାଶ ହୋଇଥିଲା। ସେହିପରି ନିଜକୁ ଜଣେ ମହାଶକ୍ତିଶାଳୀ ଯୋଦ୍ଧା ବୋଲି ଜାଣିଲା ପରେ ସୁଦର୍ଶନଙ୍କ ମନରେ ଗର୍ବ ଆସିଥିଲା , ତାଙ୍କଠାରୁ ଶକ୍ତିଶାଳୀ ଆଉ କେହି ନ ଥାଇପାରେ। କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରରେ ସେ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଯେତେବେଳେ ତାଙ୍କୁ ହନୁମାନ ନିଜ ପାଟି ଭିତରେ ଲୁଚାଇ ଦେଇ ସବୁ ସୁରକ୍ଷା ବଳୟ ଭେଦିଯାଇ ପ୍ରଭୁଙ୍କ ପାଖରେ ପହଞ୍ଚିଲେ ଓ ସେଠାରେ ନିଜ ପାଟି ଭିତରୁ ତାଙ୍କୁ ବାହାରକଲେ, ସେତେବେଳେ ଲଜ୍ଜା ଓ ଅପମାନରେ ଜର୍ଜରିତ ହୋଇ ସୁଦର୍ଶନଙ୍କର ଗର୍ବ ଚୂନା ହୋଇଯାଇଥିଲା। ଠିକ୍ ସେଭଳି ଅଳଙ୍କାର ବିଭୂଷିତା ହୋଇ ଶ୍ରୀକୃଷ୍ଣଙ୍କ ପାଖରେ ବସି ନିଜକୁ ସର୍ବଶ୍ରେଷ୍ଠ ସୁନ୍ଦରୀ ବୋଲି ଗର୍ବ କରୁଥିବା ସତ୍ୟଭାମାଙ୍କୁ ଦେଖି ହନୁମାନ ଯେତେବେଳେ ସନ୍ଦେହ ପ୍ରକଟ କଲେ ଯେ ସଂସାରର ସର୍ବଶ୍ରେଷ୍ଠ ସୁନ୍ଦରୀ ତଥା ସ୍ୱୟଂ ଲକ୍ଷ୍ମୀ, ମାତା ସୀତାଙ୍କ ସ୍ଥାନରେ ପ୍ରଭୁଙ୍କ ପାଖରେ ଏ ଦାସୀ କିଏ ବସିଛି। ସେତେବେଳେ ସତ୍ୟଭାମାଙ୍କର ଗର୍ବ ନାଶ ହୋଇଥିଲା। ଭୀମ ଅର୍ଜୁନ ଆଦି ଯୋଦ୍ଧା, ବୀର ସୁଦର୍ଶନ, ଏମିତିକି କୌରବ ପକ୍ଷର ଅନେକ ବୀରଙ୍କର ଅହଂକାର ନାଶର କାହାଣୀ ଅନ୍ତତଃ ଏତିକି ବୁଝାଇ ଦିଏ , ମୁଁ କରୁଛି ବୋଲି ମଣିଷ ଯେଉଁ ଗର୍ବକରେ, ବାସ୍ତବରେ ତାହା ଅଦୃଶ୍ୟ ଭାବରେ ଈଶ୍ୱର ହିଁ ତା'ର କର୍ତ୍ତା। ତେଣୁ ଗୀତାରେ କୁହାଯାଇଛି, "ଅହଂକାର ବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ।"

ଭଗବାନ୍ ଶ୍ରୀକୃଷ୍ଣ ସେମାନଙ୍କ ପାଇଁ ଥିଲେ ବୋଲି ସେମାନେ ସଜାଡ଼ି ହୋଇଗଲେ। ହେଲେ ଏମାନଙ୍କ ଦର୍ପଗଞ୍ଜନ ପାଇଁ ତମ ଆମ ଭଳିଆ ସାଧାରଣ ଲୋକଙ୍କର କ'ଣ ସାମର୍ଥ୍ୟ ଅଛି ? କହିବା ବାହୁଲ୍ୟ ଯିଏ ନିଜକୁ ସୁଧାରିବାକୁ ରାଜି ନ ହୁଏ, ତେବେ ତାକୁ ସ୍ୱୟଂ ଭଗବାନ୍ ସୁଧାରିପାରିବେ ନାହିଁ।

କହିବା ବାହୁଲ୍ୟ ପୃଥିବୀରେ ପାଖାପାଖି ଆଠଶହ କୋଟି ମଣିଷର ଅହେତୁକ ଗର୍ବ ଅହଂକାର ସୀମା ଟପି ଯାଇଛି। ବିଶେଷ କରି ବିଭିନ୍ନ ଦେଶର ଶାସକ ଓ ପୁଞ୍ଜିପତି ମାନଙ୍କର ଅହଂକାର ଯୋଗୁଁ ମାନବ ସମାଜ ଏବେ ଧ୍ୱଂସମୁଖୀ ଆଡ଼କୁ ଗତି କରୁଛି। ମଣିଷ ମଣିଷକୁ ମାରିବା ପାଇଁ କେତେ କଳା କୌଶଳ, ଷଡଯନ୍ତ୍ର ରଚନା କରିଛି ଓ କରୁଛି ତା'ର ପଟ୍ଟାନ୍ତର ନାହିଁ। କ୍ଷମତା ଓ ସମ୍ପତ୍ତି ଲୋଭରେ କେତେ ଯେ ଯୁଦ୍ଧ ଘଟିଗଲାଣି, କୋଟି କୋଟି ମଣିଷ ଅହଂକାରୀ ଯୁଦ୍ଧର ଯଜ୍ଞ ବେଦିରେ ଲୀନ ହେଇଗଲେଣି, ତା'ର ହିସାବ ନିକାଶ କେହି କେବେ ରଖି ନାହିଁ ? କ୍ଷମତାଶୀଳ କେତେକ ଅପରିଣାମଦର୍ଶୀ ଶାସକଙ୍କ ମନୋରଞ୍ଜନ ଯୁଦ୍ଧ ପାଇଁ ରାଜକୋଷ ବରବାଦ୍ କରି ମଣିଷକୁ ପୋକମାଛି ଭଳି ମାରି ଦିଆଯାଉଛି ତାର ହିସାବ ନାହିଁ। କେତେ ପରମାଣୁ ବୋମା, ହାଇଡ୍ରୋଜେନ୍ ବୋମା ତିଆରି କରି ଶତ୍ରୁକୁ ଧ୍ୱଂସ କରିବାରେ ନିକ୍ଷେପ କରାଯାଉଛି। କିନ୍ତୁ ସମଗ୍ର ବିଶ୍ୱରେ ଅଦୃଶ୍ୟ କରୋନା ଭୂତାଣୁକୁ କୌଣସି ଦେଶ ଧ୍ୱଂସ କରିବାକୁ ସକ୍ଷମ ହୋଇପାରୁ ନାହାଁନ୍ତି। ଏବେ ପୃଥିବୀ ସାରା ସବୁ ଦେଶର ସୈନ୍ୟ, ମାରଣାସ୍ତ୍ର ସଜ୍ଜିତ ହୋଇ ରହିଛି। ଅଥଚ ଦିନେ ମିଳିତ ଭାବେ କରୋନା ଭୂତାଣୁକୁ ପରାସ୍ତ କରିବାକୁ ସକ୍ଷମ ହୋଇପାରୁ ନଥିବା ବେଳେ ଏବେ କିନ୍ତୁ ମଣିଷ ସଂହାର କରି ବଡିମା ବଢାଇବାକୁ ଚେଷ୍ଟା କରୁଛନ୍ତି।

ତେଣୁ ଆସନ୍ତୁ ଅହଂକାରର ଘୃଣ୍ୟ ବଳୟ ମଧ୍ୟରୁ ବାହାରି ଆସିବା। ସମୟ ସହ ତାଳଦେଇ ଅହଂକାର ପରିତ୍ୟାଗ କରି ସମୟର ଛାୟାଚିତ୍ରରେ ନିଜକୁ ପ୍ରକାଶ କରିବା। ଆମେ ଆମର ପୂର୍ବପୁରୁଷମାନଙ୍କ ଦ୍ୱାରା ଗଠିତ ଅହଂକାର ଭଳି ପ୍ରାକୃତିକ ମାନବ ପ୍ରବୃତ୍ତିର କିଛି ହଜିଯାଇଥିବା ସୂତ୍ରକୁ ତ୍ୟାଗ କରିବାକୁ ଚେଷ୍ଟା କରିବା। ନିଃସନ୍ଦେହରେ ଏହା ଆମର ସାମାଜିକ ଗଠନର ଉପାଦାନଗୁଡ଼ିକୁ ପୁନରୁଦ୍ଧାର କରିବାର ଦ୍ୱାର ଖୋଲି ଦେବ...!!!

ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋବାଇଲ୍: ୯୦୪ ୧୫୧୪୭୫

ବିଶ୍ୱ ଉପଭୋକ୍ତା ଅଧିକାର ଦିବସରେ କେନ୍ଦ୍ରର ଉପହାର

# ପ୍ରତି ଜିଲ୍ଲାରେ ଗଠନ ହେବ ଜିଆର୍‌ଏଫ୍



ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଉପଲକ୍ଷେ କେନ୍ଦ୍ର ସରକାର ବିଦ୍ୟୁତ ଉପଭୋକ୍ତାଙ୍କୁ ବଡ଼ ଉପହାର ଦେଇଛନ୍ତି। ଉପଭୋକ୍ତାମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ ତଥା ଅକ୍ଷୟ ଶକ୍ତି ଉତ୍ପାଦନ ଓ ସଂରକ୍ଷଣକୁ ପ୍ରୋତ୍ସାହନ ଦେଇ ଦେଶର ସର୍ବାଧିକ ବିଦ୍ୟୁତ ବଣ୍ଟନ ସଂସ୍କାର ପରିପୂରଣ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରାଳୟ ପକ୍ଷରୁ ଉପଭୋକ୍ତା ଅଧିକାର ସଂଶୋଧନ ନିୟମ-୨୦୨୬ର ଚିଠା ଗତ ୧୨ରେ ପ୍ରକାଶ କରାଯାଇଛି। ଚିଠା ନିୟମ ଉପରେ ମତାମତ ରଖିବା ପାଇଁ ଗଜ୍ୟ ସରକାରଙ୍କ ବିଦ୍ୟୁତ ବିଭାଗ ଓ ବିଦ୍ୟୁତ ଅନୁଷ୍ଠାନଗୁଡ଼ିକୁ ଏକ ମାସ ସମୟ ଦିଆଯାଇଥିବା ବେଳେ ଆସନ୍ତା ଅକ୍ଟୋବର ପହିଲାରୁ ଅଧିସୂଚିତ କରିବା ପାଇଁ ଲକ୍ଷ୍ୟ ରହିଛି। ସଂଶୋଧିତ ଚିଠା ନିୟମରେ ଉପଭୋକ୍ତାମାନଙ୍କର ଅଭିଯୋଗଗୁଡ଼ିକର ଦ୍ରୁତ ସମାଧାନ ପାଇଁ ଦ୍ୱିସ୍ତରୀୟ ଅଭିଯୋଗ ସମାଧାନ ମଞ୍ଚ (ଜିଆରଏଫ) ଗଠନ ପ୍ରସ୍ତାବ ରହିଛି। ପ୍ରତି ଜିଲ୍ଲାରେ କିମ୍ବା ପୌରାଞ୍ଚଳରେ ଗୋଟିଏ ଲେଖାଏଁ ଜିଆରଏଫ ଗଠନ ପ୍ରସ୍ତାବ ଥିବା ବେଳେ ବିତରଣ କମ୍ପାନୀ ସ୍ତରରେ ଆଉ ଗୋଟିଏ ଜିଆରଏଫ ଗଠନ ହେବ। ଜିଲ୍ଲା କିମ୍ବା ପୌରାଞ୍ଚଳରେ ଥିବା ଜିଆରଏଫ ଆଦେଶରେ

● ବିଦ୍ୟୁତ ଉପଭୋକ୍ତା ଅଧିକାର (ସଂଶୋଧନ) ନିୟମ-୨୦୨୬ର ଚିଠା ପ୍ରକାଶ
● ଉପଭୋକ୍ତା ପ୍ରତିନିଧି ମଞ୍ଚର ସଭ୍ୟ ରହିବେ

ଉପଭୋକ୍ତା ଅସନ୍ତୁଷ୍ଟ ରହିଲେ ୩ ମାସ ମଧ୍ୟରେ କମ୍ପାନୀ ସ୍ତରରେ ଥିବା ଜିଆରଏଫରେ ଅଭିଯୋଗ କରିପାରିବେ। ସେହିପରି କମ୍ପାନୀ ଜିଆରଏଫ ଅଭିଯୋଗ ସମାଧାନ କରିବାରେ ବିଫଳ ହେଲେ ବିଦ୍ୟୁତ ଲୋକପାଳଙ୍କ ନିକଟରେ ଉପଭୋକ୍ତା ଅଭିଯୋଗ ଦାଖଲ କରିବେ। ଜିଆରଏଫଗୁଡ଼ିକୁ ଜିଆରଏଫ ୪୫ ଦିନ ମଧ୍ୟରେ ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ କରିବେ। ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁସାରେ, ପ୍ରତି ଜିଆରଏଫରେ ୪ ଜଣ ସଦସ୍ୟଙ୍କୁ ବିତରଣ କମ୍ପାନୀ ନିଯୁକ୍ତ କରିବେ। ସେଥିରୁ ଜଣେ ଉପଭୋକ୍ତାଙ୍କ ପ୍ରତିନିଧି ହେବା ଜରୁରୀ। ଜିଆରଏଫଗୁଡ଼ିକ ଉପଭୋକ୍ତାଙ୍କ ଅନଲାଇନ୍ ଆବେଦନକୁ ଗ୍ରହଣ କରିବା ସହ ଆବଶ୍ୟକସ୍ଥଳେ ଶୁଣାଣି କରିବେ। ଉପଭୋକ୍ତାଙ୍କ ଅବଗତି ପାଇଁ ଜିଆରଏଫ ଅବସ୍ଥିତିକୁ ମାସିକ ବିଦ୍ୟୁତ ବିଲରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି। ଉପଭୋକ୍ତାଙ୍କୁ ଦିଆଯାଉଥିବା ଅସ୍ୱାଭାବିକ ବିଲକୁ ନିଜ ଆଡ଼ୁ ଠିକ କରିବା ପାଇଁ ବିତରଣ କମ୍ପାନୀକୁ ୩୦ ଦିନ ସମୟ ଦିଆଯାଇଛି। ମହାନଗର ନିଗମ ଅଞ୍ଚଳର ଅଧିବାସୀଙ୍କୁ ୩ ଦିନ ମଧ୍ୟରେ ନୂତନ ବିଦ୍ୟୁତ ସଂଯୋଗ କିମ୍ବା ମହଜୁଦ ସଂଯୋଗର ପରିବର୍ତ୍ତନ ପାଇଁ ବିତରଣ କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପୌରାଞ୍ଚଳ ପାଇଁ ୭ ଦିନ ଓ ଗ୍ରାମାଞ୍ଚଳ ପାଇଁ ୧୫ ଦିନ ସମୟ ଦିଆଯାଇଛି। ଚିଠା ନିୟମରେ ଅକ୍ଷୟ ଶକ୍ତି ଉତ୍ପାଦନ ଓ ବିଦ୍ୟୁତ ସଂରକ୍ଷଣ ବୃଦ୍ଧି କରିବା ତଥା ସର୍ବୋଚ୍ଚ ବିଦ୍ୟୁତ ଚାହିଦାକୁ ନିୟନ୍ତ୍ରଣ କରିବା ପାଇଁ ଟିଓଡି (ଟାଇମ ଅଫ ଡେ) ଟାରିଫ ମାଧ୍ୟମରେ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ୨୦୨୦ ମୂଳ ନିୟମ ଅନୁସାରେ ଅଦ୍ୟାବଧି ଓଭରସାଇଟ ପରଷଦ ନେକନାହାନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଭରସାଇଟ ଅଧ୍ୟକ୍ଷ ଭାବେ ଯୋଗଦେବା ପରେ ତାହାକୁ ଲାଗୁ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ ବି ଅଦ୍ୟାବଧି ତାହା ଅଧିସୂଚିତ ହୋଇନାହିଁ। ଓଡ଼ିଶାରେ ଏବେ ୧୮ଟି ଜିଆରଏଫ ୧୬ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ବେଳେ ବାକି ଜିଲ୍ଲାରେ ୧୪ଟି ପ୍ରତିଷ୍ଠା ହେଲେ ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ସହ ଅଧିକାର ସୁରକ୍ଷିତ ହୋଇପାରିବ।

ବ୍ଲୁ ଇକୋନୋମି ସମ୍ମିଟ୍-୨୦୨୬ରେ ଓଡ଼ିଶାର ରୋଡମ୍ୟାପ

# ବନ୍ଦରଭିତ୍ତିକ ସହରାଞ୍ଚଳ ଜରିଆରେ ଅର୍ଥନୀତିକୁ ନୂଆ ଗତି



ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷା ଉଷା ପାଢ଼ୀ ଏଠାରେ ଆୟୋଜିତ ଗ୍ଲୋବାଲ୍ ବ୍ଲୁ ଇକୋନୋମି ସମ୍ମିଟ୍- ୨୦୨୬ରେ ରାଜ୍ୟର ନୀଳ ଅର୍ଥନୈତିକ ବିକାଶ ପାଇଁ ଏକ ରୋଡମ୍ୟାପ୍‌କୁ ଉନ୍ମୋଚନ କରିଛନ୍ତି। ଏହା ମାଧ୍ୟମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ନବସୃଜନ ଓ ଉପକୂଳବର୍ତ୍ତୀ ଅଞ୍ଚଳର ସମୃଦ୍ଧିକୁ ନୂତନ ଗତି ମିଳିବ ବୋଲି ଆଶା କରାଯାଉଛି।

ରାଜ୍ୟର ୪୮୦ କିମିରୁ ଅଧିକ ଦୀର୍ଘ ଉପକୂଳ ରେଖା ଓଡ଼ିଶାକୁ ବ୍ଲୁ ଇକୋନୋମି କ୍ଷେତ୍ରରେ ବିଶେଷ ରଣନୈତିକ ସୁବିଧା ପ୍ରଦାନ କରୁଥିବା କଥା ଉଲ୍ଲେଖ କରି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଏହି ସମ୍ଭାବନାକୁ ସ୍ଥାୟୀ ଓ ପରିବେଶ- ସମନ୍ୱିତ ଉନ୍ନୟନରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ରୋଡମ୍ୟାପର କେନ୍ଦ୍ରବିନ୍ଦୁ ହେଉଛି 'ପୋର୍ଟ- ଲେଡ୍ ଅର୍ବାନାଇଜେସନ୍'। ଏହା ଅନୁଯାୟୀ, ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରକୁ କେନ୍ଦ୍ର କରି ବ୍ଲୁ ଇକୋନୋମି ଇଣ୍ଡଷ୍ଟ୍ରିଆଲ୍ ହବ ଗଢ଼ି ଉଠିବ, ଯାହା ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଗ୍ରୀନ୍ ଶିପିଙ୍ଗ୍ ଓ କୃତ୍ରିମ ବୁଦ୍ଧିମତା ଆଧାରିତ ସାମୁଦ୍ରିକ ପରିଚାଳନା ଭଳି ଉଦୀୟମାନ କ୍ଷେତ୍ରରେ ନିବେଶକୁ ଉତ୍ସାହିତ କରିବ। ସେହିପରି ଡିଜିଟାଲ୍ ରୂପାନ୍ତରଣ, ଶିଳ୍ପ ଦକ୍ଷତା ବୃଦ୍ଧି ଓ ବ୍ୟବସାୟ କରିବାର ସହଜତା ଉଦ୍ୟମ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀ ଓ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ଆକର୍ଷଣୀୟ ଲକ୍ଷ୍ୟସ୍ଥଳରେ ପରିଣତ କରୁଛି। ନୀଳ ଅର୍ଥନୀତିର ବିକାଶ ସହ ଉପକୂଳ ପରିବେଶ ସୁରକ୍ଷା ଓ ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି। ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନା, ସି- ୱିଡ୍ ଚାଷ ଓ ପରିବେଶ- ଅନୁକୂଳ ସାମୁଦ୍ରିକ ପର୍ଯ୍ୟଟନକୁ ଏହି ରଣନୀତିର ପ୍ରମୁଖ ଅଂଶ ଭାବେ ଚିହ୍ନଟ କରାଯାଇଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

## ଗଛ ସହ ପିଟିହେଲା କାର୍: ଦୁଇ ମୃତ

ବୁଗୁଡ଼ା,୧୫।୩(ସଂଚାର ବ୍ୟୁରୋ): ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡ଼ା ଗ୍ରାମ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଓ ଝିଅ ଆହତ ହୋଇଛନ୍ତି। ମୃତକ ଦ୍ୱୟ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଛାମୁସାହିର ମା' କୁନମୁନ ଚୌଧୁରୀ (୩୪) ଓ ପୁଅ ଦେବାଶିଷ ଚୌଧୁରୀ (୯)। ଏନେଇ ବୁଗୁଡ଼ା ଥାନାରେ ୧୧୮/୨୬ରେ ଏକ ମାମଲା ରୁଜୁ କରାଯାଇଛି। ମିଳିଥିବା ସୂଚନାନୁସାରେ, ଓଡ଼ଗାଁର ଜଣାଶୁଣା ସିମେଣ୍ଟ ବ୍ୟବସାୟୀ ଦେବ ପ୍ରସାଦ ଚୌଧୁରୀ, ପତ୍ନୀ କୁନମୁନ ଓ ପୁଅ ଦେବାଶିଷ ଏବଂ ଦେଢ଼ବର୍ଷର ଝିଅ ଦିବ୍ୟାଂଶୀଙ୍କୁ ନେଇ କାର୍‌ରେ ବ୍ରହ୍ମପୁରରୁ ଫେରୁଥିବା ସମୟରେ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ତାକରଡ଼ା ଗ୍ରାମ ପୂର୍ବରୁ ଗାଡ଼ିଟି ରାସ୍ତା ପାର୍ଶ୍ୱ ଗଛକୁ ଧକ୍କା ଦେଇ ବିଲ ଭିତରକୁ ପଶିଯାଇଥିଲେ।

## କବିତା ପୁସ୍ତକ 'ଭୁଲିତ ପାରୁନି' ଲୋକାର୍ପିତ



ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ):ସ୍ଥାନୀୟ ଜୟଦେବ ଭବନଠାରେ ଆଜି ବିଶିଷ୍ଟ କବି ସୋମନାଥ ସୁନ୍ଦରରାୟଙ୍କ କବିତା ପୁସ୍ତକ 'ଭୁଲିତ ପାରୁନି' ଓ ଏହାର ଏକ ସଙ୍ଗୀତ ଆଲବମ୍ ଲୋକାର୍ପିତ ହୋଇଛି। ଓଡ଼ିଆ ସାହିତ୍ୟପ୍ରେମୀଙ୍କ ଗହଳିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଭାଷା ଓ ସଂସ୍କୃତିର ଏକ ନିଆରା ସମନ୍ୱୟ ସୃଷ୍ଟି କରିଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ସୁସାହିତ୍ୟିକ ଡକ୍ଟର ରବିନାରାୟଣ ସେନାପତି ଯୋଗଦେଇ କବିଙ୍କ ଲେଖନୀର ପ୍ରଶଂସା କରିବା ସହ କବିତା କେବଳ ଶବ୍ଦର ସମାହାର ନୁହେଁ, ବରଂ ଏହା ମଣିଷର ଅକୁହା ଭାବନାକୁ ରୂପ ଦିଏ ବୋଲି କହିଛନ୍ତି। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ଆୟୁକ୍ତ ଓ ସଚିବ ଦାଶରଥୀ ଶତପଥୀ, ଆୟ କର ବିଭାଗର ପୂର୍ବତନ ଆୟୁକ୍ତ ଶରତ କୁମାର ଦାଶ, ବିଜେବି ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ରମେଶ ଦାସ, କର୍ପୋରେଟର୍ ମାନସୀ ସୁନ୍ଦରରାୟ ଯୋଗଦେଇଥିଲେ। ବକ୍ତାମାନେ ସେମାନଙ୍କ ଅଭିଭାଷଣରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ କହିଥିଲେ ଯେ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ବଢ଼ୁଥିବା ଆଗ୍ରହ ଆମ ସଂସ୍କୃତିର ସମୃଦ୍ଧି ପାଇଁ ଏକ ଶୁଭ ସଂକେତ। 'ଭୁଲିତ ପାରୁନି' ପୁସ୍ତକରେ ଥିବା ୮ଟି କବିତାର ସଙ୍ଗୀତ ଆଲବମ୍ ଶ୍ରୋତାଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଏକ କବିତା ପାଠ ଉତ୍ସବ ଓ ଆଲବମ୍‌ରେ କଣ୍ଠଦାନ କରିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୁନ୍ଦରରାୟ ଧନ୍ୟବାଦ ଦେଇଥିଲେ।

● ଖଣ୍ଡାରେ ଆକ୍ରମଣ ମାମଲା

## ଯୁବତୀଙ୍କ ସମେତ ୪ ଗିରଫ




ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ସ୍ଥାନୀୟ ବଡ଼ଗଡ଼ ଥାନା ଅଞ୍ଚଳରେ ଆତଙ୍କ ଖେଳାଇବା ଓ ସଂଘବଦ୍ଧ ଆକ୍ରମଣ କରିବା ଘଟଣାରେ ଗତକାଲି ସ୍ଥାନୀୟ ପୁଲିସ ଜଣେ ଯୁବତୀଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଂଗ୍ରାମ ଜେନା, ପ୍ରତ୍ୟୁଷ ନାୟକ, ଆଦିତ୍ୟ କହଁର ଓ ପୂଜା ବେହେରା। କିନ୍ତୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଷ୍ପା ଓରଫ ପି. ରାମଲୁ ଏବେ ବି ଫେରାର ରହିଛି। ମିଳିଥିବା ସୂଚନାନୁଯାୟୀ, ଗତ ଗୁରୁବାର ଅପରାହ୍ଣରେ ୪ ଅଭିଯୁକ୍ତଙ୍କ ସହ ରାମୁଲୁ ଗୌତମ ନଗର ବସ୍ତି ନିକଟରେ ଆତଙ୍କ ଖେଳାଇଥିଲେ। ସେମାନେ ସଂଘବଦ୍ଧ ଭାବେ ସ୍ଥାନୀୟ ଅଞ୍ଚଳର ୨ ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହେଇଥିଲା। ଏହି ଘଟଣାକୁ କମିଶନରେଟ ପୁଲିସ ଗୁରୁତର ଭାବେ ନେଇ ତଦନ୍ତ ପରେ ଗିରଫ ପୂଜା ମୁଖ୍ୟ ଅଭିଯୁକ୍ତ ରାମଲୁର ବାନ୍ଧବୀ ବୋଲି ଜାଣିବାକୁ ପାଇଛି। ଏଥିସହ ପୁଲିସ୍ ଅଭିଯୁକ୍ତମାନଙ୍କଠାରୁ ଏକ ଖଣ୍ଡା ଓ ବାଇକ ମଧ୍ୟ ଜବତ କରିଥିବା ଜଣାପଡ଼ିଛି।

● ଜେଲ ଭିତରେ କଏଦୀଙ୍କ ମୃତ୍ୟୁ ଘଟଣା

## ଜେଲ୍ ଡିଆଇଜିଙ୍କ ତଦନ୍ତ ଆରମ୍ଭ

ବଲାଙ୍ଗୀର,୧୫।୩(ସଂଚାର ବ୍ୟୁରୋ): ଗତକାଲି ବଲାଙ୍ଗୀର ଜେଲ ଭିତରେ ଜନୈକ କଏଦୀଙ୍କ ଝୁଲନ୍ତା ମୃତଦେହ ମିଳିଥିବା ବେଳେ ଏନେଇ ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିଲେ। ଆଜି ପୂର୍ବାହ୍ନରେ ଜେଲ୍ ଡିଆଇଜି ଗରିବ ସାହୁ ବଲାଙ୍ଗୀର ଜିଲ୍ଲା ଜେଲ୍‌ରେ




ପହଞ୍ଚି ଏହି ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ଜେଲ ଭିତରେ କିଭଳି ଭାବେ କଏଦୀଙ୍କ ମୃତ୍ୟୁ ହେଲା, କୌଣସି ପ୍ରକାର ଅସୁବିଧା ରହିଥିଲା କି, ସେନେଇ ଡିଆଇଜି ତଦନ୍ତ କରିଛନ୍ତି। ତଦନ୍ତ ସରିବା ପରେ ସେ ଜେଲ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଭୋର ସମୟରେ ବଲାଙ୍ଗୀର କାରାଗାରରେ ସଜା କାଟୁଥିବା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁଙ୍କ ପୁଅ ଗୋପାଳ (୩୭)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଘଟଣାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଆଜି ଡିଆଇଜି ଜେଲରେ ପହଞ୍ଚି ତଦନ୍ତ କରିଛନ୍ତି।

'ଓଡ଼ିଶା ପର୍ବ'ରେ ଯୋଗଦେଲେ ରାଜ୍ୟପାଳ

# ବିକଶିତ ଓଡ଼ିଶା ଗଢ଼ିବାକୁ ସାମୂହିକ ସଂକଳ୍ପ ପାଇଁ ଆହ୍ୱାନ




ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ- ୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ, ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ।ଚଳିତ ବର୍ଷର ବିଷୟବସ୍ତୁ 'ସଂସ୍କୃତି ଓ ପ୍ରକୃତି' ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି, ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି। ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ, ପାରମ୍ପରିକ ସଙ୍ଗୀତ, ଖାଦ୍ୟ ପରମ୍ପରା ଏବଂ ବୁଦ୍ଧିଜୀବୀ ଆଲୋଚନା ମାଧ୍ୟମରେ ଏହି ପର୍ବ ଦର୍ଶକଙ୍କୁ ଓଡ଼ିଶାର ଜୀବନ୍ତ ଜୀବନଧାରା ଓ ସମୃଦ୍ଧ ଐତିହ୍ୟର ଏକ ଦୃଶ୍ୟ ଦେଇପାରିଛି। ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ି ତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକିର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ଅମୂଲ୍ୟ ଅବଦାନକୁ ରାଜ୍ୟପାଳ କହିଛନ୍ତି।

## ଦେଶୀ ମଦ, ମହୁଲ ଫୁଲ ଜବତ: ୩ ଗିରଫ

ବଞ୍ଜୋ,୧୫।୩ (ସଂଚାର ବ୍ୟୁରୋ) : ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଚଢ଼ାଉ କରାଯାଇଛି। ହାଟଡିହି ଅବକାରୀ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଘସିପୁରା ଥାନା ବାଲିପାଳ ଓ ନନ୍ଦିପଦା ଥାନା ଅନ୍ତର୍ଗତ ଅଙ୍କରା, ପୁରୁଣାପାଣି ଅଞ୍ଚଳରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ୭ କ୍ୱିଣ୍ଟାଲ ୨୦ କିଗ୍ରା ମହୁଲ ଫୁଲ ଓ ୧୭୨ ଲିଟର ଦେଶୀ ରନ୍ଧା ମଦ ଓ ୨୨୦୦ ଲିଟର ମହୁଲ ପୋଚ ଜବତ ହେବା ସହ ଏକ ମହିନ୍ଦ୍ରା ପିକଅପ ଭ୍ୟାନକୁ ବି ଜବତ କରାଯାଇଛି। ଘଟଣାରେ ଜର ଗ୍ରାମର ଅଜୟ ସାହୁ ଓ ଲଜଣ ପୁତି ଓ ହାଟଡିହି ଏରିଆରେ ଅଙ୍କରା ଗ୍ରାମର ଟୁନା ମୁଣ୍ଡା ଓ ବସନ୍ତ ମେନା ନାମରେ ୨ଟି ଅବକାରୀ ମାମଲା ଓ ରେଞ୍ଜ ପକ୍ଷରୁ ଗୋଟିଏ ଅବକାରୀ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

ଓଡବ୍ଲ୍ୟୁଏମ୍‌ର ୩ୟ ପ୍ରତିଷ୍ଠା ଦିବସ

## ବୃତ୍ତିଗତ ଦାୟିତ୍ୱ ଓ ବ୍ୟକ୍ତିଗତ ସୁଖର ସନ୍ତୁଳନ ନେଇ ଆଲୋଚନା




ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ଓଡ଼ିଶାର ଗଣମାଧ୍ୟମ ଓ ତତସମ୍ପର୍କିତ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ମଞ୍ଚ ଓଡ଼ିଶା ୱିମେନ୍ ଇନ୍ ମିଡିଆ (ଓଡବ୍ଲ୍ୟୁଏମ୍)ର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଅତିଥିମାନେ ବୃତ୍ତିଗତ ଦାୟିତ୍ୱ ସହ ବ୍ୟକ୍ତିଗତ ସୁସ୍ଥତା ମଧ୍ୟରେ ସନ୍ତୁଳନ ରଖିବା ପାଇଁ ଆତ୍ମଯତ୍ନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ପାମେଲା ଫିଲିପୋଜ୍ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କୌଣସି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ସ୍ୱୀକୃତି କେତେ ଗୁରୁତ୍ୱପୂର୍ଣ୍ଣ, ତା'ର ବିଶ୍ଳେଷଣ କରି ସେ ନ୍ୟୁଜରୁମରେ ତାଙ୍କର ଦଶକ ଦୀର୍ଘ ଅନୁଭବ ବଖାଣିଥିଲେ। ବେଦାନ୍ତ ଆଲୁମିନିୟମର ସିଏସଆର୍ ମୁଖ୍ୟ ହରମିତ ସେହରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁଖ ଏକ ପସନ୍ଦ ଓ ମାନସିକତା ଏବଂ ଆମେ ନିଜେ ଆମ ନିୟମ ଲେଖିପାରୁ ବୋଲି କହିଥିଲେ। ପ୍ରଥମ ଓଡବ୍ଲ୍ୟୁଏମ୍ ଲାଇଫଟାଇମ୍ ଆଚିଭମେଣ୍ଟ ସମ୍ମାନ ପାଇଥିବା ବରିଷ୍ଠ ସାମ୍ବାଦିକା ଶାନ୍ତି ମିଶ୍ର ଡେସ୍କର ଚାହିଦା ବିଷୟରେ କହିଥିଲେ। ସ୍ୱାତି ଜେନା ଓ ଗାର୍ଗୀ ଶତପଥୀଙ୍କୁ ୨୦୨୬ ପାଇଁ ଓଡବ୍ଲ୍ୟୁଏମ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ଉଦଯାପନୀ ଅଧିବେଶନରେ ଆଇଏମ୍‌ଏସ୍‌ଏସ୍ ହସ୍ପିଟାଲ୍‌ର ଅତିରିକ୍ତ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା. ତାପସୀ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଦିଲ୍ଲୀପଙ୍କ ପ୍ରାର୍ଥିତ୍ୱ ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ




ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ ବିଜେପି ଦଳର ଘୋଡ଼ା ବେପାରକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱ ଉପରେ କଂଗ୍ରେସ ପ୍ରଶ୍ନଚିହ୍ନ ଲଗାଇଛି।। ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଓ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗ ଦେଇଥିଲେ।

ଶ୍ରୀ ଲଲ୍ଲୁ କହିଲେ ବିଜେପି ଏକ ଭ୍ରଷ୍ଟ ଦଳ ବୋଲି ନିଜକୁ ପ୍ରମାଣିତ କରିଛି। ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ବିଜେପି ଦୁଇ ଜଣ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଦେଇଥିଲା ଏବଂ ବିଜେଡ଼ି ମଧ୍ୟ ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ଜଣଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ କଂଗ୍ରେସର ୧୪ ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି। ତେଣୁ ଏକ ଅଣରାଜନୈତିକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସ୍ୱାର୍ଥ ପାଇଁ ପ୍ରାର୍ଥୀ କରିବାକୁ ସମଭାବାପନ୍ନ ଦଳ ବିଜେଡ଼ିକୁ କଂଗ୍ରେସ ଆହ୍ୱାନ କରିଥିଲା। ଫଳରେ ବିଜେଡି ଓ କଂଗ୍ରେସ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଚତୁର୍ଥ ପ୍ରାର୍ଥୀ ଘୋଷଣା କରିଥିଲେ। ସଂଖ୍ୟା ଦୃଷ୍ଟିରୁ ଡାକ୍ତର ଦତ୍ତେଶ୍ୱର ହୋତା ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରିଥାନ୍ତେ। କିନ୍ତୁ ବିଜେପି ନିଜର ସଂଖ୍ୟା ନ ଥାଇ ମଧ୍ୟ ପଞ୍ଚମ ପ୍ରାର୍ଥୀଙ୍କୁ ସମର୍ଥନ ଦେଲା। ଏହା ସିଧାସଳଖ ଘୋଡା ବେପାରକୁ ଆମନ୍ତ୍ରଣ ବୋଲି ଶ୍ରୀ ଲଲ୍ଲୁ ଅଭିଯୋଗ କରିଛନ୍ତି। ଏଥିସହ ଦିଲ୍ଲୀପ କୋଇଲା ଆବଣ୍ଟନ ମାମଲାରେ ଦୋଷୀ ସାବସ୍ତ୍ୟ ହୋଇ ୩ ବର୍ଷ ଜେଲ୍ ଯାଇଛନ୍ତି। ତେଣୁ ତାଙ୍କ ପରି ଜଣେ ଦୁର୍ନୀତିଗ୍ରସ୍ତଙ୍କୁ ସମର୍ଥନ ଦେଇ ବିଜେପି ଦୁର୍ନୀତିଖୋର ବୋଲି ନିଜକୁ ପ୍ରମାଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହ ଆଗାମୀ ରାଜ୍ୟସଭା ନିର୍ବାଚନରେ କଂଗ୍ରେସର ସମସ୍ତ ବିଧାୟକ ଡାକ୍ତର ହୋତାଙ୍କୁ ହିଁ ଭୋଟ୍ ଦେବେ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ ଅଧ୍ୟକ୍ଷ ଶ୍ରୀ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ପରିଚାଳନା କରିଥିଲେ।

## ପତ୍ନୀଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

### ଅନାଥ ହୋଇଗଲା ୨ ବର୍ଷର ଶିଶୁକନ୍ୟା

ବାହାନଗା,୧୫।୩(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ବରିପଦା ପଞ୍ଚାୟତ ମହାରୁଦ୍ରପୁର ଗ୍ରାମରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା। ପତ୍ନୀଙ୍କ ଚରିତ୍ରରେ ସନ୍ଦେହ ଯୋଗୁଁ ହସଖୁସିର ସଂସାର ଉଜୁଡ଼ିଯାଇଛି। ସ୍ୱାମୀ ପରେଶ ମାଝୀ (୨୨) ତାଙ୍କ ପତ୍ନୀ ରଶ୍ମିରେଖାଙ୍କୁ ହତ୍ୟା କରିବା ସହ ପରେ ଆତ୍ମହତ୍ୟା କରିଛନ୍ତି।

ମିଳିଥିବା ସୂଚନାନୁସାରେ, ମହାରୁଦ୍ରପୁର ଗ୍ରାମର ଦିବାକର ମାଝୀଙ୍କ ପୁଅ ପରେଶ ୪ ବର୍ଷ ତଳେ ବାସୁଦେବପୁର ଥାନା ନୂଆଁଗାଁର ଗୟାଧର ପରିଡ଼ାଙ୍କ ଝିଅ ରଶ୍ମିରେଖାଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ କନ୍ୟା ସନ୍ତାନ ମଧ୍ୟ ଅଛି। ତେବେ ଗତ କିଛି ଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହକୁ ନେଇ କଳହ ଲାଗିରହିଥିଲା। ଅନେକ ସମୟରେ ପରେଶ ମଦ୍ୟପାନ କରି ପତ୍ନୀଙ୍କ ସହ ପାଟିତୁଣ୍ଡ ଓ ମାରପିଟ କରୁଥିଲେ, ଯାହାକୁ ନେଇ ପୂର୍ବରୁ ଅନେକ ବାର ଭଦ୍ରଲୋକଙ୍କ ଦ୍ୱାରା ସମାଧାନ କରାଯାଇଥିଲା। ଗତକାଲି ରାତିରେ ସମାନ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା



ହୋଇଥିଲା। ନିଶାସକ୍ତ ଥିବା ପରେଶ ଉତ୍ତ୍ୟକ୍ତ ହୋଇ ରଶ୍ମିରେଖାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ସେ ଭୟଭୀତ ହୋଇ ପରେଶ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରେଶଙ୍କ ବାପା ଦିବାକର ରାତିରେ ସମୁଦ୍ରରୁ ମାଛ ମାରି ଫେରିବା ପରେ ସେମାନଙ୍କ ୨ ବର୍ଷୀୟା ଝିଅର କାନ୍ଦ ଶୁଣି ପୁଅ ଘରକୁ ଯାଇଥିଲେ। ସେଠାରେ ବୋହୂ ରଶ୍ମିରେଖା ତଳେ ମୃତାବସ୍ଥାରେ ପଡ଼ିଥିବା ଦେଖି ସେ ଚମକି ପଡ଼ିଥିଲେ। ପରେ ସେ ପରେଶଙ୍କୁ ଖୋଜାଖୋଜି କରିବା ସମୟରେ ଘର ପଛପଟ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇବା ପରେ ଗୋପାଳପୁର ଥାନା ପୁଲିସକୁ ଖବର ଦିଆଯାଇଥିଲା। ଆଜି ସକାଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ମିଳିନି ଶାସ୍ତ୍ରୀୟ ମାନ୍ୟତା



ଭୁବନେଶ୍ୱର,୧୫।୩: ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ୍ୟ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟକୁ ଏଯାବତ୍ ଶାସ୍ତ୍ରୀୟ ମାନ୍ୟତା ମିଳିନାହିଁ। ଶାସ୍ତ୍ରୀୟ ମାନ୍ୟତା ସତ୍ତ୍ୱେ ଅଦ୍ୟାବଧି ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ଦପ୍ତରରେ ଓଡ଼ିଆ ଭାଷାରେ ନଥିପତ୍ର କାମ ଓ ଚିଠିପତ୍ର ଆଦାନ ପ୍ରଦାନ ହୋଇପାରୁନାହିଁ। କେବଳ ସେତିକି ନୁହେଁ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ପ୍ରତିଷ୍ଠାନ ଲାଗି ଘର ଖଣ୍ଡେ ତିଆରି ହୋଇପାରୁନାହିଁ କି ଏହାର ସ୍ଥାୟୀ ନିର୍ଦ୍ଦେଶକ ଓ ପରିଚାଳନା କମିଟି ସଦସ୍ୟଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉନାହିଁ। ରାଜ୍ୟରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ହଜାର ହଜାର ସଂଖ୍ୟାରେ ବନ୍ଦ ହୋଇଯାଉଥିବାବେଳେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂଖ୍ୟା କିନ୍ତୁ ବଢ଼ିବାରେ ଲାଗିଛି।

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ଚାଲିଥିବା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ୯୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଏଭଳି ମତ ପ୍ରକାଶ ପାଇଛି। ପ୍ରଫେସର ପଟ୍ଟନାୟକ ମଧ୍ୟ ସମ୍ବର୍ଦ୍ଧନାର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଓଡ଼ିଆ ସମାଜର ସମୃଦ୍ଧି ପାଇଁ ପ୍ରତି ଓଡ଼ିଆ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଂକଳ୍ପବଦ୍ଧ ସାଧକ ଭାବେ କାମ କରିବାକୁ ନିବେଦନ କରିଛନ୍ତି। ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ଦେଶ ବିଦେଶରେ ଭାଷାର ବିକାଶ ପାଇଁ ଦେବୀବାବୁଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିବା ସହ ତାଙ୍କୁ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଭାବେ ଅଭିହିତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟାୟନର ମିଳିତ ଉଦ୍ୟମରେ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ଦେବଦାସ ଛୋଟରାୟ, ନିବେଦିତା ମହାନ୍ତି, ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଜ୍ଞାନଦେବ ମହାରାଣା, ପ୍ରହଲ୍ଲାଦ ସିଂହ, ଫନି ମହାନ୍ତି, ପ୍ରିୟମ୍ବଦା ମହାନ୍ତି ହେଜମେଦି, ଇତି ସାମନ୍ତ, ସୁଦର୍ଶନ ଦାସ, ମେୟର ସୁଲୋଚନା ଦାସ, ସୁରେଶ ମନ୍ତ୍ରୀ, ଲୋପାମୁଦ୍ରା ମହାନ୍ତି ପ୍ରମୁଖ ପ୍ରଫେସର ପଟ୍ଟନାୟକଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ସହ ଦେଶବିଦେଶରେ ଭାଷା ଉପରେ ସେ କରିଥିବା ଗବେଷଣା ଓ ପ୍ରୟୋଗ ଭାରତର ବିଭିନ୍ନ ରାଜ୍ୟରେ ଭାଷାର ବିକାଶ ପାଇଁ ତାଙ୍କର ଅବଦାନ ଓ ଓଡ଼ିଆ ଭାଷାର ସମୃଦ୍ଧି ଲାଗି ନିରନ୍ତର ଉଦ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେବୀବାବୁଙ୍କ କର୍ମମୟ ଜୀବନ ଉପରେ ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଲିଖିତ ଏକ ପୁସ୍ତକ ମଧ୍ୟ ଲୋକାର୍ପିତ ହୋଇଥିଲା। କବି ସଂଜୟ ମହାନ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ।

କେତେକ ବକ୍ତା ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ, ଶ୍ରେଣୀ ଗୃହ ଓ ଭିତ୍ତିଭୂମି ନଥିବାରୁ ପିଲାମାନଙ୍କ ଓଡ଼ିଆ ଭାଷା ଜ୍ଞାନର ମୂଳଦୁଆ ଖିଇଚା ହେଉଛି। ତେଣୁ ଅନେକ ଅଭିଭାବକ ପିଲାମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବାକୁ ବାଧ୍ୟ ହେଉଥିବାରୁ ହଜାର ହଜାର ସଂଖ୍ୟକ ସରକାରୀ ସ୍କୁଲ ବନ୍ଦ ହୋଇଯାଉଛି। ୧୯୫୪ରେ ନବକୃଷ୍ଣ ଚୌଧୁରୀଙ୍କ ସରକାର ପ୍ରଣୟନ କରିଥିବା ଓଡ଼ିଶା ସରକାରୀ ଭାଷା ଆଇନ୍ ଏବେ ବି ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ମରୁଡ଼ି ସମସ୍ୟାକୁ ବହୁ ଗୁଣିତ କରୁଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ଲାଗି ଘର ଖଣ୍ଡେ ତିଆରି ହୋଇପାରୁନାହିଁ କିମ୍ବା ଏହାର ପଦପଦବୀରେ ରହିବା ଲାଗି ସରକାର ଯୋଗ୍ୟ ଓଡ଼ିଆଟିଏ ପାଉନାହାନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ବଡ଼ ଆହ୍ୱାନ ସୃଷ୍ଟି ହୋଇଥିବା ବେଳେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତକୁ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ଦିଆଯାଉନାହିଁ। ଏଥିପାଇଁ ଓଡ଼ିଆ ଭାଷା ଓ ଓଡ଼ିଶାର ସମୃଦ୍ଧି ପାଇଁ ଐକ୍ୟବଦ୍ଧ ଉଦ୍ୟମ କରିବା ସକାଶେ କେତେକ ବକ୍ତା ଆହ୍ୱାନ ଦେଇଛନ୍ତି।(ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ



# ଧର୍ମୀୟ ଐକ୍ୟ ଓ ବାସ୍ତବତା

ଫେବୃଆରୀ ୨୮, ୨୦୨୬ ଦିନ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଇରାନ ଉପରେ ପରିଚାଳିତ ବ୍ୟାପକ ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟର ରାଜନୈତିକ ପରିସ୍ଥିତିକୁ ଏକ ନୂତନ ଉତ୍ତେଜନାରେ ପୂର୍ଣ୍ଣ କରିଦେଇଛି। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ସହିତ ନ୍ୟୁକ୍ଲିୟାର କେନ୍ଦ୍ର, ସାମରିକ ଘାଟି ଏବଂ ଅନ୍ୟାନ୍ୟ ଲକ୍ଷ୍ୟଗୁଡ଼ିକ ଧ୍ୱଂସ ହୋଇଛି। ଇରାନ ପ୍ରତିଶୋଧ ସ୍ୱରୂପ ଗଲ୍ଫ ଅଞ୍ଚଳରେ ଥିବା ଯୁକ୍ତରାଷ୍ଟ୍ରର ସାମରିକ କେନ୍ଦ୍ରଗୁଡ଼ିକୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଛି। ବାହାରିନ, କୁଏତ୍, କତାର, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଜୋର୍ଡାନ ପର୍ଯ୍ୟନ୍ତ ଏହି ଆକ୍ରମଣ ପ୍ରସାରିତ ହୋଇଛି। ଦୁବାଇ ବିମାନବନ୍ଦର ଏବଂ ଅନ୍ୟାନ୍ୟ ସାଧାରଣ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି। ଏହି ଘଟଣା କେବଳ ଏକ ଦେଶର ସଙ୍କଟ ନୁହେଁ, ବରଂ ସମଗ୍ର ମୁସଲିମ ବିଶ୍ୱର ଐକ୍ୟ ଏବଂ ପ୍ରତିକ୍ରିୟାକୁ ପରୀକ୍ଷା କରୁଛି।



ଗଲ୍ଫ କୋଅପରେସନ୍ କାଉନ୍ସିଲର ସଦସ୍ୟ ଦେଶଗୁଡ଼ିକ ଯଥା ସାଉଦି ଆରବ, ୟୁଏଇ, କତାର, ବାହାରିନ ଏବଂ କୁଏତ ଇରାନର ଏହି ପ୍ରତିଶୋଧାତ୍ମକ ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ସାଉଦି ବିଦେଶ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ସେମାନେ ଭ୍ରାତୃ ଦେଶଗୁଡ଼ିକ ସହ ପୂର୍ଣ୍ଣ ସହଯୋଗ ପ୍ରକାଶ କରୁଛନ୍ତି ଏବଂ ନିଜର ସମସ୍ତ ସାମର୍ଥ୍ୟ ସେମାନଙ୍କ ସହାୟତା ପାଇଁ ପ୍ରସ୍ତୁତ ରହିବେ। ୟୁଏଇ କହିଛି ଯେ କୌଣସି ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ ସମଗ୍ର ଅଞ୍ଚଳର ସୁରକ୍ଷାକୁ ବିପନ୍ନ କରେ। କତାର ଏବଂ ବାହାରିନ ମଧ୍ୟ ନିଜର ପ୍ରତିରକ୍ଷା ଅଧିକାର ସଂରକ୍ଷଣ କରିବାକୁ ଘୋଷଣା କରିଛନ୍ତି। ଏହି ଦେଶଗୁଡ଼ିକ ପୂର୍ବରୁ ଓମାନ, ତୁର୍କୀ ଏବଂ ମିଶର ସହ ମିଳି ଯୁକ୍ତରାଷ୍ଟ୍ର-ଇସ୍ରାଏଲ ଆକ୍ରମଣ ରୋକିବା ପାଇଁ କୂଟନୈତିକ ପ୍ରୟାସ କରୁଥିଲେ। କିନ୍ତୁ ଇରାନର ଆକ୍ରମଣ ପରେ ସେମାନେ ଇରାନ ବିରୋଧରେ ଏକତ୍ରିତ ହୋଇପଡ଼ିଛନ୍ତି। ଏହା ସ୍ପଷ୍ଟ କରୁଛି ଯେ ଗଲ୍ଫ ଦେଶଗୁଡ଼ିକ ନିଜର ସୁରକ୍ଷା ଏବଂ ଅର୍ଥନୈତିକ ସ୍ଥିରତାକୁ ପ୍ରାଥମିକତା ଦେଉଛନ୍ତି।

ଅନ୍ୟ ମୁସଲିମ ଦେଶଗୁଡ଼ିକର ପ୍ରତିକ୍ରିୟା ମଧ୍ୟ ଲକ୍ଷଣୀୟ। ପାକିସ୍ତାନ ଉଭୟ ଯୁକ୍ତରାଷ୍ଟ୍ର-ଇସ୍ରାଏଲ ଆକ୍ରମଣ ଏବଂ ଇରାନର ପ୍ରତିଶୋଧକୁ ନିନ୍ଦା କରିଛି ଏବଂ ଭ୍ରାତୃ ଦେଶଗୁଡ଼ିକ ସହ ସହାନୁଭୂତି ପ୍ରକାଶ କରିଛି। ଭାରତ ଏହି ଘଟଣାରେ ଗଭୀର ଚିନ୍ତା ପ୍ରକାଶ କରିଛି। କିନ୍ତୁ ସାମଗ୍ରିକ ଭାବେ ମୁସଲିମ ବିଶ୍ୱରେ ଇରାନ ପ୍ରତି ଏକତ୍ରିତ ସମର୍ଥନ ଦେଖାଯାଉ ନାହିଁ। ଏହା ମୁସଲିମ ଉମ୍ମାହର ଐକ୍ୟର ଅଭାବକୁ ସ୍ପଷ୍ଟ କରୁଛି। ଯେତେବେଳେ ଏକ ମୁସଲିମ ଦେଶ ବାହ୍ୟ ଆକ୍ରମଣର ଶିକାର ହୁଏ, ସେତେବେଳେ ଅନ୍ୟ ଦେଶଗୁଡ଼ିକ ନିଜର ରାଜନୈତିକ ଏବଂ ଅର୍ଥନୈତିକ ସ୍ୱାର୍ଥକୁ ପ୍ରାଥମିକତା ଦେଉଛନ୍ତି। ଏହା ଏକ ଦୁଃଖଜନକ ବାସ୍ତବତା ଯାହା ମୁସଲିମ ବିଶ୍ୱର ଏକତାର ସ୍ୱପ୍ନକୁ ଭାଙ୍ଗି ଦେଉଛି।

ଏହି ଯୁଦ୍ଧର ପ୍ରଭାବ ଅତ୍ୟନ୍ତ ଭୟଙ୍କର। ହଜାର ହଜାର ଲୋକ ନିହତ ହୋଇଛନ୍ତି, ସ୍କୁଲ ଏବଂ ସାଧାରଣ ଅଞ୍ଚଳ ଧ୍ୱଂସ ହୋଇଛି। ତେଲ ମୂଲ୍ୟ ବଢ଼ିବା ସହ ବିଶ୍ୱ ଅର୍ଥନୀତି ପ୍ରଭାବିତ ହେଉଛି। ଭାରତ ପରି ଦେଶ ଯାହା ଏହି ଅଞ୍ଚଳରୁ ତେଲ ଆମଦାନି କରେ, ଏହା ଦ୍ୱାରା ପ୍ରଭାବିତ ହେଉଛି। ଓଡ଼ିଶାର ଜନସାଧାରଣ ମଧ୍ୟ ଏହି ସଙ୍କଟର ପରୋକ୍ଷ ପ୍ରଭାବ ଅନୁଭବ କରୁଛନ୍ତି। ଏହି ସମୟରେ ମୁସଲିମ ଦେଶଗୁଡ଼ିକୁ ନିଜର ଐକ୍ୟ ପୁନଃସ୍ଥାପନ କରିବାକୁ ପଡ଼ିବ। ଅର୍ଗାନାଇଜେସନ ଅଫ ଇସଲାମିକ କୋଅପରେସନ (ଓଆଇସି) ଏକ ସକ୍ରିୟ ଭୂମିକା ଗ୍ରହଣ କରି ଶାନ୍ତି ଆଲୋଚନା ଆରମ୍ଭ କରିବା ଉଚିତ। ଯୁଦ୍ଧ କେବଳ ବିନାଶ ଆଣେ ଏବଂ କୌଣସି ପକ୍ଷର ଲାଭ ହୁଏ ନାହିଁ। ଇରାନ ଏବଂ ଗଲ୍ଫ ଦେଶଗୁଡ଼ିକ ଉଭୟ କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ ଖୋଜନ୍ତୁ। ଆନ୍ତର୍ଜାତିକ ସମ୍ପ୍ରଦାୟ ହସ୍ତକ୍ଷେପ କରିବା ଦରକାର। ଏହି ଘଟଣା ମୁସଲିମ ବିଶ୍ୱକୁ ଏକ ବଡ଼ ଶିକ୍ଷା ଦେଉଛି - ଧର୍ମୀୟ ଐକ୍ୟ କେବଳ ଶବ୍ଦ ନୁହେଁ, ଏହା ବାସ୍ତବ କାର୍ଯ୍ୟରେ ପ୍ରମାଣିତ ହେବା ଉଚିତ। ଶାନ୍ତି ଏବଂ ସ୍ଥିରତା ପାଇଁ ସମସ୍ତ ମୁସଲିମ ଦେଶ ଏକତ୍ର ହେବା ଆବଶ୍ୟକ। ଏହା ହିଁ ଆମର ଏକମାତ୍ର ଆଶା ଏବଂ ଆହ୍ୱାନ।

## ଜୀବନକୁ ମିଳିଲା ମୃତ୍ୟୁ ଅନୁମତି

# ଇଚ୍ଛାମୃତ୍ୟୁ ବା ପାସିଭ୍ ୟୁଥାନେସିଆ

**ପ୍ରଫେସର ଡାକ୍ତର ସମ୍ରାଟ କର**



ଜୀବନ କ'ଣ ବୁଝିବା ଆଗରୁ ଶେଷ ହୋଇଯାଏ ଜୀବନ। ଜୀବନକୁ ଭଲ ପାଇ ଆଗକୁ ବଢ଼ୁଥିବାବେଳେ ଜଣେ ଜଣେ ବିଦ୍ୟାର୍ଥୀଙ୍କ ସ୍ୱପ୍ନ ଓ ସମ୍ଭାବନା ସବୁ ଚୁରମାର ହୋଇଯାଏ କେବଳ ସେତିକିରେ କଥା ଅଟକି ନାହିଁ। ତେରବର୍ଷ ବିଛଣାରେ ହିଁ ନିଜ ଦୁନିଆକୁ ଜାଣି ନପାରିବି ଶ୍ୱାସପ୍ରଶ୍ୱାସର ଜୀବନ ବଞ୍ଚୁଥିବା ହରିଶଙ୍କୁ ପରିଶେଷରେ ମିଳିଛି ମୃତ୍ୟୁ ଅନୁମତି। ସୁପ୍ରିମକୋର୍ଟର ଇତିହାସ ଓ ଭାରତର ଇଚ୍ଛାମୃତ୍ୟୁ ମାମଲାରେ ଏହା ପ୍ରଥମ ଓ ବିରଳତମ। ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ସମାନ ନୁହେଁ। ଛାତ୍ରାବାସରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହାତ ହୋଇ ଭେଣ୍ଟିଲେଟରରେ ସବୁ ଅଙ୍ଗ ଅଚଳ ହୋଇ କେବଳ ଲାଇଫ ସପୋର୍ଟରେ ହରିଶ ଯାହା ବଞ୍ଚୁଥିଲେ। ହରିଶଙ୍କ ପିତାମାତା ଛାତି ଉପରେ ପଥର ରଖି ନିଜ ପୁଅକୁ ଶାନ୍ତିର ବିଶ୍ରାମ ଦେଇ ଦେବା ପାଇଁ ବର୍ଷ ବର୍ଷ ଧରି କୋର୍ଟ କଚେରୀ ଦୌଡ଼ିଥିଲେ। ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ମାମଲା ଖାରଜ କରିଦେଲେ। ସୁପ୍ରିମକୋର୍ଟର ରାୟ ପ୍ରଦାନ କରୁଥିବା ମାନ୍ୟବର ଜର୍ଜ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ। ରାୟର ପ୍ରଥମ ଧାଡ଼ିଟି ଥିଲା 'ଏ ଯୁବକଙ୍କ ଯନ୍ତ୍ରଣା ଦେଖିବା ସମ୍ଭବ ନୁହେଁ.....'।

ଆତ୍ମହତ୍ୟା ଅନ୍ୟ ମାନଙ୍କ ଅଜ୍ଞାତରେ ଘଟୁଥିବାବେଳେ ଇଚ୍ଛାମୃତ୍ୟୁରେ ଆଇନଗତ ଭାବେ ଜଣେ ନିଜକୁ ଶେଷ କରିଦେଇଥାଏ। ୟୁଥାନେସିଆର ଅର୍ଥ ହେଉଛି ନିଜ ଯନ୍ତ୍ରଣାଦାୟକ ଜୀବନକୁ ଚିକିତ୍ସକମାନଙ୍କର ସାହାଯ୍ୟ ନେଇ ଶେଷ କରିବା। ପେସିଭ ୟୁଥାନେସିଆ ଆତ୍ମହତ୍ୟା ସହିତ ସମାନ ଧରଣର ହୋଇଥିବାରୁ ଏଯାବତ ଏହା ଆଇନରେ ମଧ୍ୟ ପରିଣତ ହୋଇନାହିଁ। ଦିନ ଦିନ, ବର୍ଷ ବର୍ଷ ଧରି ପାଖରେ ଜଣେ ଯନ୍ତ୍ରଣା କ୍ଲିଷ୍ଟର ଅସ୍ୱଚ୍ଛ ଓ ଲୁହ ଭରା ପରିବେଶ ପାଖ ପରିଜନଙ୍କୁ ଅତ୍ୟନ୍ତ ମାନସିକ ଅସନ୍ତୁଳନ ଓ ଗଭୀର ଚାପ ଭିତରେ ରଖିଥାଏ। ପରିବାରର ଅର୍ଥନୀତି ଠାରୁ ଅନ୍ୟ ମାନଙ୍କ ଭଲମନ୍ଦ ପଛରେ ପଡ଼ିଯାଏ। ଏପରି ହୋଇଛି କମ ବୟସର ଏପରି ଭୟାନକ ପୀଡ଼ିତ ମାନଙ୍କୁ ଦେଖି ପରିବାରର ଜଣେ ଜଣେ ବରିଷ୍ଠ ନାଗରିକଙ୍କର ଆକସ୍ମିକ ପରଲୋକ ହୋଇଯାଇଛି। ଘରର ମୁରବୀ, ଘରର ଅର୍ଥନୀତିର ବୋଝ ବୋହୁଥିବା ଲୋକଟି ଯଦି ଏପରି ଦୁର୍ଭାଗ୍ୟକୁ ସାମ୍ନା କରେ ତେବେ ସେ ପରିବାରର ଦୁର୍ଦ୍ଦଶା ଅକଥନୀୟ ଓ ଅକଳ୍ପନୀୟ ହୋଇପଡ଼ିଥାଏ। ତେବେ ଯେଉଁ ପର୍ଯ୍ୟନ୍ତ ପୀଡ଼ିତ ଜଣଙ୍କ ଅନ୍ତତଃ ଅନ୍ୟ ମାନଙ୍କ ଆଚରଣ, କଥାବାର୍ତ୍ତା ବୁଝି ପାରୁଥିବ ସେ ପର୍ଯ୍ୟନ୍ତ ତାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ସମୟଟି କାଟିବାକୁ ଭୁଲନ୍ତୁ ନାହିଁ।

ଜୀବନ ଅଛି ମାନେ ମୃତ୍ୟୁ ତ ଅଛି, କିନ୍ତୁ କିଛି ହତଭାଗ୍ୟ ମାନଙ୍କୁ ପୂର୍ଣ୍ଣ ଜୀବନର ଢ଼େର ପୂର୍ବରୁ ମାଡ଼ି ବସିଥାଏ ଦୁର୍ଭାଗ୍ୟର କଳା ବାଦଲ। ଆଦୌ ଆରୋଗ୍ୟ ହେବାର କୌଣସି ସମ୍ଭବ ହେବା ନଥିବା ରୋଗୀ କେବଳ ଲାଇଫ ସପୋର୍ଟ ବା କୃତ୍ରିମ ଜୀବନ ନିର୍ବାହ ପ୍ରଣାଳୀରେ ବଞ୍ଚି ରହୁଥିବାରୁ ପୁଣି ସେମାନେ ଅସହ୍ୟ କଷ୍ଟ ଯନ୍ତ୍ରଣାରେ ବଞ୍ଚି ରହୁଥିବାରୁ ମରଣାନ୍ତକ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଅନେକ ବ୍ୟକ୍ତି ସ୍ୱେଚ୍ଛାସେବୀ ସଂଗଠନ ଏହି ରାୟର ପୂର୍ବରୁ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ଦାଏର କରିଥିଲେ। ତେବେ ଇଚ୍ଛାମୃତ୍ୟୁ ହୁଏତ ଆଇନ ଅଦାଲତରେ ମୋହର ଲାଗିବା ପରେ ଅନେକଙ୍କ ଜୀବନ ଦୀପ କଷ୍ଟମୟ ଯନ୍ତ୍ରଣା ଓ ଲୁହ ଭିତରୁ ବର୍ତ୍ତି ପାରିବ କିନ୍ତୁ ମାନବିକତା ଓ ମାନସିକତାର କଥା ଉଠିଲେ କିପରି ଏ ଦୁନିଆରେ ଆମେ ଯେଉଁଠି ସମସ୍ତେ ନିଜ ନିଜ ସ୍ୱପ୍ନ, କର୍ମ, ଆହ୍ୱାନକୁ ନେଇ ବଞ୍ଚି ଚାଲିଛେ ଠିକ ଆମରି ପାଖରେ ରହୁଥିବା ଜଣେ ତାଙ୍କ ଜୀବନ ଦୀପକୁ ସେ ନିର୍ବାପିତ କରିବା ପାଇଁ ଇଚ୍ଛା କରୁଛନ୍ତି ଏବଂ ଆମ ଠାରୁ ଦୂରେଇ ଯାଉଛନ୍ତି ମଧ୍ୟ।

**ମାନସିକ ରୋଗ ବିଶେଷଜ୍ଞ, 'ଦି'ବେନ ' ପୁରୀଘାଟ ରୋଡ଼, କଟକ, ମୋବାଇଲ୍:୯୪୩୭୧୬୩୪୦୬**




# ଗୁପ୍ତ ରଣନୀତି

**କିଶୋର ଚନ୍ଦ୍ର ବେହେରା**



ରାଜ୍ୟ ପରିଷଦ, ଆମର ସମ୍ମାନନୀୟ ରାଜ୍ୟସଭା, ଆମ ସଂସଦୀୟ ଗଣତନ୍ତ୍ରର ପ୍ରତିଷ୍ଠିତ ଉଚ୍ଚ ସଦନ, ପୁରୁଣା ସଭା ଭାବେ ମର୍ଯ୍ୟାଦାଜନକ ଭାବରେ ଠିଆ ହୋଇଛି। ଭାରତର ସଂଘୀୟ ସ୍ଥାପତ୍ୟର ସର୍ବୋତ୍ତମ ପ୍ରତିଷ୍ଠାନ ଭାବରେ, ଏହି ସମ୍ମାନନୀୟ ସଂସ୍ଥା ବ୍ୟାପକ ପ୍ରତିନିଧିତ୍ୱ, ଶାସନରେ ସନ୍ତୁଳନ ଏବଂ ଚିନ୍ତନଶୀଳ ବୁଦ୍ଧିମତା ସୁନିଶ୍ଚିତ କରେ। ରାଜ୍ୟସଭା ଏକ ବିଶିଷ୍ଟ ମଞ୍ଚ ଭାବରେ ସ୍ଥାୟୀ ଯେଉଁଠାରେ ପ୍ରାଦେଶିକ ଦୃଷ୍ଟିକୋଣ ଏବଂ ବିଶେଷଜ୍ଞମାନେ ଆମର ଜାତୀୟ ପଥକୁ ସମୃଦ୍ଧ କରିବା ପାଇଁ ଏକାଠି ହୁଅନ୍ତି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜ୍ୟସଭା ବେଶ୍ ଗୁରୁତ୍ୱ ବହନ କରେ। ପରୋକ୍ଷ ନିର୍ବାଚନ ପ୍ରକ୍ରିୟାରେ ବିଧାୟକମାନେ ଏଠାକୁ ପ୍ରତିନିଧି ନିର୍ବାଚିତ କରନ୍ତି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ପରିଲକ୍ଷିତ ହେବାକୁ ଯାଉଥିବା ବେଳେ ଓଡ଼ିଶାରେ ରାଜ୍ୟ ସଭା ସାଂସଦ ନିର୍ବାଚନକୁ ନେଇ ବେଶ ସରଗରମ। ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳର ନେତୃବୃନ୍ଦ ଓ ନେତାମାନଙ୍କ ହୃଦ ସ୍ପନ୍ଦନ ସେତିକି ବୃଦ୍ଧି ପାଇବାରେ ଲାଗିଛି। ୧୦ ରାଜ୍ୟର ୩୭ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଓଡ଼ିଶାର ୪ ଆସନ ପାଇଁ ହେବ ନିର୍ବାଚନ। ଖାଲି ହୋଇଥିବା ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବା କାରଣ ମାନ୍ୟବର ସଦସ୍ୟା ଶ୍ରୀମତି ମମତା ମହନ୍ତ, ଶ୍ରୀ ସୁଜିତ କୁମାର , ମୁଯିବୁଲ୍ଲାଖାନ ଏବଂ ଶ୍ରୀ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ଏପ୍ରିଲ ମାସ ୨ ତାରିଖରେ ଶେଷ ହେବାକୁ ଯାଉଛି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଥିବା ବେଳେ, ବିଜେପି ତରଫରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ୍ କୁମାର ରାଜ୍ୟସଭା ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଚତୁର୍ଥ ଆସନ ପାଇଁ ବିଜେଡି ପକ୍ଷରୁ ସର୍ବସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦୀତା କରୁଛନ୍ତି ପୂର୍ବତନ ସାଂସଦ, ମନ୍ତ୍ରୀ ଓ ବିଶିଷ୍ଟ ଶିଳ୍ପପତି ଦିଲ୍ଲୀପ୍ ରାୟ।

ଡାକ୍ତର ଦତ୍ତେଶ୍ୱର ହୋତା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଥିଲେ। ୟୁରୋଲୋଜି କ୍ଷେତ୍ରରେ ତାଙ୍କର ୪୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। କଟକ ଏସସିବି ମେଡିକାଲର ୟୁରୋଲୋଜି ବିଭାଗର ସେ ମୁଖ୍ୟ ଥିଲେ। ଡକ୍ଟର ଦତ୍ତେଶ୍ୱର ହୋତା ୧୯୮୩ ଏବଂ ୧୯୮୬ ମସିହାରେ କଟକର ଏସସିବି ମେଡିକାଲ କଲେଜରୁ ଏମବିଏସ୍ ଏବଂ ଜେନେରାଲ ସର୍ଜରୀରେ ଏମଏସ୍ ସହିତ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୧୯୯୪ ମସିହାରେ ଚଣ୍ଡିଗଡ଼ର ପିଜିଆଇଏମଇଆର ରୁ ୟୁରୋଲୋଜିରେ ଏମସିଚି ମଧ୍ୟ ସମାପ୍ତ କରିଥିଲେ। ସେ ୟୁରୋଲୋଜି ବିଭାଗ ଅଧୀନରେ ଗବେଷଣା କାର୍ଯ୍ୟ ଏବଂ ବିଭିନ୍ନ କର୍ମଶାଳାରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଜଟିଳ ଅସ୍ତ୍ରୋପଚାର କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛନ୍ତି, ଡାକ୍ତର ଦତ୍ତେଶ୍ୱର ହୋତା। ସେ ଦୁଇଶହରୁ ଅଧିକ କିଡନୀ ପ୍ରତିରୋପଣ କରିସାରିଛନ୍ତି। କାଡାଭରିକ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ କରାଇବାରେ ମଧ୍ୟ ଦତ୍ତେଶ୍ୱରଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ୨୦୧୭ ମସିହାରେ ଦ୍ୱିତୀୟ ଓଡ଼ିଆ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦିଆଯାଉଥିବା ସବୁଠାରୁ ବଡ଼ ସମ୍ମାନ ଡାକ୍ତର. ବି.ସି. ରାୟ ଉପାଧି ଲାଭ କରିଛନ୍ତି। ସେହିପରି ସୋସାଇଟି ଅଫ୍ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ଓ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣ ପଦକରେ ମଧ୍ୟ ଦତ୍ତେଶ୍ୱର ଭୂଷିତ ହୋଇଛନ୍ତି। ସେହିପରି ଦତ୍ତେଶ୍ୱର ହୋତା ଜଣେ ଭଲ କଣ୍ଠଶିଳ୍ପୀ। ସେ ବିଭିନ୍ନ ପ୍ରଡକ୍ସନ୍ ହାଉସରେ ଅନେକ ଭଜନରେ କଣ୍ଠଦାନ ମଧ୍ୟ କରିଛନ୍ତି। ଦିଲ୍ଲିପ କୁମାର ରାୟ ଜଣେ ଓଡ଼ିଆ ରାଜନୀତିଜ୍ଞ। ସେ ଓଡ଼ିଶା ରଜନୀତିରେ ବିଜୁ ଜନତା ଦଳର କର୍ମକର୍ତ୍ତା ଭାବରେ କାର୍ଯ୍ୟ କରିଛନ୍ତି। ସେ ଓଡ଼ିଶା ବିଧାନ ସଭାରେ ଜଣେ ବିଧାୟକ ଭାବରେ ତିନିଥର ଏବଂ ରାଜ୍ୟ ସଭାର ସାଂସଦ ଭାବରେ ଥରେ କାର୍ଯ୍ୟ କରିଛନ୍ତି। ୧୯୮୫, ୧୯୯୦ ଓ ୨୦୧୪ ମସିହାରେ ହୋଇଥିବା ଓଡ଼ିଶା ବିଧାନ ସଭା ନିର୍ବାଚନରେ ସେ ରାଉରକେଲା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ୯ମ, ୧୦ମ ଓ ୧୫ଶ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ ମସିହାରୁ ୨୦୦୨ ପର୍ଯ୍ୟନ୍ତ ସେ ରାଜ୍ୟସଭାର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୯୯ ମସିହାରେ ଦିଲ୍ଲିପ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କେନ୍ଦ୍ରମନ୍ତ୍ରୀ ଥିବାବେଳେ ଝାଡଖଣ୍ଡ କୋଇଲା ବ୍ଲକର ଆବଣ୍ଟନରେ ଅନିୟମିତତା ହୋଇଥିବା ନେଇ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା, ଯେଉଁଥିରେ ତାଙ୍କୁ ୨୦୨୦ ମସିହାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା।



ରାଜ୍ୟସଭା ନିର୍ବାଚନ ପସନ୍ଦଯୋଗ୍ୟ ଭୋଟଦାନ ଆଧାରରେ କରାଯାଇଥାଏ। ରାଜ୍ୟସଭା ନିର୍ବାଚନରେ କେବଳ ବିଧାନସଭାର ସଦସ୍ୟମାନେ ଭୋଟ୍ ଦେଇଥାଆନ୍ତି। ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭। ନିୟମାନୁଯାୟୀ ଗୋଟିଏ ଭୋଟ ପରିମାଣ ୧୦୦। ଏହାର ଭୋଟ ମିଳିବା ସୂତ୍ର ବା ଗଣିତ ହେଉଛି- ବିଧାନସଭାର ମୋଟ ଆସନ ସଂଖ୍ୟା ଅର୍ଥାତ ୧୪୭ × ୧୦୦ ÷ ୪+୧ ଯାହା ଫଳ ବାହାରିବ, ତାହା ସହ ଯୁକ୍ତ ୧ ଆବଶ୍ୟକ ପଡ଼ିବ। ଏହାକୁ ହିସାବ କଲେ ଫଳ ୨୯୪୧ ବାହାରୁଛି। ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ପ୍ରାୟ ୩୦ ଖଣ୍ଡ ଭୋଟର ଆବଶ୍ୟକତା ପଡ଼ିବ। ଓଡ଼ିଶାର ଖାଲି ହେବାକୁ ଥିବା ୪ଟି ଆସନକୁ ନେଇ ଏହି ହିସାବ କରାଯାଇଛି। ପ୍ରତି ଭୋଟରଙ୍କ ପ୍ରଥମ ପସନ୍ଦ ଭୋଟ ଯାହାକୁ ଯାଇଥିବ ସେ ହିଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ଏହି ଗଣିତ ମୂଲ୍ୟାଙ୍କନ ଦୃଷ୍ଟିରେ ବିଜେପିର ୭୦ ଜଣ ସଦସ୍ୟ ସେମାନଙ୍କ ପ୍ରଥମ ଭୋଟରେ ୨ ଜଣ ପ୍ରାର୍ଥୀଙ୍କୁ ସହଜରେ ଜିତାଇ ପାରିବେ। ସେହିପରି ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନରେ ବିଜେଡି ମଧ୍ୟ ସହଜରେ ଜିତିପାରିବ। ହେଲେ ଚତୁର୍ଥ ଆସନ ଲାଗି କୌଣସି ଦଳର ସଂଖ୍ୟା ହେବନାହିଁ। ଏହି ଆସନ ସକାଶେ ବିଜେପି ସପକ୍ଷରେ ୨୧ ଏବଂ ବିଜେଡି ସପକ୍ଷରେ ୧୮ ଖଣ୍ଡ ଭୋଟ୍ ରହିବ। ଯଦି ଉଭୟ ଦଳର ସମସ୍ତ ସଦସ୍ୟ ଭୋଟ ଦେବା ଲାଗି ଆସନ୍ତି, ତେବେ ଏକ୍ଷେତ୍ରରେ କଂଗ୍ରେସ ପାଖରେ ୧୪, ଦୁଇ ସ୍ୱାଧୀନ ଓ ଗୋଟିଏ ସିପିଏମ୍ ସଦସ୍ୟଙ୍କ ଭୋଟ ବହୁ ଗୁରୁତ୍ୱ ବହନ କରିବ।

ଗୋଟିଏ ପଟେ ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ସରଗରମ ଚର୍ଚ୍ଚା ହେଉଥିବା ବେଳେ, ଅନ୍ୟପଟେ ଦଳ ଭିତରେ ବି ଚାଲିଛି ଛକାପଞ୍ଝା। ପାର୍ଟି ହାଇକମାଣ୍ଡଙ୍କ ଶୁଭଦୃଷ୍ଟି କାହା ଉପରେ ପଡ଼ିବ ଏବଂ କିଏ ଆସନ ହାତେଇବ, ତାକୁ ନେଇ ଚାଲିଛି ରିତିମତ କସରତ। ନିଜର ସମର୍ଥକଙ୍କ ସହ ଲବିରେ ମାତିଛନ୍ତି ସମସ୍ତ ଆଶାୟୀ। ରାଜ୍ୟସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଶାସକ ଓ ବିରୋଧୀ ଦଳ ମଧ୍ୟରେ ବୟାନବାଜି ସହ ଛକାପଞ୍ଝା ଚାଲିଛି। ବିଶେଷ କରି ବିଜେଡି ଭିତରେ ଉଭୟ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥିତି ବିଗୁଡୁଥିବା ଦେଖି ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଧାୟକମାନେ ଭୁବନେଶ୍ୱର ନ ଛାଡ଼ିବାକୁ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇଛି। ଅପର ପକ୍ଷରେ ବିଜେପି ଘୋଡ଼ାବେପାରରେ ମାତିଛି ବୋଲି ନିଜେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଆରୋପ ଲଗାଇଛନ୍ତି। ଏପଟେ ଦିଲ୍ଲୀପ ରାୟଙ୍କ ବିଜୟ ନେଇ ବିଜେପି ନିଶ୍ଚିତ ଅଛି। ବିଜେଡିରେ ଏତେ ମାତ୍ରାରେ ଅସ୍ଥିରତା ଦେଖାଦେବାର କାରଣ ହେଉଛି ଦଳରେ ପ୍ରାର୍ଥୀ ଚୟନ। ଜିତିବା ପାଇଁ ଦଳୀୟ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କର ପାଖରେ ସଂଖ୍ୟା ଅଛି। କିନ୍ତୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳ ଭିତରେ ଅସନ୍ତୋଷ ଦେଖାଦେଇଛି। ବିଜେଡିରେ ସାମିଲ ହେବାର କମ୍ ଦିନ ଭିତରେ ତାଙ୍କୁ ଅତ୍ୟଧିକ ପ୍ରାଧାନ୍ୟ ମିଳୁଥିବାରୁ ତାହାକୁ ବରିଷ୍ଠ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସେଥି ପାଇଁ ବିଧାୟକମାନଙ୍କୁ ମନାଇବା ନିମନ୍ତେ ଦଳର ସଭାପତିଙ୍କୁ ବେଶ୍ କସରତ କରିବାକୁ ପଡୁଛି। ନବୀନ ନିବାସରେ ପ୍ରତିଦିନ ବିଧାୟକମାନଙ୍କୁ ଡାକି ନିଜେ ଦଳର ସଭାପତି କଥା ହେଉଛନ୍ତି। ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ବିଧାୟକମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସମର୍ଥନ ଲୋଡୁଛନ୍ତି। ବିଜେପି ଉପରେ ଘୋଡ଼ାବେପାରର ଆରୋପ ଲଗାଇ ଗଣମାଧ୍ୟମକୁ ନବୀନ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଲକ୍ଷାଧିକ ଓଡ଼ିଆ ଫସି ରହିଛନ୍ତି। ପରିତାପର ବିଷୟ ଯେ ବିଜେପି ସରକାର ସେମାନଙ୍କ ବିଷୟରେ ଚିନ୍ତା ନକରି ଏଠାରେ ଘୋଡ଼ାବେପାର ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି, ଯାହାକି ଏହା ଦୁଃଖଦାୟକ। ରବୀନ୍ଦ୍ର ଜେନା ବିଜେପିରେ ଯୋଗ ଦେଲା ପରେ ତାଙ୍କ ପତ୍ନୀ ବିଧାୟିକା ସୁବାସିନୀ ଜେନା ଆଉ ଦଳୀୟ ନିଷ୍ପତ୍ତି ମାନିବେନି ବୋଲି ଚର୍ଚ୍ଚା ଜୋର ଧରିଛି। କଂଗ୍ରେସ ବିଧାୟକମାନଙ୍କୁ ଏକାଠି ରଖିବାକୁ ପିସିସି ସଭାପତି ଭକ୍ତ ଦାସ ବେଶ୍ କସରତ କରୁଛନ୍ତି। ବିଧାୟକମାନଙ୍କର ଘନ ଘନ ବୈଠକ ଡାକି ଆଲୋଚନା କରୁଛନ୍ତି। ରାତ୍ରିଭୋଜନରେ ବି ଏକାଠି ହେଉଛନ୍ତି। କିନ୍ତୁ ଗୋଟିଏ ଜାଗାରେ ସବୁ ବିଧାୟକଙ୍କୁ ଏକାଠି କରିବାରେ ସଭାପତି ଏଯାଏଁ ସଫଳ ହୋଇନାହାନ୍ତି। ତଥାପି ସମସ୍ତେ ଦଳୀୟ ନିଷ୍ପତ୍ତି ମାନିବେ ବୋଲି ନେତାମାନେ ଜୋର୍ ଦେଉଛନ୍ତି। ବିଜେପିର ଦୁଇ ଦଳୀୟ ପ୍ରାର୍ଥୀ ଜିତିବା ନେଇ ନିଶ୍ଚିତ ଅଛନ୍ତି। ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପାଇଁ ଗୁପ୍ତ ରଣନୀତି ଜାରି ରହିଛି। ଖୋଲାଖୋଲି ଭାବେ ଦିଲ୍ଲୀପ କୌଣସି ବିଧାୟକଙ୍କୁ ଭେଟିଥିବା ଖବର ଏଯାଏଁ ଆସି ନାହିଁ। କିନ୍ତୁ ଦିଲ୍ଲୀପଙ୍କ ପାଇଁ ସଂଖ୍ୟା ଯୋଗାଡ଼ କରିବାରେ ବିଜେପି ପୂରା ଦମ୍ରେ ଉଦ୍ୟମ ଚଳାଇଛି। ନିର୍ବାଚନ ଆୟୁକ୍ତ ରାଜ୍ୟସଭା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି ୧୬ତାରିଖକୁ ନାଟକର ଶେଷ ଦୃଶ୍ୟ ଦେଖିବାକୁ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲାଃ କୋରାପୁଟ**
**ମୋବାଇଲ୍:୯୪୩୭୯୫୫୫୬୮**

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି। ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ।



ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍:୮୨୪୯୫୦୨୭୭୬**

# ମୋଜତାବା ତେହରାନ ଛାଡ଼ି ରୁଷରେ

## ଜଳକା ହେଲେ ଇସ୍ରାଏଲ ଓ ଆମେରିକା



**ରୁଷ, ୧୫।୩:** ଏପର୍ଯ୍ୟନ୍ତ, ଇରାନ-ଆମେରିକା ଯୁଦ୍ଧରେ ରୁଷର ଭୂମିକା କେବଳ ଗୁପ୍ତଚର ଏବଂ ନୈତିକ ସମର୍ଥନ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ଏବେ ଏପରି ଖବର ସାମ୍ନାକୁ ଆସୁଛି ଯେ, ଯଦି ଏହା ସତ୍ୟ ହୁଏ, ତେବେ ଯୁଦ୍ଧରେ ଏକ ମୋଡ଼ ଆସିପାରେ। ଡୋନାଲ୍ଡ ଟ୍ରମ୍ପ ଓ ବେଞ୍ଜାମିନ୍ ନେତାନ୍ୟାହୁ ମୋଜତାବା ଖେମିନିଙ୍କ ପଛରେ ପଡ଼ିଛନ୍ତି। ସେ ଆହତ ହୋଇଥିବା ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା, କିନ୍ତୁ ଇରାନ ସେସବୁକୁ ଅସ୍ୱୀକାର କରିଥିଲା। କୁଏତ ଖବରକାଗଜ ଅଲ୍ ଜାରିଦା ଏବେ ଦାବି କରିଛି ଯେ, ମୋଜତାବା ତାଙ୍କ ଦେଶରେ ନାହାନ୍ତି। ଅଲ୍-ଜାରିଦା ଅନୁଯାୟୀ, ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବାଙ୍କୁ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କାରଣରୁ ଏକ ଅତ୍ୟନ୍ତ ଗୁପ୍ତ ଅଭିଯାନରେ ରୁଷ ନିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ତାଙ୍କୁ ଏକ ରୁଷ ସାମରିକ ବିମାନରେ ମସ୍କୋ ନିଆଯାଇଥିଲା, ଯେଉଁଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି। ରିପୋର୍ଟରେ କୁହାଯାଇଛି, ତାଙ୍କର ଖରାପ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଚିନ୍ତା ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି। ତଥାପି, ଏହି ଦାବିଗୁଡ଼ିକୁ ସରକାରୀ ଭାବରେ ନିଶ୍ଚିତ କରାଯାଇ ନାହିଁ। କିଛି ରିପୋର୍ଟ ଏହା ମଧ୍ୟ ସୂଚାଇଛି, ସେ ଆକ୍ରମଣରେ ଆହତ ହୋଇଥିଲେ, କିନ୍ତୁ ଇରାନୀ ଅଧିକାରୀମାନେ କହିଛନ୍ତି, ସେ ସୁରକ୍ଷିତ ଓ ସୁସ୍ଥ ଅଛନ୍ତି ।

ରିପୋର୍ଟରେ ଦାବି କରାଯାଇଛି ଯେ ମୋଜତାବାଙ୍କୁ ନେଇ ଏକ ରୁଷୀୟ ସାମରିକ ବିମାନ ଗୁରୁବାର ମସ୍କୋରେ ପହଞ୍ଚିଥିଲା। ଏହା ମଧ୍ୟ କୁହାଯାଉଛି ଯେ ତାଙ୍କୁ ରାଷ୍ଟ୍ରପତି ଭବନରେ ଅବସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୋମାମାଡ଼ ଏବଂ ବିମାନ ଆକ୍ରମଣ ଯୋଗୁଁ ତାଙ୍କୁ ଇରାନରୁ ବାହାର କରିବା ନିଷ୍ପତ୍ତି ଅସମ୍ଭବ ହୋଇଯାଇଥିଲା। ରିପୋର୍ଟରେ ଦାବି କରାଯାଇଛି, ରୁଷ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନ ତାଙ୍କୁ ଶରଣ ଦେଇଛନ୍ତି। ମୋଜତାବା ସେଠାରେ ପହଞ୍ଚି ସଫଳ ଅସ୍ତ୍ରୋପଚାର କରିଥିଲେ। ସୂତ୍ରଗୁଡ଼ିକ ଦାବି କରିଛନ୍ତି ଯେ, ଇରାନୀ ସୁରକ୍ଷା ଏଜେନ୍ସିଗୁଡ଼ିକ ମୋଜତାବାଙ୍କ ରହିବା ସ୍ଥାନ ଲିକ୍ ହେବା ନେଇ ଆଶଙ୍କାରେ ଥିଲେ। ସେଥିପାଇଁ ତାଙ୍କୁ ମସ୍କୋ ସ୍ଥାନାନ୍ତର କରିବା ସୁପାରିଶରେ ରାଜି ହୋଇଥିଲେ। ଦାବି କରାଯାଉଛି ଯେ, ପୁଟିନ ନିଜେ ଇରାନୀ ରାଷ୍ଟ୍ରପତି ମାସୁଦ ପାଜେଶକିୟାନଙ୍କ ସହ ଆଲୋଚନା ସମୟରେ ଏହି ପ୍ରସ୍ତାବ ଦେଇଥିଲେ।

## ଆମେରିକୀୟ ସାମରିକ ବିମାନ ପାଇଁ ସ୍ୱିଜରଲ୍ୟାଣ୍ଡ ଆକାଶମାର୍ଗ ମନା

**ନୂଆଦିଲ୍ଲୀ, ୧୫।୩:** ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ, ସ୍ୱିଜରଲ୍ୟାଣ୍ଡ ସଶସ୍ତ୍ର ସଂଘର୍ଷରେ ନିରପେକ୍ଷତାର ପରମ୍ପରାକୁ ଉଲ୍ଲେଖ କରି ଆମେରିକୀୟ ସାମରିକ ବିମାନ ପାଇଁ ଏହାର ଆକାଶ ମାର୍ଗ ବନ୍ଦ କରିବାକୁ ଘୋଷଣା କରିଛି। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଅନ୍ୟ ଦେଶଗୁଡ଼ିକୁ ଖାର୍ଗ ଦ୍ୱୀପରେ ଆମେରିକାର ବୋମା ମାଡ଼ ବିରୁଦ୍ଧରେ ପ୍ରତିଶୋଧ ନେବା ପାଇଁ ଇରାନର ଧମକ ପରେ ହର୍ମୁଜ ପ୍ରଣାଳୀକୁ ଯୁଦ୍ଧଜାହାଜ ପଠାଇବାକୁ ଅନୁରୋଧ କରିଥିଲେ।

ସ୍ୱିଜରଲ୍ୟାଣ୍ଡ ସରକାର କହିଛି ଯେ ରବିବାର ଦାଖଲ ହୋଇଥିବା ଦୁଇଟି ଅନୁରୋଧ - ଆମେରିକୀୟ ଗୁଇନ୍ଦା ବିମାନକୁ ସ୍ୱିଜରଲ୍ୟାଣ୍ଡ ଉପରେ ଉଡ଼ାଣ ପାଇଁ ଅନୁମତି ମାଗିବା - ପ୍ରତ୍ୟାଖ୍ୟାନ କରାଯାଇଥିଲା। ତଥାପି, ସଂଘୀୟ କର୍ତ୍ତୃପକ୍ଷ ଦୁଇଟି ପରିବହନ ବିମାନ ସମେତ ଅନ୍ୟ ତିନୋଟି ଉଡ଼ାଣ ପାଇଁ ଅନୁମତି ପ୍ରଦାନ କରିଥିଲେ। ସ୍ୱିଜରଲ୍ୟାଣ୍ଡର ଫେଡେରାଲ ପରିଷଦ ଆମେରିକୀୟ ସାମରିକ ବିମାନ ଦ୍ୱାରା ଏହାର ଆକାଶ ମାର୍ଗ ବ୍ୟବହାର କରିବା ପାଇଁ ଦାଖଲ




କରାଯାଇଥିବା ଅନେକ ଅନୁରୋଧ ସମ୍ପର୍କରେ ନିଷ୍ପତ୍ତି ନେଇଛି। ଇରାନ ସହିତ ସଂଘର୍ଷ ସହିତ ଜଡ଼ିତ ଦୁଇଟି ଅନୁରୋଧ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯେତେବେଳେ ତିନୋଟି ଅନୁରୋଧ-ଗୋଟିଏ ରକ୍ଷଣାବେକ୍ଷଣ ବିମାନ ଏବଂ ଦୁଇଟି ପରିବହନ ବିମାନ - ଅନୁମୋଦନ କରାଯାଇଥିଲା।

## ବିଶ୍ୱ ପାଇଁ ବନ୍ଦ ହୋଇନି ହର୍ମୁଜ୍ ପ୍ରଣାଳୀ

### ଶତ୍ରୁ ଜାହାଜ ଅବରୋଧ କରିବ ଇରାନ



**ତେହେରାନ, ୧୫।୩:** ଇରାନ କହିଛି ଯେ, ହର୍ମୁଜ୍ ପ୍ରଣାଳୀ ବିଶ୍ୱ ପାଇଁ ବନ୍ଦ ହୋଇନାହିଁ। ଏହି ସମୁଦ୍ର ପଥ ଦେଇ କେବଳ ଇସ୍ରାଏଲ ଏବଂ ଆମେରିକାର ଜାହାଜ ଅବରୋଧ କରାଯିବ କାରଣ ସେମାନେ ଇରାନ ଉପରେ ଆକ୍ରମଣ କରିଛନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏକ ବିବୃତିରେ ଏନେଇ ସୂଚନା ପ୍ରଦାନ କରିଛନ୍ତି। ତାଙ୍କ ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ବହୁ ସଂଖ୍ୟକ ଜାହାଜ ଫସି ରହିଛନ୍ତି। ଯାହା ବିଶ୍ୱର ଅଧିକାଂଶ ସ୍ଥାନରେ ଶକ୍ତି ସଙ୍କଟ ସୃଷ୍ଟି କରୁଛି। ଆବାସ ଆରାଘଚି କହିଛନ୍ତି, ବାସ୍ତବତା ହେଉଛି ହର୍ମୁଜ୍ ପ୍ରଣାଳୀ ଖୋଲା ଅଛି। ଆମେରିକା ଏବଂ ଇସ୍ରାଏଲ ବ୍ୟତୀତ ସମସ୍ତ ଦେଶର ଜାହାଜ ଏହି ଜଳପଥ ଦେଇ ଯାଇପାରିବେ। ଏହା କେବଳ ଆମର ଶତ୍ରୁ ଏବଂ ସେମାନଙ୍କ ସହଯୋଗୀଙ୍କ ଟ୍ୟାଙ୍କର ଏବଂ ଜାହାଜ ପାଇଁ ବନ୍ଦ କରାଯାଇଛି। ଅନ୍ୟ ସମସ୍ତେ ଏହି ପଥ ଦେଇ ଯାଇପାରିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେକୌଣସି ମୂଲ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲାଯିବ। ଏହାକୁ ଆରାଘଚି ଉପହାସ କରିଛନ୍ତି, ଏକଦା ପ୍ରଶଂସିତ ଆମେରିକାର ସୁରକ୍ଷା ଛତା ଏବେ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହେଉଛି। ଆମେରିକାର ସୁରକ୍ଷା ଛତା ସମସ୍ୟାକୁ ରୋକିବା ପରିବର୍ତ୍ତେ ବଡ଼ ସମସ୍ୟାକୁ ଆମନ୍ତ୍ରଣ କରୁଛି। ଏବେ ଆମେରିକାକୁ ହର୍ମୁଜ୍‌କୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ଚୀନ୍‌କୁ ଆବେଦନ କରିବାକୁ ପଡୁଛି। ଇରାନ ନିଜର ପଡ଼ୋଶୀମାନଙ୍କୁ ବିଦେଶୀ ଆକ୍ରମଣକାରୀଙ୍କୁ ବାହାର କରିବାକୁ ଆହ୍ୱାନ କରୁଛି କାରଣ ଆମେରିକାର ଏକମାତ୍ର ଚିନ୍ତା ହେଉଛି ଇସ୍ରାଏଲର ସମସ୍ୟା। ଯାହାକୁ ଇସଲାମ୍ ଦେଶଗୁଡ଼ିକ ନାପସନ୍ଦ କରୁଛନ୍ତି।

## ଇରାନ ଓ ହିଜବୋଲ୍ଲାର ସମ୍ପର୍କ ଅକ୍ଟୋପସ ପରି

**ଇସ୍ରାଏଲ, ୧୫।୩:** ଇସ୍ରାଏଲ-ଆମେରିକା ଏବଂ ହିଜବୋଲ୍ଲା-ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଏହା ଯୋଗୁ ମଧ୍ୟପ୍ରାଚ୍ୟ ସମେତ ସମଗ୍ର ବିଶ୍ୱର ପରିସ୍ଥିତି ସଙ୍କଟଜନକ ହୋଇଛି। ଇସ୍ରାଏଲୀ ସାମରିକ ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଏଫି ଡେଫ୍ରିନ୍ ସ୍ପଷ୍ଟ କରିଛନ୍ତି ଯେ, ଇସ୍ରାଏଲ କୌଣସି ମୂଲ୍ୟରେ ପଛକୁ ହଟିବ ନାହିଁ ଏବଂ ନିଜର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ସେ କହିଛନ୍ତି ପ୍ରାୟ ଦଶ ଦିନ ପରେ ହିଜବୋଲ୍ଲା ପୁଣି ଗୁଳିଚାଳନା କରିବାକୁ ନିଷ୍ପତ୍ତି ନେବା ପରେ ବର୍ତ୍ତମାନର ସଂଘର୍ଷ ବୃଦ୍ଧି ପାଇଛି। ତାଙ୍କ ଅନୁସାରେ, ହିଜବୋଲ୍ଲା ନିଜର କାର୍ଯ୍ୟର ପରିଣାମ ବିଷୟରେ ଅବଗତ ଥିଲା ମାତ୍ର ଜାଣିଶୁଣି କରିଥିଲା। ବର୍ତ୍ତମାନ ଇସ୍ରାଏଲୀ ସେନା ନିଜର ଅଭିଯାନ ଜାରି ରଖି ଏହାର କଡ଼ା ଜବାବ ଦେଉଛି ।

ଡେଫ୍ରିନ୍ ଇରାନ ଏବଂ ହିଜବୋଲ୍ଲା ମଧ୍ୟରେ ସମ୍ପର୍କକୁ ବ୍ୟାଖ୍ୟା କରିବା ପାଇଁ ଅକ୍ଟୋପସ୍‌ର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ତେହେରାନ ଏହି ଅକ୍ଟୋପସ୍‌ର ମୁଣ୍ଡ। ଲେବାନନରେ ଥିବା ହିଜବୋଲ୍ଲା ଏହାର ସବୁଠାରୁ ବଡ଼ ବାହୁ। ତାଙ୍କ



ଯୁଦ୍ଧ ମଧ୍ୟରେ ଇସ୍ରାଏଲୀ ଜେନେରାଲଙ୍କ ବଡ଼ ବୟାନ

ଅନୁସାରେ, ଯେତେବେଳେ ଇରାନ ଉପରେ ଚାପ ପକାଯାଏ କିମ୍ବା ଆକ୍ରମଣ କରାଯାଏ, ଏହା ସିଧାସଳଖ ହିଜବୋଲ୍ଲାର ଶକ୍ତିକୁ ପ୍ରଭାବିତ କରି ଏହାକୁ ଦୁର୍ବଳ କରିଦେଇଥାଏ। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଇସ୍ରାଏଲୀ ସେନାର ଲକ୍ଷ୍ୟ ଇରାନରେ ଶାସନ ପରିବର୍ତ୍ତନ ନୁହେଁ। ଇସ୍ରାଏଲର ଉଦ୍ଦେଶ୍ୟ ହେଉଛି ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ, ପରମାଣୁ କାର୍ଯ୍ୟକଳାପ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମେତ ସାମରିକ କ୍ଷମତାକୁ ଦୁର୍ବଳ କରିବା। ଇସ୍ରାଏଲୀ ସେନା ଦାବି କରିଛି, ହିଜବୋଲ୍ଲା ବର୍ତ୍ତମାନ ଯଥେଷ୍ଟ ଚାପ ଓ ଚିନ୍ତାରେ ଅଛି। କାରଣ ଏହା ଏହାର ପ୍ରମୁଖ ସହଯୋଗୀ ଏବଂ ସମର୍ଥକ ଇରାନରୁ ସମର୍ଥନ ହ୍ରାସ ପାଉଛି। ଡେଫ୍ରିନ୍ ଏକ ଘଟଣାର ଉଦାହରଣ ଦେଇଛନ୍ତି ଯେଉଁଥିରେ ହିଜବୋଲ୍ଲା ଲେବାନନର ଏକ ମୁଖ୍ୟ ଖ୍ରୀଷ୍ଟିଆନ ଗ୍ରାମରେ ଟ୍ୟାଙ୍କ୍ ପ୍ରତିରୋଧୀ କ୍ଷେପଣାସ୍ତ୍ର ମାଡ଼ କରିବାକୁ ଚେଷ୍ଟା କରିଥିଲା। ଇସ୍ରାଏଲର ପ୍ରତିଶୋଧ ଆକ୍ରମଣକୁ ରୋକିବାକୁ ଚେଷ୍ଟା କରୁଥିବା ଜଣେ ସ୍ଥାନୀୟ ଧାର୍ମିକ ନେତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଅନେକ ଲେବାନିଜ ନାଗରିକଙ୍କ ମଧ୍ୟରେ, ବିଶେଷକରି ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ କ୍ରୋଧ ସୃଷ୍ଟି କରିଛି, କେତେକ ଏହି କାଣ୍ଡ ପାଇଁ ହିଜବୋଲ୍ଲାକୁ ଦାୟୀ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଲେବାନନର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମୁଖ୍ୟ ଇସ୍ରାଏଲ ସହିତ ସିଧାସଳଖ ଆଲୋଚନା ପାଇଁ ଆହ୍ୱାନ କରିବା ଆରମ୍ଭ କରିଛନ୍ତି।




## ତେହରାନର ମହାକାଶ ଗବେଷଣାକେନ୍ଦ୍ର ଧ୍ୱଂସ

**ତେହେରାନ, ୧୫।୩:** ଇସ୍ରାଏଲୀ ସେନା (ଆଇଡିଏଫ୍) ତେହେରାନରେ ବଡ଼ ଧରଣର ଏୟାର୍ ଷ୍ଟ୍ରାଇକ୍ କରି ଇରାନର ଗୁରୁତ୍ୱପୂର୍ଣ୍ଣ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛି। ଏହି ଆକ୍ରମଣରେ ଇରାନର ମୁଖ୍ୟ ମହାକାଶ ଗବେଷଣା କେନ୍ଦ୍ର ଏବଂ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରୁଥିବା ଏକ ବଡ଼ କାରଖାନା ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। ଇସ୍ରାଏଲ ଦାବି କରିଛି, ଏହି ସ୍ଥାନଗୁଡ଼ିକରେ ନିରୀକ୍ଷଣ ଏବଂ ଆକ୍ରମଣ ପାଇଁ ସାମରିକ ଉପଗ୍ରହର ବ୍ୟବହାର କରାଯାଉଥିଲା। ଇସ୍ରାଏଲୀ ବାୟୁସେନା ଅନୁଯାୟୀ, ଆକ୍ରମଣର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସାମରିକ ଉପଗ୍ରହ ଉତ୍ପାଦନ କରୁଥିବା ରଣନୈତିକ ପ୍ରୟୋଗଶାଳାଗୁଡ଼ିକୁ ଧ୍ୱଂସ କରିବା। ଏହି ଉପଗ୍ରହଗୁଡ଼ିକୁ ମଧ୍ୟପ୍ରାଚ୍ୟରେ ଇସ୍ରାଏଲୀ ସମ୍ପତ୍ତି ଉପରେ ନଜର ରଖିବା ଏବଂ ସଠିକ ଆକ୍ରମଣ ପାଇଁ ମାର୍ଗଦର୍ଶନ କରିବା ଲାଗି ବ୍ୟବହାର କରାଯାଉଥିଲା। ଏହି ଆକ୍ରମଣ ଇରାନର ମହାକାଶ ଗବେଷଣା ଏବଂ ଗୁପ୍ତଚର କ୍ଷମତାକୁ ପଙ୍ଗୁ କରିଦେଇଛି ବୋଲି ଇସ୍ରାଏଲ କହିଛି। ମହାକାଶ କେନ୍ଦ୍ର ବ୍ୟତୀତ, ଇସ୍ରାଏଲ ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉତ୍ପାଦନ କରୁଥିବା ଏକ ପ୍ରମୁଖ କାରଖାନାକୁ ମଧ୍ୟ ଧ୍ୱଂସ କରିଦେଇଛି। ଏହି ଆକ୍ରମଣ ଇରାନର ପ୍ରତିରକ୍ଷା ପୁନଃନିର୍ମାଣ ଏବଂ ସୁଦୃଢ଼ କରିବାର କ୍ଷମତାକୁ ଯଥେଷ୍ଟ ଦୁର୍ବଳ କରିଦେଇଛି ବୋଲି ଆଇଡିଏଫ୍ କହିଛି। ଇରାନର ମୁଖ୍ୟ ଉତ୍ପାଦନ ସୁବିଧା ବନ୍ଦ ହୋଇଯିବାରୁ ଇରାନ ପାଇଁ ଏବେ ବାୟୁ ଆକ୍ରମଣର ମୁକାବିଲା କରିବା ପୂର୍ବ ଅପେକ୍ଷା ବେଶ୍ କଷ୍ଟକର ହେବ।

### ମମତାଙ୍କ ମାଷ୍ଟରଷ୍ଟ୍ରୋକ୍

## ତାରିଖ ଘୋଷଣା ପୂର୍ବରୁ ବଡ଼ ଘୋଷଣା

**କୋଲକାତା, ୧୫।୩:** ପଶ୍ଚିମବଙ୍ଗ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ମାଷ୍ଟରଷ୍ଟ୍ରୋକ୍ ମାରିଛନ୍ତି। ରବିବାର ଏକ ଘୋଷଣା କରି, ସେ କହିଛନ୍ତି ଯେ ରାଜ୍ୟ ସରକାର ପୂଜାରୀ ଏବଂ ମୁଏଜିନମାନଙ୍କ ଦ୍ୱାରା ଯଥାସମ୍ଭବ ଦାଖଲ କରାଯାଇଥିବା ସମସ୍ତ ନୂତନ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି।



ସେ ଆହୁରି ସୂଚନା ଦେଇଛନ୍ତି ଯେ, ତୁରନ୍ତ ପ୍ରଭାବରୁ, ପୂଜାରୀ ଏବଂ ମୁଏଜିନମାନେ ମାସିକ ୨,୦୦୦ ଟଙ୍କା ଭତ୍ତା ପାଇବେ। ସୋସିଆଲ ମିଡିଆ ଏକ୍ସରେ ତାଙ୍କ ସରକାରୀ ହ୍ୟାଣ୍ଡେଲ ମାଧ୍ୟମରେ ଏହି ସୂଚନା ଶେୟାର କରି ମମତା ବାନାର୍ଜୀ ଲେଖିଛନ୍ତି: 'ମୁଁ ଘୋଷଣା କରି ଖୁସି ଯେ ଆମର ପୂଜାରୀ ଏବଂ 'ମୁଏଜିନମାନେ'- ଯାହାଙ୍କ ସେବା ଆମ ସମ୍ପ୍ରଦାୟର ଆଧ୍ୟାତ୍ମିକ ଏବଂ ସାମାଜିକ ଗଠନକୁ ବଜାୟ ରଖେ - ସେମାନଙ୍କ ଦ୍ୱାରା ପାଉଥିବା ମାସିକ ସମ୍ମାନ ୫୦୦ ବୃଦ୍ଧି କରାଯାଇଛି। ଏହି ସଂଶୋଧନ ସହିତ, ସେମାନେ ଏବେ ପ୍ରତି ମାସରେ ୨,୦୦୦ଟଙ୍କା ପାଇବେ'। 'ଏହା ବ୍ୟତୀତ, ରାଜ୍ୟ ସରକାର ପୂଜାରୀ ଏବଂ ମୁଏଜିନ ଦ୍ୱାରା ଯଥାର୍ଥ ଭାବରେ ଦାଖଲ କରାଯାଇଥିବା ସମସ୍ତ ନୂତନ ଆବେଦନକୁ ମଧ୍ୟ ଅନୁମୋଦନ କରିଛନ୍ତି। ଆମେ ଏପରି ଏକ ପରିବେଶ ସୃଷ୍ଟି କରିବାରେ ଗର୍ବ ଅନୁଭବ କରୁ ଯେଉଁଠାରେ ପ୍ରତ୍ୟେକ ସମ୍ପ୍ରଦାୟ ଏବଂ ପରମ୍ପରାକୁ ମୂଲ୍ୟବାନ ଏବଂ ସୁଦୃଢ଼ କରାଯାଏ। ଆମର ପ୍ରୟାସ ହେଉଛି ଆମର ସମୃଦ୍ଧ ଆଧ୍ୟାତ୍ମିକ ଐତିହ୍ୟର ରକ୍ଷକମାନଙ୍କୁ ସେମାନେ ଯଥାର୍ଥ ଭାବରେ ପାଇବାକୁ ଥିବା ସ୍ୱୀକୃତି ଏବଂ ସମର୍ଥନ ପାଇବାକୁ ନିଶ୍ଚିତ କରିବା'।



## ଉରିରେ ପାକିସ୍ତାନୀ ଆତଙ୍କବାଦୀ

**ଶ୍ରୀନଗର, ୧୫।୩:** ଜମ୍ମୁ-କଶ୍ମୀରର ଉରି ସେକ୍ଟରରେ ଭାରତୀୟ ସେନା ଏବଂ ପୁଲିସର ମିଳିତ ଅପରେସନରେ ଜଣେ ପାକିସ୍ତାନୀ ଆତଙ୍କବାଦୀର ମୁଣ୍ଡ ଗଡ଼ିଛି। ଏହି ଅପରେସନ ବାରାମୁଲାର ବୁଛାର ଅଞ୍ଚଳରେ କରାଯାଇଥିଲା। ଭାରତୀୟ ସେନା ଅନୁଯାୟୀ, ଜମ୍ମୁ-କଶ୍ମୀର ପୁଲିସଠାରୁ ମିଳିଥିବା ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଆଧାରରେ, ୧୪ ଏବଂ ୧୫ ମାର୍ଚ୍ଚ ରାତିରେ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିବା ପାଇଁ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଅପରେସନ ସମୟରେ, ଘନ ଜଙ୍ଗଲ ଅଞ୍ଚଳରେ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଗତିବିଧି ଦେଖିବାକୁ ମିଳିଥିଲା। ସେନା ଅଞ୍ଚଳକୁ ଘେରାବନ୍ଦୀ କରି ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିଲେ। କିନ୍ତୁ ଆତଙ୍କବାଦୀ ଆଖିବୁଜା ଗୁଳି ଚଳାଇଥିଲା। ସୁରକ୍ଷା ବାହିନୀ ପାଲଟା ଗୁଳି ଚାଳନା କରିଥିଲେ। ଏଥିରେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା। ମୃତ ପାକିସ୍ତାନୀ ଆତଙ୍କବାଦୀଙ୍କ ପାଖରୁ ଏକେ ରାଇଫଲ୍, ପିସ୍ତଲ ଏବଂ ବିପୁଳ ପରିମାଣରେ ଗୁଳିଗୋଳା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

### ସାଇବର ଠକଙ୍କୁ ସକ୍ରିୟ କରିଛି ଏଲପିଜି ସଙ୍କଟ

## ସିଲିଣ୍ଡର ବୁକିଂ ନାଁରେ ଲୁଟୁଛନ୍ତି

**ନୂଆଦିଲ୍ଲୀ, ୧୫।୩:** ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧର ନିଆଁ ଏବେ ଭାରତୀୟ ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚିଛି। ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ଯୋଗୁଁ ଭାରତରେ ଏଲପିଜି ସଙ୍କଟ ଦେଖାଦେଇଥିବା ଚର୍ଚ୍ଚା ହେଉଛି। ବିଶେଷକରି କମର୍ସିଆଲ ଗ୍ୟାସ୍ ସିଲିଣ୍ଡରର ଯୋଗାଣ କମିଯିବାରୁ ରେଷ୍ଟୁରାଣ୍ଟ ଶିଳ୍ପ ବଡ଼ ଧରଣର କ୍ଷତି ସହୁଥିବାବେଳେ ଘରୋଇ ସିଲିଣ୍ଡର ପାଇଁ ମଧ୍ୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବିଭିନ୍ନ ସହରରେ ଗ୍ୟାସ ଏଜେନ୍ସି ସମ୍ମୁଖରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି ଏବଂ ବୁକିଂ ପରେ ମଧ୍ୟ ସିଲିଣ୍ଡର ମିଳିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି ।

ତେବେ ଏହି ଜନସାଧାରଣଙ୍କ ଭୟ ଓ ଅସୁବିଧାର ସୁଯୋଗ ନେବା ପାଇଁ ଏବେ ସକ୍ରିୟ ହୋଇଉଠିଛନ୍ତି ସାଇବର ଅପରାଧୀ। ଏଲପିଜି ସଙ୍କଟକୁ ଅସ୍ତ୍ର କରି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି କରିବା ପାଇଁ ଠକମାନେ




ଲୋକଙ୍କୁ ସଚେତନ କଲା ଦିଲ୍ଲୀ ପୁଲିସ

ନୂଆ ନୂଆ ଫାଶ ବିଛାଉଛନ୍ତି । ଏହାକୁ ନେଇ ଦିଲ୍ଲୀ ପୁଲିସ ସାରା ଦେଶର ଗ୍ରାହକଙ୍କୁ ସତର୍କ କରାଇ ଦେଇଛି। ସାଇବର ଠକମାନେ ନିଜକୁ ଗ୍ୟାସ ଏଜେନ୍ସିର କର୍ମଚାରୀ ଭାବେ ପରିଚୟ ଦେଇ ଲୋକଙ୍କୁ ଫୋନ କରୁଛନ୍ତି। ସେମାନେ କହୁଛନ୍ତି ଯେ, ଇରାନ ଓ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଗ୍ୟାସ୍ ଆମଦାନୀ ବନ୍ଦ ହୋଇଯାଇଛି ଏବଂ ଆଗାମୀ ଦିନରେ ସିଲିଣ୍ଡର ମିଳିବା ଅସମ୍ଭବ ହୋଇପଡ଼ିବ। ଏହି ମିଛ ସୂଚନା ଦେଇ ସେମାନେ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛନ୍ତି ଏବଂ ତୁରନ୍ତ ଆଡଭାନ୍ସ ବୁକିଂ କରିବାକୁ ପରାମର୍ଶ ଦେଉଛନ୍ତି।

ଠକମାନେ ହ୍ୱାଟସଆପ କିମ୍ବା ଏସଏମଏସ ଜରିଆରେ କିଛି ସନ୍ଦେହଜନକ ଲିଙ୍କ ପଠାଉଛନ୍ତି। ଏଥିରେ ଲେଖାଥାଏ- "ଷ୍ଟକ୍ ସରିବା ପୂର୍ବରୁ ସିଲିଣ୍ଡର ବୁକ୍ କରନ୍ତୁ କିମ୍ବା ଫାଷ୍ଟ-ଟ୍ରାକ୍ ଡେଲିଭରି ପାଇଁ ଏହି ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ। ଯେତେବେଳେ ଜଣେ ବ୍ୟକ୍ତି ସେହି ଲିଙ୍କ୍ ଉପରେ କ୍ଲିକ୍ କରୁଛନ୍ତି, ଏକ ନକଲି ୱେବସାଇଟ୍ ଖୋଲୁଛି। ସେଠାରେ ଅନଲାଇନ୍ ପେମେଣ୍ଟ୍ ବାହାନାରେ ଗ୍ରାହକଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଓଟିପି କିମ୍ବା ୟୁପିଆଇ ପିନ୍ ଚୋରି କରାଯାଉଛି। ଥରେ ପେମେଣ୍ଟ୍ ହୋଇଗଲା ପରେ, ନା ସିଲିଣ୍ଡର ଆସୁଛି ନା ସେହି ବ୍ୟକ୍ତିଙ୍କ ଫୋନ ଲାଗୁଛି। ତୈଳ କମ୍ପାନି ଏବଂ ସରକାର ସ୍ପଷ୍ଟ କରିଛନ୍ତି ଯେ, ଦେଶରେ ଘରୋଇ ଗ୍ୟାସର କୌଣସି ବଡ଼ ସଙ୍କଟ ନାହିଁ। ଯୋଗାଣ ସ୍ୱାଭାବିକ ରହିଛି ଏବଂ ବୁକିଂର ୨-୩ ଦିନ ମଧ୍ୟରେ ଡେଲିଭରି ଦିଆଯାଉଛି।

## ଓଡ଼ିଶା ପରେ ହରିୟାଣାରେ ରିସର୍ଟ ରାଜନୀତି

**ସିମଲା, ୧୫।୩:** ରାଜ୍ୟସଭା ନିର୍ବାଚନକୁ ନେଇ କଂଗ୍ରେସର ରିସର୍ଟ ରାଜନୀତି ଜାରି ରହିଛି। ପ୍ରଥମେ କଂଗ୍ରେସ ଭୁବନେଶ୍ୱରରୁ ୮ ଜଣ ଓଡିଶା ବିଧାୟକଙ୍କୁ ବେଙ୍ଗାଲୁରୁ ପଠାଇଥିଲା। ସେଠାରେ ସେମାନଙ୍କୁ ରାମନଗରର ବିଦାଦି ରିସର୍ଟରେ ରଖାଯାଇଛି। କର୍ଣ୍ଣାଟକର ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସେମାନଙ୍କୁ ଆତିଥ୍ୟ ଦେଉଛନ୍ତି। ସେହିପରି କଂଗ୍ରେସ ଚଣ୍ଡିଗଡ଼ରୁ ହରିୟାଣାର ୩୭ ଜଣ ବିଧାୟକଙ୍କ ମଧ୍ୟରୁ ୩୧ ଜଣଙ୍କୁ ସିମଲା ନିକଟସ୍ଥ କୁଫ୍ରିର ଟ୍ୱିନ୍ ଟାୱାରକୁ ପଠାଇଛି । ସେଠାରେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଆତିଥ୍ୟ ଦେଉଛନ୍ତି। ହିମାଚଳ ପୋଲିସ ରିସର୍ଟ ବାହାରେ ନିୟୋଜିତ ହୋଇଛି । କାହାକୁ ବାହାରକୁ ଯିବାର ଆବଶ୍ୟକତା ନାହିଁ ବୋଲି କହିଛି କଂଗ୍ରେସ। କଂଗ୍ରେସ ଏହି ରିସର୍ଟରେ ୩୩ଟି ରୁମ୍ ବୁକ୍ କରିଛି।

ହିମାଚଳ ପ୍ରଦେଶ ଯିବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଚଣ୍ଡିଗଡ଼ରେ ଭୂପିନ୍ଦର ସିଂହ ହୁଡାଙ୍କ ବାସଭବନରେ ଏକ ବୈଠକ କରିଥିଲେ। ସେଠାରେ ସମସ୍ତ ୩୭ ଜଣ ବିଧାୟକ ଉପସ୍ଥିତ ଥିଲେ। ହରିୟାଣା



ସୁରକ୍ଷା ମଧ୍ୟରେ କଂଗ୍ରେସ ବିଧାୟକଙ୍କୁ ସିମଲା ସ୍ଥାନାନ୍ତର

ବିଧାନସଭାରେ ମୋଟ ୯୦ ଜଣ ବିଧାୟକ ଅଛନ୍ତି । ସେମାନଙ୍କ ମଧ୍ୟରୁ ବିଜେପିର ୪୮ ଜଣ ଅଛନ୍ତି। ଦୁଇ ଜଣ ଆଇଏନଏଲଡି ବିଧାୟକଙ୍କ ବ୍ୟତୀତ, ତିନି ଜଣ ସ୍ୱାଧୀନ ବିଧାୟକ ମଧ୍ୟ ବିଜେପିକୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଅର୍ଥ ହେଉଛି ବିଜେପି ପାଖରେ ୫୩ ଜଣ ବିଧାୟକଙ୍କ ସମର୍ଥନ ଅଛି। ଗୋଟିଏ ଆସନ ଜିତିବା ପାଇଁ ବିଜେପିକୁ ୩୧ ଭୋଟ ଆବଶ୍ୟକ।

ଏହାର ପ୍ରାର୍ଥୀ ସଞ୍ଜୟ ଭାଟିଆଙ୍କ ବିଜୟ ପରେ ବିଜେପି ପାଖରେ ୨୨ ଭୋଟ ବାକି ଅଛି। ଏହି ସମୟରେ କଂଗ୍ରେସ ୩୭ ବିଧାୟକଙ୍କ ସହିତ ସହଜରେ ତା'ର ପ୍ରାର୍ଥୀ କରମବୀର ବୌଦ୍ଧଙ୍କ ବିଜୟ ସୁନିଶ୍ଚିତ କରିବ, ଏହାକୁ ଛଅଟି ଭୋଟ ବାକି ରହିବ। ଏହି ସମୟରେ ବିଜେପି ସମର୍ଥିତ ସ୍ୱାଧୀନ ସତୀଶ ନନ୍ଦଲ ତାଙ୍କର ନାମାଙ୍କନ ଦାଖଲ କରି ରାଜ୍ୟସଭା ନିର୍ବାଚନ ଗଣନାକୁ ଓଲଟପାଲଟ କରିଦେଇଛନ୍ତି। ନନ୍ଦଲଙ୍କୁ ଜିତିବା ପାଇଁ ୯ଟି ଭୋଟ ଆବଶ୍ୟକ ଏବଂ କଂଗ୍ରେସରୁ କ୍ରସ୍ ଭୋଟିଂ ବିନା ଏହା ଅସମ୍ଭବ। ଏହି କାରଣରୁ କଂଗ୍ରେସ ଏହାର ୩୧ ଜଣ ବିଧାୟକଙ୍କୁ ହିମାଚଳ ପ୍ରଦେଶକୁ ସ୍ଥାନାନ୍ତର କରିଛି। ଯାଇନଥିବା ୬ ଜଣ ବିଧାୟକଙ୍କ ମଧ୍ୟରେ ବିରୋଧୀ ଦଳ ନେତା ଭୂପିନ୍ଦର ସିଂହ ହୁଡା, ଜୁଲାନା ବିଧାୟକ ଭିନେଶ ଫୋଗଟ, ବାଦଲିର କୁଲଦୀପ ଭାଟସ୍, ଟୋହାନାରୁ ପରମବୀର ସିଂହ ଏବଂ ପଞ୍ଚକୁଲାରୁ ଚନ୍ଦ୍ରମୋହନ ବିଷ୍ଣୋଇ ଅନ୍ତର୍ଭୁକ୍ତ।

### ମୋଡ଼ ବଦଳାଇବ କି ତାମିଲନାଡୁ ରାଜନୀତି

## ସୁପରଷ୍ଟାର ବିଜୟ ହେବେ ଉପମୁଖ୍ୟମନ୍ତ୍ରୀ!

**ଚେନ୍ନାଇ, ୧୫।୩:** ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ଭାରତ ରାଜନୀତିରେ ଏକ ବଡ଼ ଧରଣର ସମୀକରଣ ଦେଖିବାକୁ ମିଳିଛି। ସୂତ୍ର ଅନୁସାରେ, ସୁପରଷ୍ଟାର ବିଜୟଙ୍କ ପାର୍ଟି 'ଟିଭିକେ' (ଟିଭିକେ) ସହ ମେଣ୍ଟ କରିବା ପାଇଁ ଭାଜପା ପକ୍ଷରୁ ଏକ ବଡ଼ ପ୍ରସ୍ତାବ ଦିଆଯାଇଛି। କେବଳ ସିଟ୍ ନୁହେଁ, ବରଂ ବିଜୟଙ୍କ ପାଇଁ ଉପ-ମୁଖ୍ୟମନ୍ତ୍ରୀ ପଦ ମଧ୍ୟ ଅଫର୍ କରିଛି ଭାରତୀୟ ଜନତା ପାର୍ଟି।

ତାମିଲନାଡୁରେ ଏନଡିଏ (ଏନଡିଏ)ର ଶକ୍ତି ବୃଦ୍ଧି କରିବା ପାଇଁ ଭାଜପା ରଣନୀତି ପ୍ରସ୍ତୁତ କରିଛି। ସୂତ୍ର ଅନୁସାରେ, ଅଭିନେତାରୁ ନେତା ସାଜିଥିବା ବିଜୟଙ୍କ 'ତାମିଲଗା ଭେଟ୍ରି କାଜାଗାମ' (ଟିଭିକେ)କୁ ୮୦ଟି ବିଧାନସଭା ଆସନ ଦେବାକୁ ଭାଜପା ପ୍ରସ୍ତାବ ଦେଇଛି। ଏପରିକି ନିର୍ବାଚନ ଜିତିଲେ ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯିବ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ବିଜୟ ମୁଖ୍ୟମନ୍ତ୍ରୀ ପଦ ଉପରେ ନଜର ରଖିଥିବାରୁ ଏହି ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଜୟଙ୍କ ବିଶାଳ ପ୍ରଶଂସକ ଗୋଷ୍ଠୀର ମାତ୍ର ୨ ପ୍ରତିଶତ ଭୋଟ୍ ମଧ୍ୟ ନିର୍ବାଚନର ମୋଡ଼ ବଦଳାଇ ଦେଇପାରେ ବୋଲି ଭାଜପା ଆଶା ରଖିଛି। ଅନ୍ୟ ଏକ ରାଜ୍ୟର ଜଣେ ଉପ-ମୁଖ୍ୟମନ୍ତ୍ରୀ ଏହି ମେଣ୍ଟ ପାଇଁ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।




ତେବେ ଏହି ସମ୍ଭାବ୍ୟ ମେଣ୍ଟକୁ ନେଇ ବିଜୟଙ୍କ ଶିବିରରେ କିଛିଟା ଅସନ୍ତୋଷ ମଧ୍ୟ ଦେଖାଦେଇଛି। ନିଜର ଏକ ସ୍ୱତନ୍ତ୍ର ପରିଚୟ ଏବଂ ବିକଳ୍ପ ରାଜନୀତିର ନାରା ଦେଇ ମଇଦାନକୁ ଓହ୍ଲାଇଥିବା ବିଜୟ, ଏତେ ଶୀଘ୍ର ଏକ ଜାତୀୟ ଦଳ ସହ ହାତ ମିଳାଇଲେ ତାଙ୍କର କ୍ରେଡିବିଲିଟି ବା ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିପାରେ ବୋଲି ତାଙ୍କ ପରାମର୍ଶଦାତାମାନେ ଆଶଙ୍କା କରୁଛନ୍ତି। ଯଦି ଏହି ମେଣ୍ଟ ବାସ୍ତବ ରୂପ ନିଏ, ତେବେ ତାମିଲନାଡୁର ପାରମ୍ପରିକ ଦ୍ରାବିଡ଼ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ।

‘ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍’ ଲୋକାର୍ପିତ

# ଅନୁଭୂତିମୂଳକ ଶିକ୍ଷା ଗଢ଼ିବ ଦକ୍ଷ ନାଗରିକ



**ଛାତ୍ରଛାତ୍ରୀ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ହେବା ଜରୁରୀ**

**ସମ୍ବଲପୁର,୧୫।୩(ସଂଚାର ବ୍ୟୁରୋ):** ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ପିଲାମାନେ ବହିରୁ ଯାହା ପଢ଼ନ୍ତି, ତା’ଠାରୁ ଅଧିକ ସେମାନେ ନିଜ ପରିବେଶ ଓ ଅନୁଭୂତିରୁ ଶିଖନ୍ତି। ପାରମ୍ପରିକ ଶିକ୍ଷାର ସୀମା ଲଂଘି ପିଲାଙ୍କୁ ଅନୁଭୂତିମୂଳକ ଶିକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆଜି ସମ୍ବଲପୁରର ଭାଲୁବାହାଲରେ ‘ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍’ର ଉଦଘାଟନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ର ଗୁରୁତ୍ୱ ଓ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କେବଳ ଇଂରାଜୀରେ ପଢ଼ିଲେ ପିଲାମାନେ ଗ୍ଲୋବାଲ୍ ବା ଅନ୍ତର୍ଜାତୀୟ ସ୍ତରର ହେବେ ନାହିଁ। ମାତୃଭାଷାରେ ଶିକ୍ଷା ଗ୍ରହଣ କଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଓ ସେମାନଙ୍କ ଚିନ୍ତାଧାରାରେ ସ୍ୱଚ୍ଛତା ଆସିଥାଏ। ଜାପାନ, ଜର୍ମାନୀ ଓ ଚୀନ ଭଳି ବିକଶିତ ରାଷ୍ଟ୍ରର ଉଦାହରଣ ଦେଇ ସେ କହିଛନ୍ତି ଯେ ଏହି ଦେଶଗୁଡ଼ିକରେ ବିଜ୍ଞାନ ଓ ସର୍ବୋତ୍ତମ ଶିକ୍ଷା ନିଜ ମାତୃଭାଷାରେ ହିଁ ଦିଆଯାଏ। ତେଣୁ ଆମକୁ ମଧ୍ୟ ଆମର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷା ଅନୁସାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ। ଏନ୍‌ଇପି ଅଧୀନରେ ନର୍ସରୀରୁ କେଜି-୧ ଓ କେଜି-୨ ପର୍ଯ୍ୟନ୍ତ 'ବାଲବାଟିକା' ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି। ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି। ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର। ଆମ ଶିକ୍ଷା ବ୍ୟବସ୍ଥା ଦୀର୍ଘ ଦିନ ଧରି ଗୋଲାମୀ ମାନସିକତା ଦ୍ୱାରା ପ୍ରଭାବିତ ହୋଇ ରହିଥିଲା। କିନ୍ତୁ ଏବର ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ହେବା ଆବଶ୍ୟକ। ଖିଣ୍ଡା, ଦେବ୍ରିଗଡ଼ ଓ ହୀରାକୁଦ ଭଳି ସ୍ଥାନ ପରିଦର୍ଶନ କରି ପିଲାମାନେ ବାସ୍ତବ ଅଭିଜ୍ଞତା ହାସଲ କରିବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କ୍ଲାସରୁମ୍ ମଧ୍ୟରେ ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଶିକ୍ଷା କ୍ଷେତ୍ରରେ ଏଆଇର ସହଯୋଗ ନେବାକୁ ସେ ସ୍କୁଲର ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍କୁଲ ପରିସରରେ ଯଥେଷ୍ଟ ପରିମାଣରେ ଚାରା ରୋପଣ କରି ଏହାକୁ ଏକ ଆଧୁନିକ ‘ଗୁରୁକୁଳ’ରେ ପରିଣତ କରିବାକୁ ସେ ସ୍କୁଲ ମ୍ୟାନେଜମେଣ୍ଟ କମିଟିକୁ ପରାମର୍ଶ ଦେଇଛନ୍ତି।



ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଏମ୍ସରେ ଚିକିତ୍ସା ପରେ ଫେରିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ଶ୍ରୀ ପୂଜାରୀଙ୍କ ଧର୍ମପତ୍ନୀ।

# ରାସ୍ତାଘାଟରୁ ହଟିବେ ଶିଶୁ ଭିକ୍ଷୁକ

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ନିର୍ଦ୍ଦେଶନାମା

**ଭୁବନେଶ୍ୱର,୧୫।୩(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସମସ୍ତ ଜିଲ୍ଲାପାଳ, ପୋଲିସ ଅଧିକ୍ଷକ ଏବଂ ପୌରପାଳିକା କମିଶନରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ଉନ୍ମୂଳନ ପାଇଁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ‘ଜିଲ୍ଲା ଟାସ୍କ ଫୋର୍ସ’ ଗଠନ କରାଯିବ। ଏହି ଟିମ୍‌ରେ ପୋଲିସ ଅଧିକ୍ଷକ, ପୌର କମିଶନର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ। ଏହି ଟାସ୍କ ଫୋର୍ସ ନିୟମିତ ଭାବେ ଚଢ଼ାଉ କରି ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ଥଇଥାନ ପାଇଁ ବ୍ୟବସ୍ଥା କରିବେ। ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଉଦ୍ଧାର ଶିଶୁମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ। ସେଠାରେ ସେମାନଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କାଉନସେଲିଂ ପ୍ରଦାନ କରାଯିବ। ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଶିଶୁମାନଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତିରେ ନିୟୋଜିତ କରୁଥିବା ଦଲାଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଆୟକର ସଂଗତି ଟ୍ରଷ୍ଟ ଓ ଉତ୍କର୍ଷ ଆରୋହଣ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**କୋଲକାତା,୧୫।୩(ସଂଚାର ବ୍ୟୁରୋ):** ଲୋକମାନଙ୍କ ସ୍ୱସ୍ଥ ଜୀବନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କୋଲକାତାର ପଞ୍ଚସାୟର ଅଞ୍ଚଳରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଆୟକର ସଂଗତି ଟ୍ରଷ୍ଟ ଓ ଉତ୍କର୍ଷ ଆରୋହଣର ମିଳିତ ପ୍ରୟାସ ଓ ସନ୍ତୋଷପୁରସ୍ଥିତ ଆରୋଗ୍ୟ ସଦନର ସହଯୋଗରେ ଉକ୍ତ ଶିବିର ଆୟୋଜିତ ହୋଇଛି। ଶିବିରରେ ଅଞ୍ଚଳର ବହୁ ସ୍ଥାନୀୟ ଲୋକ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ସାଧାରଣ ରୋଗ ସହ ଶିଶୁ ରୋଗ, ଅସ୍ଥି ରୋଗ, ସ୍ନାୟୁ ରୋଗ, ଚର୍ମ ରୋଗ, ନାକ- କାନ- ଗଳା ସମସ୍ୟା, ହୃଦରୋଗ ଓ ଚକ୍ଷୁ ରୋଗ ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଡାକ୍ତରମାନଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରୀକ୍ଷା କରାଯିବା ସହ ରୋଗୀମାନଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆୟକର ସଂଗତି ଟ୍ରଷ୍ଟର ଅଧ୍ୟକ୍ଷ ଦେବନାଥ ମୁଖୋପାଧ୍ୟାୟ, ଆୟକର ବିଭାଗ କମିଶନର (ପ୍ରଶାସନ) ଏକେ ସିଂହ, ଉତ୍କର୍ଷ ଆରୋହଣର ପ୍ରତିନିଧି ଅନୁପମ ମଜୁମଦାର ଓ ଆୟ କର ବିଭାଗର ଉପାୟୁକ୍ତ ଆଶୁତୋଷ ସାଉ ଉପସ୍ଥିତ ଥିଲେ। ସମାଜର ସାଧାରଣ ଲୋକଙ୍କ ପାଖକୁ ସହଜରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ଯେଉଁମାନେ ଆର୍ଥିକ ସମସ୍ୟାରୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇପାରୁନାହାନ୍ତି, ସେମାନଙ୍କୁ ଶିବିର ଯଥେଷ୍ଟ ସହାୟତା କରିଛି।

ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଦାବି

# ଶିକ୍ଷାନୁଷ୍ଠାନରେ ପାଳନ ହେଉ ରାଷ୍ଟ୍ରୀୟ ନବବର୍ଷ

**କଟକ,୧୫।୩(ସଂଚାର ବ୍ୟୁରୋ):** ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ସରକାର ନିର୍ଦ୍ଦେଶ ଦେବା ସକାଶେ ଦାବି କରିଛି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ। ମହାସଂଘ ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ଏକ ପତ୍ର ଲେଖି ଏପରି ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ ଜାନୁଆରୀ ପହିଲା ଆମର ନିଜସ୍ୱ ନୂଆ ବର୍ଷ ନୁହେଁ। ଇଂରେଜମାନେ ଏହି ଦିନକୁ ନବବର୍ଷ ଭାବେ ଆମ ଉପରେ ଲଦିଦେଇଛନ୍ତି। ଚୈତ୍ର ଶୁକ୍ଳ ପ୍ରତିପଦା ବା ବର୍ଷ ପ୍ରତିପଦା ହିଁ ଆମ ନିଜର ନୂଆବର୍ଷ। ଆମର ପରମ୍ପରା ଅନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି।




ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଚୈତ୍ରମାସ ଶୁକ୍ଳପକ୍ଷର ପ୍ରଥମ ଦିନକୁ ରାଷ୍ଟ୍ରୀୟ ନବବର୍ଷ ରୂପେ ପାଳନ କରାଗଲେ ଆମର ଛାତ୍ରଛାତ୍ରୀମାନେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧରେ ଜ୍ଞାତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ମନରେ ରାଷ୍ଟ୍ରପ୍ରେମ ଜାଗ୍ରତ ହୋଇପାରିବ ବୋଲି ଡକ୍ଟର ମହାନ୍ତି ଚିଠିରେ ଉଲ୍ଲେଖ କରିଛନ୍ତି।

# ପଦ୍ମ ପୁରସ୍କାର ପାଇଁ ନାମାଙ୍କନ ଆରମ୍ଭ

**ନୂଆଦିଲ୍ଲୀ,୧୫।୩:** ଆଗାମୀ ୨୦୨୭ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର ପାଇଁ ନାମାଙ୍କନ/ସୁପାରିସ୍ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଏହି ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ଆସନ୍ତା ଜୁଲାଇ ୩୧ ତାରିଖ ରହିଛି। ପଦ୍ମ ପୁରସ୍କାର ପାଇଁ ସମସ୍ତ ନାମାଙ୍କନ ଓ ସୁପାରିସ୍ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ ମାଧ୍ୟମରେ ଅନଲାଇନ୍‌ରେ ଗ୍ରହଣ କରାଯିବ।

ପଦ୍ମ ପୁରସ୍କାର ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ରହିଛି। ୧୯୫୪ରେ ପ୍ରତିଷ୍ଠିତ ଏହି ପୁରସ୍କାରଗୁଡ଼ିକ ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଆସିଛି। ଏହି ପୁରସ୍କାର ‘ବିଶେଷ କାର୍ଯ୍ୟ’କୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ ଏବଂ କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜସେବା, ବିଜ୍ଞାନ ଓ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ନାଗରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଉଲେଖନୀୟ




ଓ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଇଆସୁଛି। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ ହୋଇଥାନ୍ତି। ଡାକ୍ତର ଓ ବୈଜ୍ଞାନିକମାନଙ୍କୁ ଛାଡ଼ି ପିଏସୟୁରେ କାମ କରୁଥିବା କର୍ମଚାରୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ହୋଇ ନ ଥାନ୍ତି।

ସରକାର ପଦ୍ମ ପୁରସ୍କାରକୁ ‘ଲୋକମାନଙ୍କର ପଦ୍ମ’ରେ ପରିଣତ କରିବାକୁ ପ୍ରତିବଦ୍ଧ। ସେଥିପାଇଁ ସମସ୍ତ ନାଗରିକଙ୍କୁ ସ୍ୱନାମାଙ୍କନ ସମେତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମନୋନୟନ/ସୁପାରିସ୍ କରିବାକୁ ନିବେଦନ କରାଯାଇଛି। ବିଶେଷତଃ ମହିଳା, ସମାଜର ଦୁର୍ବଳ ବର୍ଗ, ଅନୁସୂଚିତ ଜାତି ଓ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ଓ ସମାଜସେବାରେ ନିଃସ୍ୱାର୍ଥ ଭାବେ ନିୟୋଜିତ ପ୍ରତିଭାଶାଳୀ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ଆଗକୁ ଆଣିବା ପାଇଁ ସମନ୍ୱିତ ପ୍ରୟାସ କରିବାକୁ ଆହ୍ୱାନ ଦିଆଯାଇଛି, ଯାହାଦ୍ୱାରା ସେମାନଙ୍କ ଉତ୍କର୍ଷତା ଓ ଅସାଧାରଣ ସେବା ଯଥୋଚିତ ସ୍ୱୀକୃତି ପାଇପାରିବ। ନାମାଙ୍କନ/ସୁପାରିସ୍ ପତ୍ରରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫର୍ମାଟ୍‌ରେ ଉଲ୍ଲେଖ କରାଯାଇଥିବା ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ। ଏହା ସୁପାରିଶ କରାଯାଇଥିବା ବ୍ୟକ୍ତି କିମ୍ବା ତାଙ୍କ ସମ୍ପୃକ୍ତ କ୍ଷେତ୍ର କିମ୍ବା ବିଭାଗରେ ବିଶିଷ୍ଟ ଓ ଅସାଧାରଣ ସଫଳତା କିମ୍ବା ସେବାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ମିଶ୍ରଙ୍କ ଅଙ୍କ ବି ବିଗିଡ଼ିଗଲାଣି ବୋଲି ଚର୍ଚ୍ଚା ହେଉଛି।

୪ଟି ଆସନ ପାଇଁ ହେଉଥିବା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ଜିତିବାକୁ ୩୦ ଜଣ ବିଧାୟକଙ୍କ ସମର୍ଥନ ଦରକାର। ତେଣୁ ବିଧାନସଭାରେ ବିଜେପିର ୭୯ ଓ ତିନି ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥନରେ ମନମୋହନ ଓ ସୁଜିତଙ୍କ ବିଜୟ ଏକପ୍ରକାର ସ୍ପଷ୍ଟ। ବିଜେପିର ବଳକା ୨୨ ବିଧାୟକଙ୍କ ସମର୍ଥନ ଦିଲ୍ଲୀପଙ୍କୁ ଯିବ। ବିଜେଡିରୁ ନିଲମ୍ବିତ ଅରବିନ୍ଦ ମହାପାତ୍ର ଓ ସନା ମହାକୁଡ଼ ମଧ୍ୟ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦ ଭୋଟ ଦେବା ଏକପ୍ରକାର ନିଶ୍ଚିତ। ଦ୍ୱିତୀୟ ପସନ୍ଦ ଭୋଟକୁ ହିସାବକୁ ନ ନେଲେ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦ ଭୋଟ୍‌ରେ ଆହୁରି ୬ଟି ଭୋଟ ଦରକାର। ସେପଟେ ବିଜେଡିର ୪୮ ବିଧାୟକ (ଅରବିନ୍ଦ ଓ ସନା ନିଲମ୍ବିତ)ଙ୍କ ସମର୍ଥନରେ ସଂତୃପ୍ତ ଜିତିବାରେ କୌଣସି ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ। ହେଲେ ଦିଲ୍ଲୀରେ ବିଜୁ-ନବୀନ ଟ୍ରଷ୍ଟ ପାଇଁ ବିବାଦ ଘେରକୁ ଆସିଥିବା ସଂତୃପ୍ତଙ୍କୁ ନେଇ ବର୍ତ୍ତମାନ ଦଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ଏହାର ପ୍ରଭାବ ତାଙ୍କ ଜିତାପଟ ଉପରେ ପଡ଼ିବାର ଅଶଙ୍କା ରବିବାର ସନ୍ଧ୍ୟାରୁ ସୃଷ୍ଟି ହୋଇଛି। ସେହିଭଳି ଡାକ୍ତର ହୋତାଙ୍କ ପାଇଁ ବିଜେଡିର ୧୮, କଂଗ୍ରେସର ୧୪ ଓ ସିପିଏମର ଗୋଟିଏ ଏମିତି ୩୩ ଖଣ୍ଡ ଭୋଟ ସହ ଜିତିବାରେ ସମସ୍ୟା ନ ଥିଲା। କିନ୍ତୁ ଦଳୀୟ କନ୍ଦଳ ଓ ପ୍ରାର୍ଥୀ ଚୟନଜନିତ ଅସନ୍ତୋଷରେ ତାଙ୍କୁ ୩୩ରୁ ୩୦ ବିଧାୟକଙ୍କ ସମର୍ଥନ ମିଳିବ କି ନାହିଁ, ତାକୁ ନେଇ ବି ବିଜେଡି ଓ କଂଗ୍ରେସ ଶିବିର ବିଚଳିତ।

## ନବ...

ଏହା ସତ, ତେବେ ଏହି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନାହିଁ। ଆସନ୍ତାକାଲି ନିର୍ବାଚନରେ ଦଳ ସପକ୍ଷରେ ଭୋଟ ଦେବା ପାଇଁ ପ୍ରସ୍ତୁତ ହୁଅନ୍ତୁ, ନଚେତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ମିଳିତ...

ଦଳର କୌଣସି ଉଲ୍ଲେଖନୀୟ ଅବଦାନ ନାହିଁ ବୋଲି ସେ କହିଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ଶାସକ ବିଜେଡି ଦଳର ନିଷ୍ଠୁରତା ପାଇଁ ତାଙ୍କ ନିର୍ବାଚନ ମଣ୍ଡଳୀର ବିକାଶ ବାଧାପ୍ରାପ୍ତ ହୋଇଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ ରାଜ୍ୟ କିମ୍ବା କେନ୍ଦ୍ର ନେତୃତ୍ୱ ତାଙ୍କ ସହଯୋଗ କରିନଥିଲେ। ୨୦୧୪ ନିର୍ବାଚନରେ ବିଜେଡି ଚକ୍ରାନ୍ତ କରି ଶ୍ରୀମତୀ ବାସନ୍ତୀ ମଲ୍ଲିକଙ୍କୁ ମାତ୍ର ୧୧୪ ଭୋଟ୍‌ରେ ବିଜୟୀ ଘୋଷଣା କରାଇଥିଲା। ଏହା ବିରୁଦ୍ଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ସମୟରେ ଦଳ ତାଙ୍କୁ ସହଯୋଗ କରିନଥିଲା। ଏବେ ବି ସେ ବିଜେଡି ବିରୁଦ୍ଧରେ ଲଢ଼େଇ ଜାରି ରଖୁଛି । ବିଜେଡି ନେତୃତ୍ୱ ଦ୍ୱାରା ପ୍ରକାଶିତ ତାଲିକାରୁ ଜଣାପଡ଼ିଛି ଯେ, ହୋତା ରାଜ୍ୟସଭା ନିର୍ବାଚନରେ ବିଜେଡିର ସମର୍ଥନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି ଏବଂ କଂଗ୍ରେସ ତାଙ୍କୁ ସମର୍ଥନ ଜଣାଉଛି। କଂଗ୍ରେସର ଏଭଳି ଏକପାଖିଆ ନିଷ୍ପତ୍ତି ବିଧାୟକ ଦଳ ବୈଠକରେ ଆଲୋଚନା ହୋଇନାହିଁ କିମ୍ବା ନିର୍ବାଚିତ ବିଧାୟକମାନଙ୍କର ମତାମତ ନେବା ପୂର୍ବରୁ, ବିଜେଡି ନିକଟରେ ବନ୍ଧା ପକାଇବା ପୂର୍ବରୁ ସେମାନଙ୍କୁ ଅବଗତ କରାଯାଇନାହିଁ। ବିଜେଡି-କଂଗ୍ରେସର ଏହି ମଧୁ-ଚନ୍ଦ୍ରିକା ସମ୍ପର୍କ କେବଳ ମୋହନା ନୁହେଁ, ସମଗ୍ର ରାଜ୍ୟର କଂଗ୍ରେସ କର୍ମୀ, କଂଗ୍ରେସ ପ୍ରେମୀ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟରତ ସମସ୍ତ ନେତୃବୃନ୍ଦଙ୍କୁ ବ୍ୟଥିତ କରିଛି ବୋଲି ସେ କହିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଏକ ଘରୋଇ ଅନୁଷ୍ଠାନ କିମ୍ବା କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କର ହସ୍ତମୁଦି ନୁହେଁ। କଂଗ୍ରେସର ଆଦର୍ଶ ସହିତ ଧାର ଧାରି ନଥିବା କିଛି ବ୍ୟକ୍ତି ନିଜର ରାଜନୈତିକ ସ୍ୱାର୍ଥ ପାଇଁ ବିଜେଡି ସହ ହାତ ମିଶାଇ କଂଗ୍ରେସକୁ ଧ୍ୱଂସ କରିବାର ଷଡ଼ଯନ୍ତ୍ର କରିଛନ୍ତି। ରାଜ୍ୟସଭା ନିର୍ବାଚନରେ ମତଦାନ ଦଳୀୟ ଶୃଙ୍ଖଳା ସହିତ ସମ୍ପର୍କିତ ନୁହେଁ । ସୁପ୍ରିମ କୋର୍ଟଙ୍କ କୁଲଦୀପ ନାୟର ବନାମ ଭାରତ ସରକାର ମାମଲାରେ ସାମ୍ବିଧାନିକ ବେଞ୍ଚର ରାୟ ଏବଂ ନିର୍ବାଚନ କମିଶନଙ୍କ ୨୦୧୭ ନିର୍ଦ୍ଦେଶନାମା ଏହାକୁ ସ୍ପଷ୍ଟ କରିଛି। ରାଜ୍ୟସଭା ନିର୍ବାଚନରେ ମତଦାନ କରିବି କି ନାହିଁ କିମ୍ବା କାହା ସପକ୍ଷରେ ମତଦାନ କରିବି, ତାହା ମୋର ବିବେକ ଅନୁଯାୟୀ ନିଷ୍ପତ୍ତି ନେବି। ଏଥିରେ ଦଳୀୟ ହୁଇପ କାର୍ଯ୍ୟକାରୀ ହୁଏ ନାହିଁ ଏବଂ ଏହା ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ଭଳି କାର୍ଯ୍ୟ ନୁହେଁ ବୋଲି ସେ କହିଛନ୍ତି।

## ଏପ୍ରିଲ୍...

ଉପନିର୍ବାଚନ ଅନୁଷ୍ଠିତ ହେବ। ଶେଷରେ ମେ’ ୪ ତାରିଖରେ ଫଳାଫଳ ଘୋଷଣା କରାଯିବ ବୋଲି ସିଇସି ଶ୍ରୀ କୁମାର କହିଛନ୍ତି।

ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ସୁରୁଖୁରୁରେ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହେବ। କୌଣସି ପ୍ରକାର ଅନିୟମିତତା ପରିଲକ୍ଷିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଇସି ତାଗିଦ୍ କରିଛନ୍ତି। ଏଥିସହ ଆଜିଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଉପରୋକ୍ତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଆଲୋଚ୍ୟ ତାରିଖରେ ୮୨୪ଟି ନିର୍ବାଚନମଣ୍ଡଳୀର ମୋଟ ୧୭.୪ କୋଟି ଭୋଟର୍ ୨.୧୮ ଲକ୍ଷ ବୁଥ୍‌ରେ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବେ। ସେହିପରି ୨୫ ଲକ୍ଷ ନିର୍ବାଚନ ଅଧିକାରୀ ଓ ସାଢ଼େ ୮ ଲକ୍ଷ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଛି। ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପହଞ୍ଚି ଇସି ସେଠାରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପୂର୍ବରୁ ପଶ୍ଚିମବଙ୍ଗରେ ନିର୍ବାଚନ ୨ରୁ ଅଧିକ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲେ ହେଁ ଚଳିତ ବର୍ଷ ଏହାକୁ କେବଳ ୨ରେ ସୀମିତ ରଖାଯିବା ନେଇ ଶ୍ରୀ କୁମାର କହିଛନ୍ତି ଯେ ରାଜ୍ୟରେ ସାମ୍ପ୍ରତିକ ପରିସ୍ଥିତି ଓ ସମସ୍ତଙ୍କ ସୁବିଧାକୁ ନଜରରେ ରଖି ଏପରି ନିଷ୍ପତ୍ତି ହୋଇଛି। ଏଥିସହ ଚଳିତ ଥର ନିର୍ବାଚନକୁ ଅବାଧ ଓ ସ୍ୱଚ୍ଛ ରଖିବା ସକାଶେ ୩୦ଟି ନୂଆ ପଦକ୍ଷେପ ନିଆଯାଇଛି। ସେହିପରି ଗୋଟିଏ ବୁଥ୍‌ରେ ସର୍ବାଧିକ ୧୨୦୦ ଭୋଟର୍ ଭୋଟ୍ ଦେଇପାରିବେ ଓ ସବୁ ବୁଥ୍‌ର ୱେବ୍‌କାଷ୍ଟିଂ କରାଯିବ।

ସେହିପରି ଗତ ନିର୍ବାଚନରେ ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେଉଁ ଦଳର ପ୍ରଦର୍ଶନ କିପରି ଥିଲା, ସେ ସମ୍ପର୍କରେ ଆଲୋଚନା କଲେ ତାମିଲନାଡୁରେ ଡିଏମ୍‌କେ ନେତୃତ୍ୱାଧୀନ ଏସ୍‌ପିଏକୁ ୧୫୯ଟି ଆସନ ମିଳିଥିଲା। ଏଥିରେ ଡିଏମ୍‌କେର ଆସନ ସଂଖ୍ୟା ୧୩୩ ଥିଲା। ସେହିପରି ଗତ ୨୦୨୧ରେ ପଶ୍ଚିମବଙ୍ଗରେ ୫ଟି ପର୍ଯ୍ୟାୟରେ ଭୋଟ୍ ହୋଇଥିବା ବେଳେ ଏଥିରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ୨୧୫ଟି ଆସନ ପାଇଥିବା ବେଳେ ବିଜେପି ମାତ୍ର ୭୭ଟିରେ ସନ୍ତୁଷ୍ଟ ରହିଥିଲା। ତେବେ ଆଗାମୀ ନିର୍ବାଚନରେ ବିଜେପି ପଶ୍ଚିମବଙ୍ଗରେ ସଂଖ୍ୟାଗରିଷ୍ଠତା ହାସଲ କରି ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ଆଶା ରଖିଛି। ଏଥିପାଇଁ ଦଳର ତାରକା ନେତାମାନେ ମଧ୍ୟ ଜୋର୍‌ସୋର୍‌ରେ ପ୍ରଚାର ଚଳାଇଛନ୍ତି। ଆହୁରି କେରଳରେ ଗତ ୨୦୨୧ରେ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ୭୨ଟି ଆସନ ଜିତିଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌କୁ ୨୨ଟି ଆସନ ମିଳିଥିଲା। ସେହିପରି ୫ ବର୍ଷ ତଳେ ଆସାମରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୭୦ଟି ଓ କଂଗ୍ରେସ ନେତୃତ୍ୱାଧୀନ ମହାଜୋଟ୍‌କୁ ୨୯ଟି ଆସନ ମିଳିଥିଲା। ଏହାଛଡ଼ା ୨୦୨୧ରେ ପୁଡୁଚେରୀରେ ଅନୁଷ୍ଠିତ ନିର୍ବାଚନରେ ଏଆଇଏନ୍‌ଆର୍‌ସି ନେତୃତ୍ୱାଧୀନ ଏନ୍‌ଡିଏକୁ ୧୦ଟି ଓ ବିରୋଧୀ ଡିଏମ୍‌କେ ନେତୃତ୍ୱାଧୀନ ଏସ୍‌ପିଏ+ୟୁପିଏକୁ ୬ଟି ଆସନରେ ବିଜୟ ମିଳିଥିଲା।

## ହିଂସାପଥ...

ପୁନର୍ବାସ ନୀତିରେ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ଏହି ଲଢ଼େଇରେ ସୁରକ୍ଷା ବଳର ଅନେକ ସାହସୀ ସୁରକ୍ଷା କର୍ମୀ ବଳିଦାନ ଦେଇଛନ୍ତି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ଏଥିସହ ଗୁଇନ୍ଦା ସୂଚନାନୁସାରେ କଳାହାଣ୍ଡି ଜିଲ୍ଲାର କନ୍ଧମାଳ ଓ ରାୟଗଡ଼ା ସୀମାନ୍ତରେ ଆଉ ପ୍ରାୟ ୧୫ ଜଣ ମାଓବାଦୀ ଲୁଚିଛନ୍ତି। ସୁରକ୍ଷାକର୍ମୀମାନଙ୍କ ଧୈର୍ଯ୍ୟର ପରୀକ୍ଷା ନିଆଯାଉଛି। ତେଣୁ ସୁରକ୍ଷାକର୍ମୀ ଏନ୍‌କାଉଣ୍ଟର୍ କରିବା ପୂର୍ବରୁ ସେମାନେ ତୁରନ୍ତ ଆତ୍ମସମର୍ପଣ କରି ହିଂସାପଥ ତ୍ୟାଗ କରିବା ସକାଶେ ଡିଜି ଆହ୍ୱାନ ଦେଇଛନ୍ତି।

ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରୁ ଜଣେ ଡିଭିଜନାଲ୍ କମିଟି ମେମ୍ବର, ୫ ଜଣ ଏରିଆ କମିଟି ମେମ୍ବର ଓ ୫ ଜଣ ପାର୍ଟି ମେମ୍ବର ରହିଛନ୍ତି। ଏହି ସମସ୍ତ କ୍ୟାଡର୍ ମାଓବାଦୀଙ୍କୁ ମୋଟ ୧ କୋଟି ୩୪ ଲକ୍ଷ ୨୩ ହଜାର ୬୯୦ ଟଙ୍କାର ପୁରସ୍କାର ଓ ସହାୟତା ରାଶି ଯୋଗାଇ ଦିଆଯିବ।

ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ସବୁଠାରୁ ଶୀର୍ଷରେ ଅଛନ୍ତି ଡିସିଏମ୍ ରାଜୁ କୋଲା ଓରଫ ଚନ୍ଦ୍ର। ତାଙ୍କ ନାମରେ ୨୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ୧୦ ଲକ୍ଷ ଟଙ୍କାର ଅତିରିକ୍ତ ଏକକାଳୀନ ଅର୍ଥରାଶି ଘୋଷଣା କରାଯାଇଥିଲା। ସେହିପରି ଏସିଏମ ପଦରେ ଥିବା ନାଙ୍ଗଲ କୁଞ୍ଜାମ, ଜୋଡିଓ ସୋଡ଼ି, ହିଡମେ ମିଡିୟମ, ସୁକି ପୁନେମ, ମାଙ୍ଗଲି ହିଡ଼ମା, ପିଏମ ର୍‍ୟାଙ୍କର କୋକସି ମାଧବୀ, କୁମାର ମଦକମ, ୱାଙ୍ଗି ମାଧବୀ, ଯୋଗୀ ଓୟାମ, ବିଜୁ ଆତ୍ମସମର୍ପଣ କରିଛନ୍ତି। ଏଥିସହ ସେମାନେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ମଧ୍ୟ ଜମା କରିଛନ୍ତି। ଏଥିମଧ୍ୟରେ ଏକେ-୪୭, ଏସଏଲଆର ରାଇଫଲ, ଇନସାସ୍ ରାଇଫଲ ଓ ଅନେକ ଦେଶୀ ବନ୍ଧୁକ ରହିଛି। ଏହି ଅସ୍ତ୍ରଶସ୍ତ୍ର ବଦଳରେ ସେମାନଙ୍କୁ ପ୍ରାୟ ୧୦ ଲକ୍ଷ ୯୮ ହଜାର ୬୯୦ ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସାମଗ୍ରିକ ଭାବେ କ୍ୟାଡରମାନଙ୍କ ପାଇଁ ୬୩.୨୫ ଲକ୍ଷ ଟଙ୍କା ଏବଂ ଅତିରିକ୍ତ ପୁନର୍ବାସ ପାଇଁ ୬୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ହିଂସା ପଥ ପରିତ୍ୟାଗ କରି ସାଧାରଣ ଜୀବନ ବିତାଇବାକୁ ଚାହୁଁଥିବା ଏହି ଯୁବକଯୁବତୀମାନଙ୍କୁ ସରକାର ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏହି ମାଓବାଦୀମାନେ ଆତ୍ମସମର୍ପଣ କରିବା ପରେ କେବିଏନ ମାଓ ସଂଗଠନ ପୂର୍ଣ୍ଣ ରୂପରେ ଦୁର୍ବଳ ହୋଇପଡ଼ିଛି ଓ ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା କେବଳ କଳାହାଣ୍ଡି ନୁହେଁ, ପୂରା ଓଡ଼ିଶା ମାଓମୁକ୍ତ ହେବା ନେଇ ସମାରୋହରେ ଉପସ୍ଥିତ ବରିଷ୍ଠ ପୁଲିସ ପଦାଧିକାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସମାରୋହକୁ କଳାହାଣ୍ଡି ଏସପି ନାଗରାଜ ଦେବାରକୋଣ୍ଡା ପରିଚାଳନା କରିଥିଲେ। ଏହାଛଡ଼ା ବରିଷ୍ଠ ପୁଲିସ୍ ଅଧିକାରୀ ଏଡିଜି, ଏଏନଓ ସଞ୍ଜୀବ ପଣ୍ଡା ଓ ଆଇଜି ଦୀପକ କୁମାର, ଆଇଜି, ସିଆରପିଏଫ ଅମିତେନ୍ଦ୍ରନାଥ ସିହ୍ନା, ଡିଆଇଜି, ଏସଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ ଏବଂ ଡିଆଇଜି, ଏସଡବ୍ଲ୍ୟୁଆର କନୱର ବିଶାଳ ସିଂଙ୍କ ସହ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କନ୍ଧମାଳ ଏସପି ହରିଶ ବିସ, ରାୟଗଡ଼ା ଏସପି ସ୍ୱାତୀ ଏସ. କୁମାର ଓ ନୂଆପଡ଼ା ଏସପି ଅମ୍ରିତପାଲ ସିଂ ଉପସ୍ଥିତ ଥିଲେ।

## ପାରାଦୀପ...

ଜେଏସଡବ୍ଲୁ ପକ୍ଷରୁ ବିକଶିତ ହେବାକୁ ଥିବା ଶିଳ୍ପାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଭୁବନେଶ୍ୱର-କଟକ- ପୁରୀ-ପାରାଦୀପ ଇକୋନୋମିକ ରିଜନ, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ, ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

ପଡିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପ୍ରଶାସନ ଓ ଶିଳ୍ପାନୁଷ୍ଠାନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିଳ୍ପାନୁଷ୍ଠାନରେ ରାଜ୍ୟର ଯୁବପିଢ଼ୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ। ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେଏସଡବ୍ଲୁ, ଏଏମଏନଏସ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସ...

ରିସର୍ଟରେ ଆଜି ପହଞ୍ଚିଥିଲେ ୪ ଜଣ ଓଡ଼ିଆ ବ୍ୟକ୍ତି। ସେମାନେ କଂଗ୍ରେସ ବିଧାୟକଙ୍କ ସହ କଥା ହେବାକୁ ଚେଷ୍ଟା କରୁଥିଲେ ଓ ବିଧାୟକଙ୍କ ସହ ଲିଫ୍ଟରେ ମଧ୍ୟ ଯାଇଥିଲେ। ସେମାନେ ହେଲେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଅଜିତ ସାହୁ, ରାଉରକେଲାର ବୀରେନ୍ଦ୍ର ପ୍ରସାଦ, ସୀମାଞ୍ଚଳ ମହାକୁଡ଼ ଓ କର୍ଣ୍ଣାଟକ ବିଜେପି ନେତାଙ୍କ ଲୋକ ସୁରେଶ। ସେମାନଙ୍କ ଉପରେ ସନ୍ଦେହ ହେବାରୁ ପୁଲିସର ସହାୟତା ନିଆଯାଇଥିଲା। ବେଙ୍ଗାଲୁରୁର ବିଦାଦି ପୁଲିସ ଥାନାରେ କଂଗ୍ରେସ ବିଧାୟକ ଅଶୋକ ଦାସ ଲିଖିତ ଅଭିଯୋଗ କରିଥିଲେ। କଂଗ୍ରେସ ବିଧାୟକଙ୍କୁ ପ୍ରଭାବିତ କରୁଥିବା ୪ ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ପାଖରୁ ବ୍ଲାଙ୍କ୍ ଚେକ ଓ ୧୭ ଲକ୍ଷ ଟଙ୍କା ଲେଖା ଥିବା ଅନ୍ୟ ଏକ ଚେକ୍ ବି ଜବତ ହୋଇଛି। ସେମାନଙ୍କ ଫୋନ ମଧ୍ୟ ଜବତ ହୋଇଛି। ସେଥିରୁ ସେମାନେ ଏକ ନିର୍ଦ୍ଦିଷ୍ଟ ପଞ୍ଚତାରକା ହୋଟେଲର ବରିଷ୍ଠ ଅଧିକାରୀଙ୍କ ସହ ବାରମ୍ବାର କଥା ହେଉଥିବା ଓ ହ୍ୱାଟ୍ସଆପ ଚାଟ୍‌ରୁ କଂଗ୍ରେସ ବିଧାୟକଙ୍କୁ କିଣିବାକୁ ଚେଷ୍ଟା କରାଯାଉଥିବା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି।

ସେହିଭଳି ପିସିସି ସଭାପତି ଶ୍ରୀ ଦାସ ଅଭିଯୋଗ କରିଛନ୍ତି ଯେ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟି ଆଲୋଚନା ପାଇଁ କଂଗ୍ରେସର ୮ ଜଣ ବିଧାୟକ ଓ ସେ ନିଜେ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ରାଜ୍ୟ ବିଜେପିର ସର୍ବଶକ୍ତିମାନ ନେତାଙ୍କ ପରାମର୍ଶରେ ୪ ଜଣ ବିଜେପି ଲୋକ ଆସି ବିଧାୟକଙ୍କୁ ଭେଟି ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲେ। ଏନେଇ ରାଜ୍ୟ ବିଜେପି କହିଛି ଯେ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ କିଛି ଦିଲ୍ଲୀପ ରାୟଙ୍କୁ ଭୋଟ ଦେବେ ବୋଲି ଜାଣିସାରିବା ପରେ କଂଗ୍ରେସ ମିଛ ଅଭିଯୋଗ କରୁଛି। ତେବେ ଏ ସମ୍ପର୍କରେ ଦିଲ୍ଲପ ରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଗୋଟିଏ...

ନବ ମଲ୍ଲିକ, ଚକ୍ରମଣୀ କହଁର ଓ କଂଗ୍ରେସର ଦାଶରଥୀ ଗମାଙ୍ଗଙ୍କ ଭୋଟ ମିଶାଇଲେ ୨୭ ଖଣ୍ଡ ପ୍ରଥମ ପସନ୍ଦର ଭୋଟ ମିଳିବ। ସୁବାସିନୀ ଯଦି ଦଳୀୟ ନିର୍ଦ୍ଦେଶର ଉଲଂଘନ କରନ୍ତି ତେବେ ଦିଲ୍ଲୀପଙ୍କୁ ମିଳିବ ପ୍ରଥମ ପସନ୍ଦର ୨୮ ଭୋଟ। ତେଣୁ ଖେଳ ଗୋଟିଏ ଭୋଟରେ କେନ୍ଦ୍ରୀଭୁତ ହୋଇଛି।

## ମୁଖିଆଙ୍କ...

କେଉଁଠି ଅଛନ୍ତି, ତା’ର ଟେର୍ ବି ଦଳୀୟ ନେତାମାନେ ପାଉନାହାନ୍ତି। ଫଳରେ ଚିଠି ଲେଖି ସେମାନଙ୍କୁ ହାଜର ହେବାକୁ ଚେତାବନୀ ଦେଇଛନ୍ତି। ହ୍ୱିପ୍ ଅମାନ୍ୟ କଲେ ସଭ୍ୟପଦ ରଦ୍ଦର ବି ଧମକ ଦେଉଛନ୍ତି।

ହେଲେ ଛୁ’ ମାରିଥିବା ବିଧାୟକମାନେ ଭଲ ଭାବେ ଜାଣିଛନ୍ତି ଯେ ରାଜ୍ୟସଭା ନିର୍ବାଚନ ପାଇଁ ଜାରି ହ୍ୱିପ୍ କେବଳ ଦଳୀୟ ନିର୍ଦ୍ଦେଶ। ଏହାର କୌଣସି ଆଇନ୍‌ଗତ ବୈଧତା ନାହିଁ। ତେଣୁ ସେମାନଙ୍କ ସଭ୍ୟପଦ ରଦ୍ଦ ହେବନାହିଁ। ଏପରିକି କ୍ରସ ଭୋଟିଂ କଲେ ମଧ୍ୟ ବିଧାୟକ ପଦ ରଦ୍ଦ ହେବନାହିଁ। ଅତି ବେଶୀରେ ଦଳ ପକ୍ଷରୁ ସେମାନଙ୍କୁ ନିଲମ୍ବନ କରାଯିବ। ବର୍ତ୍ତମାନ ବିଧାନସଭାରେ ବିଜେଡିରୁ ଦୁଇ ନିଲମ୍ବିତ ସଦସ୍ୟ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ଭଳି ସେମାନେ ବି ଅଲଗା ହୋଇ ବସିବେ।

ତେଣୁ ଆତ୍ମଗୋପନରେ ଥିବା ଏହି ନେତାମାନେ ବାହାରକୁ ବାହାରୁନାହାନ୍ତି। ସିଧା ଆସି ରାଜ୍ୟସଭା ନିର୍ବାଚନରେ ନିଜ ମନୋନୀତ ପ୍ରାର୍ଥୀଙ୍କୁ ଭୋଟ ଦେବେ। ତେବେ ଏମାନେ କାହାକୁ ଭୋଟ ଦେବେ ତାହା ମତଦାନ ପରେ ହିଁ ଜଣାପଡ଼ିବ। କାରଣ ନିୟମ ଅନୁଯାୟୀ, ଏମାନେ ନିଜ ନିଜର ଦଳୀୟ ଏଜେଣ୍ଟଙ୍କୁ ମତଦାନ କାଗଜ ବା ବାଲାଟ ପେପର ଦେଖାଇବାକୁ ବାଧ୍ୟ। ଫଳରେ ଏମାନେ ଭୋଟ ଦେଲା ପରେ ପରେ ହିଁ ଆତ୍ମଗୋପନର ପ୍ରକୃତ କାରଣ ପଦାକୁ ଆସିବ। ଏହାପରେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି।

ଅନ୍ୟ ପକ୍ଷରେ କିଛି ନେତା ବିଶେଷକରି କ୍ରସ ଭୋଟିଂ ପାଇଁ ମନସ୍ଥିର କରିଥିବା ନେତାଙ୍କୁ ସୋସିଆଲ ମିଡିଆ ଭୟ ଘାରିଛି। ଦଳୀୟ କାର୍ଯ୍ୟାନୁଷ୍ଠାନ ସହ ସୋସିଆଲ ମିଡିଆରେ ଯେଭଳି ନକାରାତ୍ମକ ଟିକା ଟିପ୍ପଣୀ ଆସିବ, ତାହା ସେମାନଙ୍କ ରାଜନୈତିକ କ୍ୟାରିଅରକୁ ପ୍ରଭାବିତ କରିବାର ସୂଚନା ରହିଛି। କାରଣ ଅଳ୍ପଦିନ ତଳେ ବିଧାନସଭାରେ ବିଧାୟକମାନଙ୍କର ଦରମା ବୃଦ୍ଧିକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକୂଳ ମନ୍ତବ୍ୟ ଯୋଗୁଁ ବର୍ତ୍ତମାନ ସୁଦ୍ଧା ତାହା ଲାଗୁ ହୋଇପାରୁନାହିଁ।

ଏହାସତ୍ତ୍ୱେ ବି ହ୍ୱିପ୍ ଭୟ ନ ଥିବାରୁ କ୍ରସ ଭୋଟିଂ ପାଇଁ ମନସ୍ଥିର କରିଥିବା ବିଧାୟକମାନେ ଦଳୀୟ ନିର୍ଦ୍ଦେଶ ଅମାନ୍ୟ କରି ନିଜ ନିଜ ପସନ୍ଦର ନେତାଙ୍କୁ ଭୋଟ ଦେବା ନିଶ୍ଚିତ ହେବାରେ ଲାଗିଛି। ତେବେ କ୍ରସ ଭୋଟିଂ କରିବାକୁ ଥିବା ନେତାଙ୍କ ସଂଖ୍ୟା କେତେ ହେବ ଓ ତାଲିକାରେ କିଏ କିଏ ରହିବେ, ତା’ ମତଦାନ ପରେ ପରେ ହିଁ ଜଣାପଡ଼ିବ।

## ଅରବିନ୍ଦ...

ଅଧ୍ୟକ୍ଷ୍ୟ ଭେଙ୍କିୟା ନାଇଡୁଙ୍କ ନିକଟରେ ଅଭିଯୋଗ କରିଥିଲେ ଜେଡିୟୁ ନେତା ନୀତୀଶ କୁମାର। ନୀତୀଶଙ୍କ ଅଭିଯୋଗର ଅନୁଧ୍ୟାନ କରି ତତ୍କାଳୀନ ରାଜ୍ୟସଭା ଅଧ୍ୟକ୍ଷ ଶରଦଙ୍କ ସଦସ୍ୟପଦ ରଦ୍ଦ କରିଥିଲେ। ଏହା ବିରୋଧରେ ଶରଦ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟରେ ଫେରାଦ ହୋଇଥିଲେ। ହେଲେ ସୁପ୍ରିମକୋର୍ଟ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏହି ଆଧାରରେ ଅରବିନ୍ଦ ଓ ସନାତନଙ୍କ ସଭ୍ୟପଦ ରଦ୍ଦ ହେବାର ଚେତାବନୀ ଦେଇଛନ୍ତି ପ୍ରମିଳା। ଦଳୀୟ ହ୍ୱିପକୁ ମାନିଲେ ଦଳ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ନେଇ ଚିନ୍ତା କରିବ ବୋଲି ସେ କହିଛନ୍ତି।

## ନବୀନ...

ନବୀନ ନିବାସରେ ବିଧାୟିକା ଓ ବିଧାୟକଙ୍କ ପାଇଁ ପୃଥକ୍ ରହିବା ବ୍ୟବସ୍ଥା ହୋଇଛି। ତନ୍ଦୁର ଚୁଲି ସାଙ୍ଗକୁ ଗ୍ୟାସ ସିଲିଣ୍ଡର ବି ରହିଛି, ଯେଉଁଥିରେ ନବୀନ ନିବାସ ଭିତରେ ବିଧାୟକଙ୍କ ଖାଇବା ପିଇବାରେ କୌଣସି ଅସୁବିଧା ହେବନାହିଁ। ଆଜି ଦିନରେ ମଧ୍ୟ ସବୁ ବିଧାୟକଙ୍କ ପାଇଁ ନବୀନ ନିବାସରେ ଲଞ୍ଚ ବ୍ୟବସ୍ଥା କରିଥିଲେ ନବୀନ। ସନ୍ଧ୍ୟାରେ ସମୋସା, ଆଳୁଚପ, ପକୋଡ଼ା, ବରା, ଚା’, ବିସ୍କୁଟ ଭଳି ଜଳଖିଆର ବ୍ୟବସ୍ଥା ବି କରାଯାଇଥିଲା।

## ୩୯ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ



ନବରଙ୍ଗପୁର, ୧୫।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ମୈଦଲପୁର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ମୈଦଲପୁର ଥାନା ଅଧୀନ ହାଟପଦା ନିକଟରେ ସକାଳ ଭୋର ସମୟରେ ଦୁଇ ଜଣ ଗଂଜେଇ ନେଉଥିବା ବେଳେ ପୁଲିସ ହାବୁଡ଼ରେ ପଡିଥିଲେ । ଅଭିଯୁକ୍ତ ଦ୍ୱୟ ହେଲେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ବାଗବେଡା ଗ୍ରାମର ସୁରେଶ ମାଝୀ ଓ ଧନେଶ୍ୱର ହରିଜନ । ସେମାନଙ୍କ ଠାରୁ ୩୯ କେଜି ଗଂଜେଇ, ଦୁଇଟି ମୋବାଇଲ ଓ ଦୁଇ ହଜାର ପଚାଶ ଟଙ୍କା ଜବତ ହୋଇଛି। ମୈଦଲପୁର ପୁଲିସ ଭୋର ସମୟରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ମୈଦଲପୁର ସାପ୍ତାହିକ ହାଟପଦା ନିକଟରେ ଦୁଇ ଜଣ ବ୍ୟକ୍ତି ୪ଟି ଏୟାର ବ୍ୟାଗ ଧରି ଆନ୍ଧ୍ରପ୍ରଦେଶ ଯିବା ପାଇଁ ବସକୁ ଅପେକ୍ଷା କରିଥିଲେ। ପୁଲିସ ସନ୍ଦେହ କରି ପଚରାଉଚରା କରି ବ୍ୟାଗ ଯାଞ୍ଚ କରିଥିଲେ । ବ୍ୟାଗ ଭିତରୁ ଦଶ ଗୋଟି ଜରି ପ୍ୟାକେଟରେ ଗଂଜେଇ ବାହାରିଥିଲା, ଏନେଇ ମୈଦଲପୁର ଥାନାରେ ମାମଲା ରଜୁ ହୋଇଛି ।

## ଯୁବକଙ୍କ ମୃତଦେହ ଉଦ୍ଧାର



ନୀଳଗିରି, ୧୫।୩ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ପିଠାହତା ପଞ୍ଚାୟତ ଅଧୀନ ଜାମୁନା ଗାଁର ଲକ୍ଷ୍ମଣ କିସ୍କୁ (୩୬) ନାମକ ଯୁବକ ଆଦିବାସୀ ଯାତ୍ରା ଦେଖିବାକୁ ଯାଇ ମୃତ୍ୟୁ ଘଟିଛି। ତେଲିପାଳ ପଞ୍ଚାୟତ ଗୋହିରା ନିକଟରେ ଚାଲିଥିବା ମେଳା ତଥା ଯାତ୍ରା ଦେଖିବାକୁ ଉକ୍ତ ଯୁବକ ଯାଇଥିଲେ। ଆଜି ସନ୍ଧ୍ୟା ୫ଟାରେ ଯାତ୍ରା ପଡ଼ିଆ ନିକଟରେ ପଡ଼ିଥିବାବେଳେ ତାଙ୍କୁ ଠାବ କରାଯାଇଛି। ପିଠାହତାର ପୂର୍ବତନ ସରପଞ୍ଚ ମାନ ମୁର୍ମୁ ସେଠାରେ ପହଞ୍ଚି ବରହମପୁର ପୁଲିସକୁ ଖବର ଦେବା ପରେ ତାଙ୍କୁ ନୀଳଗିରି ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ। ହୃଦଘାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅନୁମାନ ଜ୍ଞାନ କରାଯାଉଛି।

## ସୁନା ଅଳଙ୍କାର ସହ ୩ ଲକ୍ଷ ଟଙ୍କା ଲୁଟ



ରାଜନଗର, ୧୫।୩ (ସଂଚାର ବ୍ୟୁରୋ): ରାଜନଗର ଥାନା ଅଞ୍ଚଳରେ ଘରେ କେହି ନଥିବାର ସୁଯୋଗ ନେଇ ଘରର କବାଟ ତାଡି, ଗଡରେଜ ଭାଙ୍ଗି ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସୁନା ରୂପା ଅଳଙ୍କାର ସହିତ ନଗଦ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ପଞ୍ଚାୟତ ପଞ୍ଚୁପଲ୍ଲୀ ଗାଁରେ ଗତକାଲି ସନ୍ଧ୍ୟାରେ ଚୋର କଳାକନା ବୁଲାଇଛନ୍ତି । ଗାଁର ନୀଳମଣି ବାରିକ ଚିଙ୍ଗୁଡି ଘେରିରେ ଥିବା ବେଳେ ତାଙ୍କ ପୁଅ ବନ୍ଧୁ ଘରକୁ ଯାଇଥିଲା। ତାଙ୍କ ପତ୍ନୀ ସସ୍ମିତା ବାରିକ ଘରେ ତାଲା ପକାଇ ପ୍ରାୟ ୬ଟା ବେଳେ ଗାଁ ଛକରେ ଥିବା ଗ୍ରୋସରି ଦୋକାନକୁ ଆସିଥିଲେ। ରାତି ୮ଟା ୧୦ରେ ଘରେ ପହଞ୍ଚିବା ବେଳକୁ ଘର କବାଟ ତଡା ହୋଇଥିବା ଦେଖିଥିଲେ। ଘରେ ଦୁଇଟି କବାଟ ତଡା ହେବା ସହ ଦୁଇଟି ଗଡରେଜ, ବାକ୍ସ ତାଡି ନଗଦ ୩ ଲକ୍ଷ ଟଙ୍କା ସହିତ ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସୁନା ଓ ରୂପା ଅଳଙ୍କାର, ସୁନା ବିସ୍କୁଟ ଆଦି ଲୁଟି ନେଇଛନ୍ତି। ସେହି ଗାଁର ଜଣେ ଯୁବକଙ୍କ ସହିତ ଜୁନଗଡିର ଜଣେ ଯୁବକ, ଅଜଗରପାଟିଆ ଗାଁର ଜଣେ ଯୁବକ ଓ ବଳଭଦ୍ରପୁର ଗାଁର ଦୁଇ ଜଣ ଯୁବକ ଏହି ଲୁଟ କରିଥିବା ଅଭିଯୋଗକାରୀ ଏତଲା ଯରେ ଦର୍ଶାଇଛନ୍ତି। ଗତକାଲି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରାଯିବ ବୋଲି ଜଣାପଡିଛି। ରିପୋର୍ଟ ଲେଖାହେବା ଯାଏଁ ସନ୍ଧାନୀ କୁକୁର ପହଞ୍ଚି ନାହିଁ । ପୋଲିସ ଏହି ଘଟଣାରେ ଅଭିଯୋଗରେ ନାଁ ଥିବା ବଳଭଦ୍ରପୁର ଗାଁର ଜଣେ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବା ଜଣାପଡିଛି।

## ପିଲା ଚୋର ସନ୍ଦେହରେ ୩ ଅଟକ



ବାଲିଆପାଳ, ୧୫।୩ (ସଂଚାର ବ୍ୟୁରୋ): ବାଲିଆପାଳ ଥାନା ବଡାସ ପଞ୍ଚାୟତର ସାରପଞ୍ଜା ଗ୍ରାମରେ ପିଲା ଚୋର ସନ୍ଦେହରେ ୩ ଜଣଙ୍କୁ ଅଟକ ରଖି ଜାମକୁଣ୍ଡା ଫାଣ୍ଡିରେ ଜିମା ଦେଲେ ଗ୍ରାମବାସୀ। କାର୍ଯ୍ୟାନୁଷ୍ଠାନ ଶୂନକୁ ନେଇ ଫାଣ୍ଡି ପରିସରରେ ଉତ୍ତେଜନା ଜାରି।ସୁଚନା ଅନୁସାରେ ଆଜି ସାରପଞ୍ଜା ଗ୍ରାମରେ ପାଖାପାଖି ୧୨ଟା ସମୟରେ କିଛି ପିଲା ନିଜ ବାଡିରେ ଖେଳୁଥିବା ସମୟରେ ତିନି ଜଣ ଜନୈକ ବ୍ୟକ୍ତି ଚାଦର ଘୋଡାଇ ହୋଇ ଗାଁ ରାସ୍ତା ରେ ବୁଲାବୁଲି କରୁଥିଲେ ଏବଂ ଖେଳୁଥିବା ପିଲାଙ୍କୁ ହାତ ଠାରି ଡାକୁଥିବା ସମୟରେ ପିଲାଙ୍କ ମାଙ୍କୁ ସନ୍ଦେହ ହୋଇଥିଲା। ପିଲାଙ୍କ ମା ସାଇପଡ଼ିଶାଙ୍କୁ ଡାକିଥିଲେ, ଗ୍ରାମବାସୀ ମାନେ ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସନ୍ଦେହ ଜୋର ହୋଇଥଲା। ଜନୈକ ବ୍ୟକ୍ତିଙ୍କ ପ୍ୟାକେଟ୍‌ରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସମେତ ଦୁଇ ଦୁଇଟା ଆଧାର କାର୍ଡ, ଛୋଟ ବୋତଲରେ କିଛି ପାଣି ଔଷଧ, ବିଭିନ୍ନ ପ୍ରକାର ସିମ ଏବଂ କଲଗେଟ ସହିତ ତିନି ଜଣ ବ୍ୟକ୍ତିଙ୍କୁ ଜାମକୁଣ୍ଡା ଫାଣ୍ଡିରେ ଜିମା ଦେଇଥିଲେ। ଦୀର୍ଘ ଦିନରୁ ଏହି ପିଲା ଚୋରଙ୍କ ସଂଖ୍ୟା ବଢୁଥିବା ନେଇ ଗ୍ରାମବାସୀ ପୁଲିସକୁ ଦାୟି କରିବା ସହିତ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଲିଆପାଳର ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ ଏବଂ ତାଙ୍କ ପହଞ୍ଚି ବ୍ୟକ୍ତିମାନଙ୍କୁ ବାଲିଆପାଳ ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଋଷିକୁଲ୍ୟା ମୁହାଣରେ ଅଲିଭ ରିଡଲେଙ୍କ ଗଣଅଣ୍ଡାଦାନ



ଛତ୍ରପୁର, ୧୫।୩ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିରେ ବିଶ୍ୱପ୍ରସିଦ୍ଧ ଅଲିଭ ରିଡଲେ କଇଁଚଙ୍କ ସାମୂହିକ ଗଣ ଅଣ୍ଡାଦାନ ରବିବାର ଭୋର ସମୟରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ହଜାର ହଜାର କଇଁଚ ସମୁଦ୍ର ଗଭୀରତାରୁ ବେଳାଭୂମିକୁ ଆସି ଅଣ୍ଡାଦାନ କରୁଥିବା ଦୃଶ୍ୟ ପ୍ରକୃତିପ୍ରେମୀ ଓ ଗବେଷକମାନଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି।

ବନ ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୦,୨୦୨ ଟି କଇଁଚ ବେଳାଭୂମିରେ ଆସି ଗଣ ଅଣ୍ଡାଦାନ କରିଛନ୍ତି। ଗଞ୍ଜାମ ବ୍ଲକର ପାଳିବନ୍ଦ ପଞ୍ଚାୟତ ଅନ୍ତର୍ଗତ ଗୋଖାରକୁଦ ଅଞ୍ଚଳରେ ନୂତନଭାବେ ସୃଷ୍ଟି ହୋଇଥିବା ଆଇଲାଣ୍ଡ ଏହି ବର୍ଷ ଅଣ୍ଡାଦାନର ପ୍ରମୁଖ ସ୍ଥଳ ଭାବେ ଚିହ୍ନଟ ହୋଇଛି। ଦୁଇ ବର୍ଷ ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଏପରି ଏକ ଅଇଲାଣ୍ଡ ସୃଷ୍ଟି ହୋଇଥିଲା ଓ ସେଥିରେ ମଧ୍ୟ କଇଁଚମାନେ ବ୍ୟାପକ ଭାବରେ ଅଣ୍ଡାଦାନ କରିଥିଲେ। ପ୍ରକୃତିର ଏକ ଅଦ୍ଭୁତ ନିୟମ ଅନୁସାରେ ଏହି ବିରଳ ପ୍ରଜାତିର କଇଁଚମାନେ ରାତି କିମ୍ବା ଭୋର ସମୟରେ ବେଳାଭୂମିରେ ଆସି ସେମାନଙ୍କ ପଛ ପାର୍ଶ୍ୱରେ ଥିବା ଦୁଇଟି ପାଦ ସାହାଯ୍ୟରେ ବାଲିକୁ ଖୋଡ଼ି ଗର୍ତ୍ତ ସୃଷ୍ଟି କରନ୍ତି। ସେହି ଗର୍ତ୍ତରେ ଅଣ୍ଡା ଦେବା ପରେ ପୁଣି ବାଲି ଦେଇ ଗର୍ତ୍ତକୁ ଢାକି ଦେଇ ନିଜ ଶରୀର ସାହାଯ୍ୟରେ ସ୍ଥାନଟିକୁ ଶକ୍ତ କରିଦିଅନ୍ତି। ତାପରେ ଧୀରେ ଧୀରେ ବାଲି ଉପରେ ଗୁରୁଣ୍ଡି ଗୁରୁଣ୍ଡି ଚାଲି ପୁଣି ସମୁଦ୍ର ଗଭୀରତାକୁ ଫେରିଯାଆନ୍ତି। ପ୍ରାୟ ୪୫ ରୁ ୫୦ ଦିନ ପରେ ସେହି ଅଣ୍ଡାରୁ ଛୋଟ କଇଁଚ ଶିଶୁମାନେ ବାହାରି ସମୁଦ୍ରକୁ ଯାଇଥାନ୍ତି।

ଗତ ବର୍ଷ ଋଷିକୁଲ୍ୟା ମୁହାଁଣରେ ରେକର୍ଡ ସଂଖ୍ୟକ କଇଁଚ ଗଣ ଅଣ୍ଡାଦାନ କରିଥିବା ବେଳେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ଠାରୁ କିଛି ଦିନ ଡେରିରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାରଣରୁ ଚଳିତ ବର୍ଷ କଇଁଚଙ୍କ ମୋଟ ଅଣ୍ଡାଦାନ ସଂଖ୍ୟା କେତେ ହେବ, ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ, କଇଁଚମାନଙ୍କ ସୁରକ୍ଷା ଓ ଅଣ୍ଡାଦାନ ପ୍ରକ୍ରିୟାକୁ ସୁଚାରୁ ଭାବରେ ସମ୍ପନ୍ନ କରିବା ପାଇଁ ବନ ବିଭାଗ ପକ୍ଷରୁ ବେଳାଭୂମିରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବନ କର୍ମଚାରୀମାନେ ୨୪ ଘଣ୍ଟା ପାହାରା ଦେଉଥିବା ସହିତ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ମଧ୍ୟ କିଛି ସୀମାବଦ୍ଧତା ଲାଗୁ କରାଯାଇଛି। ପ୍ରକୃତିର ଏହି ଅଦ୍ଭୁତ ଦୃଶ୍ୟ ଦେଖିବା ପାଇଁ ପ୍ରତିବର୍ଷ ଦେଶ-ବିଦେଶର ପ୍ରକୃତିପ୍ରେମୀ, ଗବେଷକ ଓ ପର୍ଯ୍ୟଟକମାନେ ଋଷିକୁଲ୍ୟା ମୁହାଁଣକୁ ଆକୃଷ୍ଟ ହୋଇଥାନ୍ତି।

## ଲୁଣା ନଦୀରେ କୁମ୍ଭୀର ଆତଙ୍କ, ଲୋକେ ଭୟଭୀତ



ମହାକାଳପଡା,୧୫।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଲୁଣା ନଦୀର ଓ୍ୱଡକୂଳ ଠାରେ ଦୁଇଟି କୁମ୍ଭୀର ବୁଲୁଥିବା ଯୋଗୁଁ ଦଶମୌଜି ଅଞ୍ଚଳର ବଡକୁଳ, କରଞ୍ଜ ଓ ଜୟଚନ୍ଦ୍ରପୁର ପଞ୍ଚାୟତ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଲୁଣା ନଦୀର ବଡକୁଳ ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ଷାଠିଏପଡା ବସ୍ତି ନିକଟରେ ଦିର୍ଘଦିନ ହେବ ଦୁଇଟି କୁମ୍ଭୀର ପାଣିରେ ବୁଲୁଥିବା ଲୋକମାନେ ଦେଖିବାକୁ ପାଇବା ପରେ ଲୋକେ ନଦୀକୁ ଯିବା ପାଇଁ ଭୟ କରୁଛନ୍ତି। ଗୋଟିଏ କୁମ୍ଭୀରର ଲମ୍ବ ୫ ରୁ ୬ ଫୁଟ ହୋଇଥିବା ବେଳେ ଅନ୍ୟଟି ୪ଫୁଟ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପ୍ରତିଦିନ ସ୍ଥାନୀୟଲୋକେ ଏହି କୁମ୍ଭୀରକୁ ଦେଖିବାକୁ ଭିଡ ଜମାଉଥିବା ଦେଖିବାକୁ ମିଳିଛି। ତେବେ ଲୁଣା ନଦୀରେ କୁମ୍ଭୀର ଦେଖିବା ପରଠାରୁ ନଦୀ ସଂଲଗ୍ନ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ନାନ ଶୌଚ କରିବାକୁ ନଦୀକୁ ଯିବାକୁ ଲୋକେ ଭୟପ୍ରକାଶ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି କୁମ୍ଭୀର ଦୁଇଟି କିଛି କ୍ଷୟକ୍ଷତି ଘଟାଇ ନ ଥିବା ବେଳେ କୌଣସି ଧନଜୀବନ ହାନୀ ପୂର୍ବରୁ ବନବିଭାଗ କୁମ୍ଭୀର ଗୁଡ଼ିକୁ ଧରି ନେବା ସହ ନଦୀ କୂଳବର୍ତ୍ତି ଅଞ୍ଚଳର ଲୋକମାନଙ୍କୁ ସଚେତନ କରିବା ଉଚିତ ବୋଲି ସାଧାରଣରେ ଦାବୀ ହେଉଛି। ଏ ସମ୍ପର୍କରେ ଖବର ପାଇ ଆଜି ଜମ୍ମୁ ବନବିଭାଗ କର୍ମଚାରୀମାନେ ପହଞ୍ଚି ଗୋଟିଏ କୁମ୍ଭୀର ବୁଲୁଥିବା ଦେଖିବାକୁ ପାଇଥିଲେ। ଆସନ୍ତାକାଲି କୁମ୍ଭୀରକୁ ଧରିବା ପାଇଁ ପ୍ରଯତ୍ନ କରାଯିବ ବୋଲି ସୂଚନା ମିଳିଛି।

### ଖୋର୍ଦ୍ଧାରେ ରନ୍ଧନ ଗ୍ୟାସକୁ ନେଇ ସଙ୍କଟଜନକ ସ୍ଥିତି

# ବୁକିଂର ୨୫ ଦିନ ପରେ ବି ମିଳୁନି



ଖୋର୍ଦ୍ଧା, ୧୫।୩ (ସଂଚାର ବ୍ୟୁରୋ): ଖୋରଧା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ରୋଷେଇ ଗ୍ୟାସକୁ ନେଇ ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଓ ଆନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହେବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ୟାସ ବିତରଣ କେନ୍ଦ୍ର ସାମ୍ନାରେ ବହୁ ସଂଖ୍ୟାରେ ଗ୍ରାହକ ରାତି ଅଧରୁ ନିଜର ଗ୍ୟାସ ସିଲିଣ୍ଡର ଧରି ଲମ୍ବା ଲାଇନରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି । ଗତ ୨୦ ରୁ ୨୫ ଦିନ ହେବ ବୁକିଂ ହୋଇଥଲେ ମଧ୍ୟ ହୋମ ଡେଲିଭରି ମିଳୁ ନାହିଁ, ଯାହାଫଳରେ ଲୋକେ ବାଧ୍ୟ ହୋଇ ନିଜେ ସିଲଣ୍ଡର ନେବାକୁ ଗ୍ୟାସ ବିତରଣ କେନ୍ଦ୍ରରେ ଭିଡ ଜମାଉଛନ୍ତି।

ଯୁଦ୍ଧ ପ୍ରଭାବ ଯୋଗୁଁ ବିଶ୍ୱସ୍ତରରେ ଗ୍ୟାସର ଅଭାବ ଓ ଦର ବୃଦ୍ଧି ହୋଇଛି। ଗତ ୭ମାର୍ଚ୍ଚରୁ ଘରୋଇ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇବା ପରେ ଏହାର ଦାମ ୯୩୯ ଟଙ୍କାରେ ପହଞ୍ଚିଛି। ହୋର୍ଡିଂ ରୋକିବା ପାଇଁ ବୁକିଂ ମଧ୍ୟରେ ୨୫ ଦିନର ବ୍ୟବଧାନ ରଖିବାକୁ ନିୟମ କରଯାଇଛି ଯାହା ଗ୍ରାହକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ସରକାର ଓ ତୈଳ କମ୍ପାନୀ ଗୁଡିକ ଗ୍ୟାସ ଯୋଗାଣ ସ୍ୱାଭାବିକ କରିବାକୁ ଆଶ୍ୱାସନା ଦେଉଥିଲେ ମଧ୍ୟ, ଗ୍ରାଉଣ୍ଡ ଜିରୋରେ ପରିସ୍ଥିତି ଏବେ ବି ଜଟିଳ ରହିଛି ଏବଂ ଲୋକେ କଳାବଜାରୀର ଭୟ ରେ ଆତଙ୍କିତ ହୋଇପଡିଛନ୍ତି। ଗ୍ୟାସ ସିଲିଣ୍ଡର ଏବେ ଚୋରାରେ ୧୮ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଖୋରଧା ଅଞ୍ଚଳରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି ।

## ବିଜେଡି ତରଫରୁ ଇଫତାର ପାର୍ଟି

**ଭାଇଚାରା ଭାବେ ସଭିଏଁ ଖୁସି ବାଣ୍ଟିଲେ**



କାକଟପୁର/ଅସ୍ତରଙ୍ଗ, ୧୫।୩ (ସଂଚାର ବ୍ୟୁରୋ): ମୁସଲମାନଙ୍କ ସବୁଠାରୁ ପବିତ୍ର ଓ ଧାର୍ମିକ ମାସ ହେଉଛି ରମଜାନ। ଏହି ମାସରେ ମୁସଲମାନ ମାନେ ଦିନରେ ଉପବାସ କରି ସୂର୍ଯ୍ୟାସ୍ତ ପରେ ତାହା ଭଙ୍ଗ କରିଥାନ୍ତି। ସନ୍ଧ୍ୟା ସମୟରେ ସାମୁହିକ ଭାବରେ ଉପବାସ ଭଙ୍ଗ କରିବାକୁ ଇଫତାର ପାର୍ଟି କୁହାଯାଏ।ପୁରୀ ଜିଲ୍ଲା କାକଟପୁର ବ୍ଲକ ବିଜୁ ଜନତା ଦଳ ତରଫରୁ ବ୍ଲକ ସଭାପତି ପ୍ରାଣନାଥ ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଜ୍ୟୋତିମୟୀ ଦଳାଇ, ହିମାଂଶୁ ଭୂଷଣ ଦୀକ୍ଷିତି, ଅସରଫ ଫୁଲ, ସମିତି ସଭ୍ୟ ରାଜ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟ ସଭ୍ୟ ଗୋଲାମ ରସୁଲ, ସରଫରାଜ ଖାନ ସମେତ କାକଟପୁର ବ୍ଲକ ଅଧୀନ କଟକଣା, ଭଣ୍ଡାଘର, ରସୁଲପୁର, ମୂଳାଗଡ଼, ଫକୀରସାହି, ସୁହାଣପୁର ଅଂଚଳରେ ଶତାଧିକ ସଂଖ୍ୟାରେ ମୁସଲମାନ ଭାଇ ଓ ହିନ୍ଦୁ ଭାଇ ମାନେ ଏକତ୍ରିତ ବସି ଖାଦ୍ୟ, ପାନୀୟ ସେବନ କରିଥିଲେ। ଏହା ଦ୍ୱାରା ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥିଲା।ଦୀର୍ଘ ୨୫ବର୍ଷ ହେଲା ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏହି ଭାଇଚାରା ପର୍ବ ପାଳିତ ହେଉଛି।

### ପରିବେଶ ସୁରକ୍ଷାରେ ଗଞ୍ଜାମ ପୁଲିସର ପଦକ୍ଷେପ

## ପର୍ଯ୍ୟଟନସ୍ଥଳୀରେ ସଫେଇ ଅଭିଯାନ



ଛତ୍ରପୁର, ୧୫।୩ (ସଂଚାର ବ୍ୟୁରୋ): ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ବିଷୟରେ ସଚେତନତା ବୃଦ୍ଧି ପାଇଁ ଗଞ୍ଜାମ ପୁଲିସ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଗଞ୍ଜାମ ପୁଲିସ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ବିଶେଷ ସଫେଇ ଅଭିଯାନ ଆରମ୍ଭ ହୋଇଛି। ପୁଲିସ ବିଭାଗର ବ୍ୟସ୍ତତା ସତ୍ତ୍ୱେ ପରିବେଶ ପ୍ରତି ଦାୟିତ୍ୱ ବୋଧକୁ ଆଗରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶଂସା ମିଳିଛି ।

ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ପୁଲିସ ଜିଲ୍ଲାର ଉପକୂଳ ଅଞ୍ଚଳର ଛତ୍ରପୁର, ଚମାଖଣ୍ଡି, ମେରାଇନ୍, ଗଞ୍ଜାମ, ରମ୍ଭା ଓ ଖଲ୍ଲିକୋଟ ସହିତ ମୋଟ ୬ଟି ଥାନା ଅଞ୍ଚଳର ପର୍ଯ୍ୟଟନ ସ୍ଥଳୀରେ ସ୍ଥାନୀୟ ଥାନାଧିକାରୀଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେମାନେ ତାମ୍ପରା ହ୍ରଦ ପାର୍ଶ୍ୱ, ପରିସର ଓ ଲାଇନ୍ ବନ୍ଧ ଅଞ୍ଚଳରେ ପଡ଼ିଥିବା ପ୍ଲାଷ୍ଟିକ୍, ପଲିଥିନ, କାଚ ବୋତଲ ଓ ଅନ୍ୟାନ୍ୟ ଆବର୍ଜନା ସଂଗ୍ରହ କରି ସଫା କରିଥିଲେ। ଅଭିଯାନ ସମୟରେ ସଂଗ୍ରହ ହୋଇଥିବା ପଲିଥିନ, ପ୍ଲାଷ୍ଟିକ୍ ଓ କାଚ ବୋତଲ ଭଳି ଆବର୍ଜନାଗୁଡ଼ିକୁ ବ୍ରହ୍ମପୁରରେ ଥିବା ଇଣ୍ଟିଗ୍ରେଟେଡ୍ ଓ୍ୱେଷ୍ଟ ମ୍ୟାନେଜମେଣ୍ଟ କେନ୍ଦ୍ରରେ ଜମା କରାଯିବ ବୋଲି ଏସପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି।

## ଜଗୁଆଳିଙ୍କ ଆତ୍ମହତ୍ୟା

ବାଲିଅନ୍ତା, ୧୫।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନୁଆସାହି ଗ୍ରାମର ବିରଞ୍ଚି ନାରାୟଣ ସ୍ୱାଇଁ (୫୫) ବେକରେ ରଶିବାନ୍ଧି ଆତ୍ମହତ୍ୟା କରିଛନ୍ତି । ଖବର ପାଇ ବାଲିଅନ୍ତା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବିରଞ୍ଚିଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡିନଥିବା ବେଳେ ପାରିବାରିକ କଳହକୁ କେନ୍ଦ୍ର କରି ବିରଞ୍ଚି ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି ।

ସୂଚନା ଅନୁସାରେ ବିରଞ୍ଚି ଗ୍ରାମ ଠାରୁ କିଛି ଦୂରରେ ଥିବା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ଜଣେ ଘର ମାଲିକଙ୍କର ଘର ଜଗୁଆଳି ଥିଲେ । ଗତକାଲି ସକାଳୁ ସେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ବିରଞ୍ଚିଙ୍କ ପତ୍ତା ମିଳିନଥିଲା । ଆଜି ସକାଳେ ପରିବାର ଲୋକ ସିଡ଼ି ଘର ଶେଣୀରୁ ବିରଞ୍ଚିଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଥିଲେ ।

### ସଂକ୍ରାନ୍ତି ଓ ଏକାଦଶୀ ଉପଲକ୍ଷେ

## ମହାବୀର ସେବାଟ୍ରଷ୍ଟର ପ୍ରସାଦ ବଣ୍ଟନ

ସୁନ୍ଦରଗଡ଼, ୧୫।୩ (ସଂଚାର ବ୍ୟୁରୋ): ଆଜି ଚୈତ୍ରମାସର ସଂକ୍ରାନ୍ତି ଓ ଏକାଦଶୀ ପଡିଥିବାରୁ ଅଟଳ ଛକ ଠାରେ ଥିବା ମହାବୀର ସେବାଟ୍ରଷ୍ଟ ଠାରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯାଇଛି, ନୂତନ ଭାବେ କମିଟି ଗଠନ ହେବା ପରେ ଆଜି ନୂତନ କମିଟି ଅଧକ୍ଷତା ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା, ଏହି କମିଟି ଆଗାମୀ ରାମନବମୀ ବ୍ୟପକ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ଦିଆଯାଇଛି, ପ୍ରଥମଥର ପାଇଁ ଅଟଳ ଛକ ଠାରେ ମୀନାବଜାର ବ୍ୟବସ୍ଥା କରାଯାଇଛି।



## କୃଷକ ଏକତା, ଗଣପଦଯାତ୍ରା ଓ ସତ୍ୟାଗ୍ରହ ସଫଳ କରିବାକୁ ଆହ୍ୱାନ




କେନ୍ଦ୍ରାପଡ଼ା,୧୫।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କୃଷକ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନଶନ ଦାବି ସହିତ ଓଡିଶର ଖଣି, ଜମି, ଜଳ, ଜଙ୍ଗଲ ଓ ପରିବେଶ ଉପରେ ମୂଳ ଅଧିବାସୀର ଅଧିକାରକୁ ନେଇ କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ ଘଟଗାଁ ତାରିଣୀ ପୀଠ କେନ୍ଦୁଝର ରୁ ବାହାରି ମାର୍ଚ୍ଚ ୨୨ ରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ରେ ରହିବା ସତ୍ୟାଗ୍ରହ ରେ ସାମଲ ହେବାପାଇଁ ଅହ୍ୱାନ ଦେଇଛନ୍ତି । ଏହି ସମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ସଂଯୋଜକ ଅଙ୍କୁର ପଲାଇ, ସହ ସଂଯୋଜକ ଦୋଳ ଗୋବିନ୍ଦ ସାହୁ, ଉପଦେଷ୍ଟା ଦସରଥୀ ସାହୁ, ସମାଜସେବୀ କେଦାରନାଥ ସାମନ୍ତରାୟ, ଶିଶିର ଓଝା, ଅନ୍ତର୍ଯ୍ୟାମୀ କୁଣ୍ଡୁ, ପବିତ୍ର କୁଣ୍ଡୁ, ହୃଷିକେଶ ନାୟକ, ସୀତାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବୋରିଗୁମ୍ମା, ୧୫।୩ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନର୍ମଦା ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ମାଝୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ସଂଯୁକ୍ତା ପଣ୍ଡା, ସ୍ଥାନୀୟ ସରପଞ୍ଚ ଭଗବାନ ଜାନି, ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଟି.ଶୈଳଜା, ସିଆରସିସି ରଜନୀକାନ୍ତ ଗରଡ଼ା,ବିଦ୍ୟାଳୟର ସଭାପତି ଉମେଶ ଚନ୍ଦ୍ର ନାୟକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ଏବିଓ ସଂଯୁକ୍ତା ପଣ୍ଡାଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ, ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅତିଥିମାନେ ନିଜ ଅଭିଭାଷଣ ମାଧ୍ୟମରେ ବିଦ୍ୟାଳୟର ସାମାଜିକ ଦାୟିତ୍ୱ ନେଇ ପ୍ରତି ବର୍ଷ ଲଗାତାର ସଫଳତା ଓ ଉନ୍ନତି ମୂଳକ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।

ଉତ୍ସବ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କ୍ରୀଡ଼ା ଓ ସଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଇଟାଭାଟି ପାଇଁ ବଢୁଛି ପ୍ରଦୂଷଣ ଓ ତାପମାତ୍ରା

**କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ**



ଆନନ୍ଦପୁର, ୧୫।୩ (ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡରେ ଦିନକୁ ଦିନ ବଢ଼ି ଚାଲିଛି ଚୋରା ଇଟା ଭାଟିର ସଂଖ୍ୟା। ପରିବେଶ ଓ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି ଏହାର ଭୟାବହ ପ୍ରଭାବ। ତଥାପି ପ୍ରଶାସନ ଯେପରି କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବରେ ଆଖପାଖ ଅଞ୍ଚଳରେ ବଢୁଛି ତାପମାତ୍ରା ଓ ପ୍ରଦୂଷଣ। ସ୍ଥାନୀୟ ଲୋକମାନେ ମଧ୍ୟ ଏଥିରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଖବର ଅନୁଯାୟୀ ଘଷିପୁରା ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ସର୍କଲର ବାଲିବରୁଆଁ, ସାଳଦେଇ, ଓଡ଼ପଡ଼ା ଏବଂ ସାଇଁକୁଳ ଆରଆଇ ସର୍କଲ ର ଅତା, ଉଲ୍ଲଳ ଆଦି ଅଞ୍ଚଳରେ ବେଆଇନି ଇଟା ଭାଟିର ଦୌରାତ୍ମ୍ୟ ବଢ଼ି ଚାଲିଛି। ଅଭିଯୋଗ ଅନୁସାରେ ଭାଟି ମାଲିକମାନେ କୌଣସି ସରକାରୀ ଅନୁମତି ନ ନେଇ ଇଟା ପକାଉଛନ୍ତି। ଏହାସହିତ ଗୋଚର ଜମିରୁ ମାଟି ଖୋଳି ଇଟା ତିଆରି କରି ଲକ୍ଷ ଲକ୍ଷ ଟଙ୍କା ଲାଭ କରୁଥିବା ଅଭିଯୋଗ ହେଉଛି। ଏହି ବିଷୟରେ ରାମଚନ୍ଦ୍ରପୁର ଆରଆଇ କହିଛନ୍ତି ଯେ ତାଙ୍କ ଅଞ୍ଚଳରେ ଥିବା ବେଆଇନ ଇଟା ଭାଟି ସମ୍ପର୍କରେ ସେ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତେବେ ସାଇଁକୁଳ ଆରଆଇଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, କେହି ଅଭିଯୋଗ କଲେ ବିଭାଗ ପକ୍ଷରୁ କେବଳ ରସିଦ୍ କାଟି ମାମଲାକୁ ସମାପ୍ତ କରାଯାଉଛି।

ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି, ବିଭାଗୀୟ ଅଧିକାରୀମାନେ ଯଦି ସଠିକ୍ ଭାବେ ତଦନ୍ତ କରି ବେଆଇନି ଇଟା ଭାଟିଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥାନ୍ତେ, ତେବେ ପରିବେଶ ଦୂଷଣ ସହିତ ତାପମାତ୍ରା ବୃଦ୍ଧି ମଧ୍ୟ କମିପାରିଥାନ୍ତା। ତେବେ ଦେଖିବାକୁ ବାକି ରହିଲା ଆନନ୍ଦପୁର ପ୍ରଶାସନ ଏଥିପ୍ରତି କେବେ ଦୃଷ୍ଟି ଦେଉଛନ୍ତି।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ମିତ୍ରଭାନୁ



ମହାକାଳପଡ଼ା,୧୫।୩(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅମେଇପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମଜୋରୀ ଗ୍ରାମର ନାରାୟଣ ମହାପାତ୍ରଙ୍କ ପୁଅ ମିତ୍ରଭାନୁ ମହାପାତ୍ର ରକ୍ତଦାନ କରି ଜଣଙ୍କ ଜୀବନ ବଞ୍ଚାଇଛନ୍ତି। ଭଦ୍ରକର ଜଣେ ରୋଗୀ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ଏକ ଜରୁରୀକାଳୀନ ରକ୍ତ ଆବଶ୍ୟକ ହେବା ଖବର ପାଇ ତୁରନ୍ତ ମିତ୍ରଭାନୁ ରେଡକ୍ରସ ରକ୍ତଭଣ୍ଡାରରେ ପହଞ୍ଚି ରକ୍ତଦାନ କରିଥିଲେ। ଏହାକୁ ମିଶାଇ ସେ ୧୫ ତମ ରକ୍ତଦାନ କରିଛନ୍ତି।

## ସିଟି salad

### ରସିକିଆ ଯୁବ ନେତାଙ୍କ କୁତୁକୁତିଆ ପ୍ରେମ

ପଶ୍ଚିମଓଡିଶାର ଜଣେ ରସିକିଆ ଯୁବନେତାଙ୍କ କୁତୁକୁତିଆ ପ୍ରେମ ଯୋଗୁଁ ଏବେ ତାଙ୍କ ପରିବାର ଭାଙ୍ଗିବାକୁ ବସଲାଣି। ରସିକିଆ ନେତାଙ୍କ ରସିକିଆମିର ଖବର ରାଜଧାନୀରୁ ଯାଇ ପଶ୍ଚିମ ଓଡିଶାରେ ପହଞ୍ଚିବା ସହିତ ତାଙ୍କ ଘରଣୀଙ୍କ କାନରେ ପଡିଥିବା ଜଣାଯାଇଛି। ହେଉଥିବା ଆଲୋଚନା ଅନୁଯାୟୀ ପଶ୍ଚିମଓଡିଶାରୁ ବହୁ କଷ୍ଟରେ ବିଧାନସଭାକୁ ଆସିଥିବା ଏହି ରସିକିଆ ନେତାଜଣଙ୍କ ନିଜ ଦଳର ଜଣେ ନେତ୍ରୀଙ୍କ ସହିତ ପ୍ରେମ ଲୀଳାରେ ମାତିଛନ୍ତି। ସେଥିପାଇଁ ବିଧାନସଭା ନଥିବାବେଳେ ରାତି ଅଧିଆ ଦଳୀୟ କାମ କହି ରାଜଧାନୀକୁ ଛୁଟି ଆସନ୍ତି। ଯେହେତୁ ଦଳର



ହେଡକ୍ୱାର୍ଟର ରାଜଧାନୀରେ ତେଣୁ ଘରେ ଅବିଶ୍ୱାସ କରିବାର କିଛି ନାହିଁ। ଯୁବନେତା ଜଣଙ୍କ ତାଙ୍କ ବିବାହିତା ପ୍ରେମିକାଙ୍କୁ ମାସକୁ ଦେଢ଼ ଲକ୍ଷ ଟଙ୍କା ହାତଖର୍ଚ୍ଚ ଦେଉଥିବା ତାଙ୍କର ଦଳର କିଛି ଲୋକ ଜାଣିବାପରେ କଥାଟି ବାହାରକୁ ଆସିଛି। ଦଳୀୟ ପ୍ରେମିକା ଜଣଙ୍କ ବି ଯୁବନେତାଙ୍କ ପ୍ରେମରେ ଏଭଳି ଉବୁଟୁବୁ ହେଉଛନ୍ତି ଯେ ତାଙ୍କୁ ଘର ପରିବାର କିଛି ଦିଶୁନାହିଁ। ରାଜଧାନୀକୁ ଅସୁରକ୍ଷିତ ମଣି ଯୁବନେତାଙ୍କ ସହିତ ମଝିରେ ମଝିରେ ଦିଲ୍ଲୀ ବି ପଳାଉଛନ୍ତି। ତେବେ ଯୁବ ନେତାଙ୍କ ଜଣଙ୍କ ଉପରେ ନଜର ରଖିଥିବା କିଛି ଲୋକ ଏବେ କଥାଟାକୁ ରାଜ୍ୟ ରାଜଧାନୀରୁ ପଶ୍ଚିମଓଡିଶାକୁ ନେଇଯାଇଛନ୍ତି। ନେତାଙ୍କ ଘରେ କଥାଟା ପହଞ୍ଚିବାପରେ ଅଶାନ୍ତି ବଢ଼ିବାରେ ଲାଗିଛି। ନେତାଙ୍କ ଘରଣୀ ଏବେ ଏଥିପାଇଁ କୁଆଡେ ଗୁଇନ୍ଦା ଗିରି ଆରମ୍ଭ କରିଛନ୍ତି। ତେବେ ଆଲୋଚନା କରୁଥିବା ଲୋକଙ୍କ କହିବା ଅନୁଯାୟୀ ନେତାଙ୍କୁ ତାଙ୍କ ପ୍ରେମିକା ଜଣଙ୍କ କୁଆଡେ କସ୍ତୁରୀମୃଗ ଭଳି ବାସୁଥିବାରୁ ତାଙ୍କର ଏବେ ବିଲେଇ ଆଖିବୁଜି ଖିର ଖାଇବା ଭଳି ଅବସ୍ଥା ହୋଇଛି।

### ଆମେ ସବୁ ବିଭୀଷଣ

ଆମେ ସବୁ ବିଭୀଷଣ। ରାବଣଙ୍କୁ ମାରିବାପାଇଁ ବିଭୀଷଣ ସାଜିଛୁ। ମୁଁ ଏକା ନୁହେଁ, ମୋ ସହିତ ଆଉ କିଛି ବିଭୀଷଣ ସାଜିଛନ୍ତି। ଏଭଳି ଡାଇଲଗ ମାରି ବିଜେଡି ନେତାଙ୍କ ମୁହଁ ବନ୍ଦ କରିଦେଇଛନ୍ତି ବିଜେପି ବିଧାୟକ ବାବୁ ସିଂ। ବିଧାନସଭାରେ ବାବୁ ସିଂ ବିଜେଡି ନେତାଙ୍କ ଅପରାଧିକ ପେଡି ଖୋଲୁଥିବାବେଳେ ବିଜେଡିର କିଏ ଜଣେ ରନିଂ କମେଣ୍ଟ୍ରି କରି ତାଙ୍କୁ ବିଭୀଷଣ ବୋଲି ଟିପ୍ପଣୀ ଦେଇଦେଲା। ସେଇଠୁ କଥାର ମୋଡ ବଦଳାଇ ବାବୁ ସିଂ କହିଲେ, ହଁ ମୁଁ



ବିଭୀଷଣ। ରାବଣକୁ ହତ୍ୟା କରିବାପାଇଁ ବିଭୀଷଣ ଯେଭଳି ପ୍ରଭୁ ରାମଚନ୍ଦ୍ରଙ୍କ ଶିବିରରେ ଯୋଗ ଦେଇଥିଲେ ମୁଁ ସେମିତି ବିଭୀଷଣ ସାଜିଛି। ଏକା ମୁଁ ନୁହେଁ, ଆକାଶ ଓ ପ୍ରଶାନ୍ତ ବି ମୋ ଭଳିଆ ଜଣେ ଜଣେ ବିଭୀଷଣ। ଆମେ ବିଭୀଷଣ ସାଜିବାରୁ ତୁମେ ମାନେ ସବୁ ସେପଟରେ ବସିଛ। ବାବୁ ସିଂ ନିଜକୁ ବିଭୀଷଣ କହୁଥିବାବେଳେ ବିରୋଧି ସଦସ୍ୟମାନେ ହୋ ହଲ୍ଲା କରୁଥିଲେ। ଶାସକଦଳ ସଦସ୍ୟମାନେ କିନ୍ତୁ ନିଜର ବିଭୀଷଣଙ୍କୁ ନେଇ ଖୁସିହେବା ସହିତ ଟେବୁଲ ବାଡେଇ ସ୍ୱାଗତ କରୁଥିଲେ। ତେବେ ବାବୁ ସିଂ ନିଜ ସହିତ ଯେଉଁମାନଙ୍କୁ ବିଭୀଷଣ ବୋଲି କହିଥିଲେ ସେମାନେ ଆଗକୁ ନିଜକୁ ବିଭୀଷଣ କହିବେ କି ନାହିଁ ତାହାକୁ ଏବେ ବିଜେଡି ନେତାମାନେ ଅନାଇ ବସିଥିବାବେଳେ ଦୁଇ ଦଳର ରାମାୟଣ ନାଟକ ଆଗକୁ କି ରୂ ନେବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ମହିଳା କମିଶନରେ ଯୋଗାଡିଆ କିରାଣୀ



ମହିଳା କମିଶନରେ ଥିବା ଜଣେ ଯୋଗାଡିଆ ବାବୁଙ୍କୁ ନେଇ ତୋଷାଳି ଭବନରୁ ସଚିବାଳୟ ପର୍ଯ୍ୟନ୍ତ ଚର୍ଚ୍ଚା ଜୋର ଧରିଛି। ବାବୁଙ୍କ ଯୋଗାଡିଆ କଥା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ହେଉଥିବା ଆଲୋଚନା ଅନୁଯାୟୀ ବାବୁ କମିଶନରେ ଦୀର୍ଘ ଦିନ ହେଲା ଆସ୍ଥାନ ଜମାଇ ଥିବାବେଳେ ଦୁଇ ପକ୍ଷ ସହିତ ଯୋଗାଯୋଗ କରିବାରେ ଧୂରନ୍ଧର। କମିଶନକୁ ଆସି ମାମଲା କରୁଥିବା ଲୋକଙ୍କ ଠାରୁ ବାବୁ ତୁରନ୍ତ ଫୋନ୍ ନମ୍ବର ଆଣନ୍ତି। ଏଠାରେ ମାମଲା କରୁଥିବା ମହିଳାଙ୍କ ଠାରୁ ସୂଚନା ସଂଗ୍ରହ କରିବାପରେ ଅପର ପକ୍ଷ ମାନେ ତାଙ୍କ ପତିଙ୍କ ନିକଟକୁ ଫୋନ୍ କରିଥାନ୍ତି। ମାମଲା ଗୁରୁତର ଥିଲେ ପୀଡିତାଙ୍କ ପତିଙ୍କୁ ଆଇନ୍ର ବିଭିନ୍ନ ଦିଗ ବୁଝାଇଥାନ୍ତି। କ'ଣ କଲେ ମାମଲାରୁ ଖସିବେ, ଏଠାକୁ କିଭଳି ଦଉଡିବାକୁ ପଡିବନି ଆଦି ବୁଝାଇବା ସହିତ ଭଲ ଦୁଇ ପଇସାର ପାଉଣା ପା।ଇଥାନ୍ତି। ଏଥିଯୋଗୁଁ ଅନେକ ଅଭିଯୁକ୍ତ ପତି କମିଶନଙ୍କ ନିକଟରେ ହାଜିରା ପକାଇବାରୁ ବଞ୍ଚିଯାଇଥାନ୍ତି। ଅନ୍ୟ ପକ୍ଷରେ ପୀଡିତାମାନେ କମିଶନକୁ ଦଉଡିବାରେ ଲାଗିଥାନ୍ତି। ଜଣେ ଦୁଇଜଣ ମହିଳାଙ୍କ ସନ୍ଦେହ ହେବାରୁ ସେମାନେ ଏ ସଂକ୍ରାନ୍ତରେ ଖୋଳତାଡ କରିବାପରେ ବାବୁଙ୍କ କାରନାମା ଏବେ ପଦାକୁ ଆସିଛି। ପୂର୍ବତନ ମହିଳା କମିଶନଙ୍କ ସମୟରେ ଏ ବାବୁ କୁଆଡେ ମୂଷା ହୋଇ ଥିଲେ। ଏବେ ନୂଆ କମିଶନଙ୍କୁ ସାମାନ୍ୟ ଭୟ କରୁନାହାନ୍ତି। ବାବୁ ଏବେ ଦରମା ସହିତ ଉପୁରି ହାସଲ କରି ଛାତି ଫୁଲାଇ ଚାଲୁଛନ୍ତି। ତାଙ୍କୁ ଏଠାରୁ ବଦଳି ନକଲେ କମିଶନ ଅଳ୍ପଦିନ ମଧ୍ୟରେ କମିଶନି କାରବାର ପାଇଁ ପୁରସ୍କାର ପାଇବ ବୋଲି ଖୋଦ୍ ବାବୁଙ୍କ ବନ୍ଧୁମାନେ କହି ବୁଲୁଛନ୍ତି।

### ବିଭୂତିଙ୍କ ଷଣ୍ଢ ଚିନ୍ତା

ବିଧାନସଭାରେ ଷଣ୍ଢଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଜେପି ବିଧାୟକ ବିଭୂତି ଭୂଷଣ ପ୍ରଧାନ। ଷଣ୍ଢମାନଙ୍କ ଯୋଗୁଁ ଲୋକେ କିଭଳି ଦୁର୍ଦ୍ଦଶାରେ ପଡୁଛନ୍ତି ଶ୍ରୀ ପ୍ରଧାନ ଗୃହରେ ତାହାର ଏକ ପ୍ରକାର ଲାଇଭ୍ ଦେଖାଇଥିଲେ। କହିଥିଲେ ଷଣ୍ଢଙ୍କ ଯୋଗୁଁ ଆଉ ବିଲବାଡିରେ ଫସଲ ରହୁନାହିଁ। ଚାଷୀଙ୍କର ଆଉ ବଳଦ ଆବଶ୍ୟକ ହେଉନଥିବାରୁ ଅଣ୍ଡିରା ବାଛୁରୀଙ୍କୁ ରାସ୍ତାଘାଟରେ ଛାଡି ଦେଉଛନ୍ତି। ଏମାନେ ବଡ ହୋଇ ଏଣେ ତେଣେ ବୁଲିବା ସହିତ ଫସଲ ଉଜାଡି ଦେଉଛନ୍ତି। ବିଭୂତି ବାବୁ ଗୃହରେ ଷଣ୍ଢ ଉପଖ୍ୟାନ ସହିତ ଉଭୟ ବଦଳ ଓ ଷଣ୍ଢଙ୍କୁ ନେଇ ଚିନ୍ତା ପ୍ରକଟ କରିବା ଅନେକଙ୍କ ପାଇଁ ହାସ୍ୟରୋଳର ବିଷୟ ହୋଇଥିଲା।



ତେବେ ଜଣେ ବିଧାୟକଙ୍କ କହିବା କଥା ଯେ ବିଭୂତି ବାବୁ ଯାହା କହିଛନ୍ତି ତାହା ଶତ ପ୍ରତିଶତ ଠିକ୍। ହେଲେ ବିଧାନସଭାରେ ଏହି ପ୍ରସଙ୍ଗ ଉଠିବାପରେ ଏହି ଷଣ୍ଢଙ୍କୁ କେଉଁ ବିଭାଗ ନିୟନ୍ତ୍ରଣ କରିବ ତାହା ବଡ କଥା। ଷଣ୍ଢ ଜନ୍ମ ପାଇଁ ପଶୁପାଳନ ବିଭାଗ ଦାୟୀ ହୋଇଥିବାବେଳେ କୃଷି ବିଭାଗର ଫସଲ ଉଜୁଡିଯାଉଛି। ଷଣ୍ଢ ଆକ୍ରମଣରୁ ରକ୍ଷା କରିବାର ଦାୟିତ୍ୱ ହେଉଛି ଗୃହ ବିଭାଗ। ତେଣୁ ଏ ତିନି ବିଭାଗ କେବେ ମିଳିତ ହୋଇ ବିଭୂତି ବାବୁଙ୍କ ସମସ୍ୟାର ସମାଧାନ କରିବେ ତାହାକୁ ରାଜ୍ୟବାସୀ ଚାହିଁ ବସିଛନ୍ତି।

### ରାଗିଗଲେ ଦିବ୍ୟଶଙ୍କର



ବିଧାନସଭାରେ ରାଗି ଗଲେ ଦିବ୍ୟ ଶଙ୍କର ମିଶ୍ର। ପଶ୍ଚିମଓଡିଶାର ଏହି ଟାଣୁଆ ନେତା ଏମିତି ରାଗିଲେ ଯେ ତାଙ୍କୁ ବୁଝାଇବାପାଇଁ ବିଜେଡିର ତିନି ଚାରିଜଣ ନାକେଦମ ହେଲେ। ଶୂନ୍ୟକାଳକୁ ନେଇ ଦିବ୍ୟଶଙ୍କର ରାଗ ପଞ୍ଚମକୁ ଉଠିଥିଲା। କହିବାର ସୁଯୋଗ ନପାଇବାରୁ ସିଏ ସିଧା ଆସି ଦଳର ବରିଷ୍ଠ ନେତାଙ୍କ ନିକଟରେ ଫେରାଦ ହୋଇଥିଲେ। ଜଣେ ବରିଷ୍ଠ ବୁଝାଇଥିଲେ ଯେ ଶୂନ୍ୟକାଳରେ ମାତ୍ର ଚାରି ଜଣଙ୍କୁ କହିବାର ସୁଯୋଗ ମିଳୁଥିବାରୁ ଏଭଳି ଅବସ୍ଥା। ତେଣୁ ଦିବ୍ୟଶଙ୍କର ଆହୁରି ରାଗିଲେ। ଚାରି ଜଣ କହିବାର ନିୟମ କିଏ କଲା ବୋଲି ପଚାରିଲେ। କହିଲେ ମତେ ସୁଯୋଗ ନମିଳିଲେ ଗୃହ ମଝିରେ ଧାରଣାରେ ବସିବି। ଦିବ୍ୟଙ୍କ ନାଲିଆଖି ଦେଖି କାଳେ ବିଧାନସଭାରେ କିଛି ଅଘଟଣ ଘଟାଇବେ ତେଣୁ ତାଙ୍କୁ ତିନି ଚାରିଜଣ ଶାନ୍ତ କରିବାକୁ ଲାଗିଲେ। ହେଲେ ନିଜ ଆସନରୁ ଉଠି ଅଭିଯୋଗ କରୁଥିବା ଦିବ୍ୟଶଙ୍କର କିନ୍ତୁ ସହଜରେ ଶାନ୍ତ ହେଉନଥିଲେ। ଉପରେ ଥିବା ସାମ୍ବାଦିକମାନେ ଏହାକୁ ଲକ୍ଷ୍ୟ କରୁଥିବା ଦେଖି ତୁନି ପଡିଥିଲେ। ତେବେ ପୂର୍ବତନ ମନ୍ତ୍ରୀ ତଥା ଦକ୍ଷ ପାଇଲଟ କ'ଣ ପାଇଁ ଏମିତି ରାଗିଲେ ଅନେକ ସାମ୍ବାଦିକ ତା'ର କାରଣ ଖୋଜିବାରେ ଲାଗିଛନ୍ତି।

---

ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ପ୍ରାନ୍ତୀୟ ଅଧିବେଶନ 'ଶିଖର-୨୦୨୬'

# 'ବିକଶିତ ଓଡ଼ିଶା' ଗଢ଼ିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ସମ୍ବଲପୁର, ୧୫।୩ (ସଂଚାର ବ୍ୟୁରୋ) : ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ। ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ। ଆଜି ଏଠାରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପକ୍ଷରୁ ଆୟୋଜିତ ପ୍ରାନ୍ତୀୟ ଅଧିବେଶନ 'ଶିଖର-୨୦୨୬'ରେ ଯୋଗଦେଇ ଏପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

> ପାଠପଢ଼ାକୁ ଗୁରୁତ୍ୱ ଦେଲେ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ

ଭାରତର ପ୍ରାଚୀନ ସଭ୍ୟତାଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ କେନ୍ଦ୍ରମନ୍ତ୍ରୀ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ ନୂତନ ଦିଗଦର୍ଶନର ମଞ୍ଚ। ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି ସମାଜର ବିଶେଷ ଅବଦାନ ରହିଛି। ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଆଗେଇ ନେବାରେ ମାରୱାଡି ସମାଜର ଯଥେଷ୍ଟ ଅବଦାନ ରହିଛି। ଅତୀତରେ ସୋମନାଥ ମନ୍ଦିର ଉପରେ ଆକ୍ରମଣ ଓ ଗୁଲାମୀ କାରଣରୁ ଆମେ ଆମର ଅନେକ ଗୌରବମୟ ଇତିହାସ ଭୁଲିଯାଇଥିଲେ। ମାତ୍ର ବର୍ତ୍ତମାନ ଇତିହାସର ଦର୍ପଣରେ ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତିର ସମୟ ଆସିଛି।

ବର୍ତ୍ତମାନ ଆମେ ଏପରି ଏକ ସମୟରେ ଉପନୀତ ହୋଇଛେ, ଯେଉଁଠି ଆମର ଲକ୍ଷ୍ୟ ହୋଇଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଦାୟିତ୍ୱ ନେବାକୁ ହେବ। ବିକଶିତ ଭାରତର ସ୍ୱପ୍ନ ବିକଶିତ ଓଡ଼ିଶା ବିନା ପୂରଣ ହୋଇପାରିବ ନାହିଁ। ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଓଡ଼ିଶାର ୫୦ ହଜାରରୁ ଅଧିକ ଥିବା ଗାଁକୁ ବିକଶିତ କରିବାକୁ ହେବ। ଯଦି ସମାଜର



ଇଞ୍ଜିନ ଅର୍ଥାତ୍ ନେତୃତ୍ୱ ଓ ଅର୍ଥନୀତି ଶକ୍ତିଶାଳୀ ହୁଏ, ତେବେ ବିକାଶର ଗତି ଦ୍ରୁତ ହେବ। ତେଣୁ ଏ ଦିଗରେ ମାରୱାଡ଼ି ସମାଜ ମଧ୍ୟ ରେଳଡବାର ଇଞ୍ଜିନ ବୃହତ୍ତର ଦାୟିତ୍ୱ ନେବା ଆବଶ୍ୟକ। ସମ୍ବଲପୁରରେ ଅନେକ ସମ୍ଭାବନା ରହିଛି, ତେଣୁ ଏହାକୁ ଏକ 'ଏଜୁକେସନ ହବ୍' ଓ 'ଇକୋନୋମିକ ଜୋନ୍' ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କର ସାମୂହିକ ଆବଶ୍ୟକତା ରହିଛି। ଭାରତର ପ୍ରକୃତ ପୁଞ୍ଜି ହେଉଛି 'ଜ୍ଞାନ'। ପାଠପଢ଼ାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ମାରୱାଡ଼ି ସମାଜକୁ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ଓ ବିଶେଷ ପର୍ବପର୍ବାଣୀ ବା ଦିନମାନଙ୍କର ଅଙ୍ଗନବାଡ଼ି ଭଳି ଛୋଟ ଛୋଟ ପିଲାଙ୍କୁ ଫଳ ଓ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖାଦ୍ୟରେ ତେଲର ବ୍ୟବହାର ହ୍ରାସ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

---

## ଦୋକାନ ଭିତରେ ଜଳିଗଲେ ବାପ-ପୁଅ



**ଖୋର୍ଦ୍ଧା, ୧୫।୩ (ସଂଚାର ବ୍ୟୁରୋ) :** ବୋଲଗଡ଼ ବ୍ଲକ ସାନପଦର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ରବିବାର ସକାଳୁ ଦୋକାନରେ ଶୋଇଥିବା ବେଳେ ଜିଅନ୍ତା ଜଳି ଯାଇଛନ୍ତି ବାପ-ପୁଅ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ସାନପଦର ଗାଁ ମୁଣ୍ଡରେ ତେଜରାତି ଓ ଚା' ଦୋକାନ କରି ପରିବାର ଚଳାଉଥିବା ରାଜେଶ କୁମାର ସାହୁ (୫୭) ଓ ତାଙ୍କ ଦିବ୍ୟାଙ୍ଗ ପୁଅ ଲକ୍ଷ୍ମୀଧର ସାହୁ(୨୭)। ପ୍ରତିଦିନ ପରି ଭୋର୍ ସମୟରୁ ଦୋକାନ ଖୋଲାଯାଇ ନ ଥିବା ପରିବାର ସଦସ୍ୟଙ୍କ ସନ୍ଦେହ ହୋଇଥିଲା। ଭିତରୁ କବାଟ ବନ୍ଦ ଥିବା ପରିବାର ଜାଣିବା ପରେ ଅଘଟଣ ସନ୍ଦେହରେ ଆଜବେଷ୍ଟସ୍ ଖୋଲିବାରୁ ରାଜେଶ ଏବଂ ପୁଅ ଲକ୍ଷ୍ମୀଧର ଅର୍ଦ୍ଧଦଗ୍ଧ ଅବସ୍ଥା ଦୋକାନ ଭିତରେ ପଡ଼ିଥିବା ଦେଖିଥିଲେ। ତେବେ ଏହା ବିଦ୍ୟୁତ୍ ଶଟ୍ସର୍କିଟ କାରଣରୁ ହୋଇଥିବା ସନ୍ଦେହ କରାଯାଇଛି। ତେବେ ବିଳମ୍ବିତ ରାତିରେ ଏପରି ଘଟିଥିବା ଅନୁମାନ କରାଯାଇଛି। ସୂଚନା ପାଇ ବେଗୁନିଆ ପୁଲିସ, ଅଗ୍ନିଶମ ବାହିନୀ ଓ ବୋଲଗଡ଼ ତହସିଲଦାର ପହଞ୍ଚି ଦୋକାନ ଆଜବେଷ୍ଟସ୍ ଭାଙ୍ଗି ମୃତଦେହ ଜବତ କରିବା ସହ ଘଟଣାର ପ୍ରକୃତ କାରଣ ଖୋଜୁଛ। ଅନ୍ୟ ପଟେ ମାଜିଷ୍ଟ୍ରେଟ ବୋଲଗଡ଼ ତହସିଲଦାର ଓ ବେଗୁନିଆ ଅଗ୍ନିଶମ କର୍ମଚାରୀ ସହ ସାଇଟିଫକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବାପ-ପୁଅଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

---

ଓଡ଼ିଶାପୁଲିସ ପୋଷାକ ପିନ୍ଧି କରୁଥିଲେ ଆତଙ୍କିତ

## ନକଲି ପୁଲିସକୁ ବାନ୍ଧିଲା ଅସଲି ପୁଲିସ

ଅତାବିରା, ୧୫।୩ (ସଂଚାର ବ୍ୟୁରୋ): ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ରବିବାର ନକଲି ପୁଲିସ ଭାବରେ ବୁଲୁ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଅତାବିରା ଥାନା ଅସଲି ପୁଲିସ। ଗିରଫ ନକଲି ପୁଲିସଙ୍କ ନାମ ବରଗଡ ଟାଉନ ଥାନା ଘୁଲିପାଲିର ବିକ୍ରମ ବେହେରା (୩୩)। ତାଙ୍କ ବିରୋଧରେ ଅତାବିରା ଥାନା କେଶ ନମ୍ବର ୧୦୬/୨୦୨୬ ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଥାନା ହାଜତରେ ରଖାଯାଇଛି । ଏହି ଘଟଣା ସମ୍ବେଦନଶୀଳ ଭାବେ ନେଇ ଏହାର ଅଧିକ ତଦନ୍ତ କରାଯାଉଛି ବୋଲି ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି । ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଢୁରୁକୁଶୁମ୍ ଠାରେ ନକଲି ପୁଲିସ ଓଡ଼ିଶା ପୁଲିସ ଲେଖାଥିବା ଡ୍ରେସ୍ ପିନ୍ଧି ଲୋକଙ୍କୁ ଆତଙ୍କିତ କରୁଥିବା ଗ୍ରାମବାସୀ ଅତାବିରା ପୁଲିସକୁ ଖବର ଦେଇଥିଲେ । ପ୍ରାଥମିକ ସୂଚନା ଅନୁଯାୟୀ ବ୍ୟକ୍ତି ଜଣକ ହେଲେ ବିକ୍ରମ ବେହେରା ତାଙ୍କ ଘର ବରଗଡ ଟାଉନ ଥାନା ଅଂଚଳର ବୋଲି ଜଣା ପଡ଼ିଛି।



୨୦୨୧ ମସିହାରେ ମଧ୍ୟ ବିକ୍ରମ ନକଲି ଆରଟିଓ ସାଜି ବରଗଡ଼ ପୁଲିସ ହାତରେ ଗିରଫ ହୋଇଥିଲେ ।

ରବିବାର ଘଟଣାସ୍ଥଳରେ ଲୋକଙ୍କୁ ଡରାଉ ଥିବା ସହ ପୁଲିସ ନାଁରେ ଆତଙ୍କିତ କରୁଥିବା ସମୟରେ ଭିଡିଓ ଉତ୍ତୋଳନ କରିଥିଲେ । ଏହାପରେ ନକଲି ପୁଲିସ ବୋଲି ଜାଣି ଗ୍ରାମବାସୀ ଅତାବିରା ଥାନାକୁ ସୂଚନା ଦେଇଥିଲେ। ଏହା ପରେ ଘଟଣାସ୍ଥଳକୁ ଅତାବିରା ପୁଲିସ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଅତାବିରା ଥାନାକୁ ଆଣି ଅଧିକ ପଚରା ଉଚରା ଜାରି ରଖିଛନ୍ତି । ତେବେ ବିକ୍ରମ ସହ ଏକ ମୋଟରସାଇକେଲରେ ଥିବା ତାଙ୍କ ଜନୈକ ସହଯୋଗୀ ଘଟଣାସ୍ଥଳରୁ ଫେରାର ରହିଛନ୍ତି ।

---

କାଳବୈଶାଖୀ ତାଣ୍ଡବ: ଭାଙ୍ଗିଲା ଘର, ଉଡ଼ିଲା ଗାଡ଼ି

## ଦୁଇ ମୃତ, ୪ ଗୁରୁତର



କରଞ୍ଜିଆ, ୧୫।୩(ସଂଚାର ବ୍ୟୁରୋ):କରଞ୍ଜିଆରେ ଆଜି ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ମାତ୍ର ୧୦ ମିନିଟ୍ର ତାଣ୍ଡବରେ ସବୁକିଛି ଛାରଖାର କରିଦେଇଛି ଏହି କାଳବୈଶାଖୀ। ଉଡ଼ିଯାଇଛି ଘର ଆଉ ଗାଡ଼ି। ଏପରିକି କାଳବୈଖାଖୀ ଫଳରେ ଏକ ଅଟୋ ଓ ସ୍କୁଟି ଉଡ଼ି ପୋଖରିରେ ପଡ଼ିଥିଲା। ସେହିପରି ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ର ୩ଟି ଗାଁରେ କାଳବୈଶାଖୀ ରଚିଛି ତାଣ୍ଡବ। କିଆ, ପାଣପୋଷି, ମେଷ୍ଟାଶିଙ୍ଗା ଗାଁରେ କାଳବୈଶାଖୀ ହୋଇଥିବା ବେଳେ ପବନ ଓ କୁଆପଥର ମାଡ଼ରେ ପ୍ରାୟ ଶହେ ଘର ଭାଙ୍ଗିଯାଇଛି। ପବନରେ କଙ୍କଡ଼ା ଗାଁରେ ରାସ୍ତାରେ ଯାଉଥିବା ଏକ ଅଟୋ ଉଡ଼ିଯାଇ ପୋଖରିରେ ପଡ଼ିଥିଲା। କାଳବୈଶାଖୀ ଥମିବା ପରେ ବିଭିନ୍ନ ସ୍ଥାନରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ଜଣାପଡ଼ିଛି।

---

## ଓଲଟିଲା ପିକ୍ଅପ: ୨ ମୃତ, ୭ ଆହତ



ରାୟଗଡ଼ା, ୧୫।୩(ସଂଚାର ବ୍ୟୁରୋ): ଏକ ପିକଅପ ଭ୍ୟାନ୍ ଅଚାନକ ଓଲଟି ପଡ଼ିବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ବିଷମକଟକ ଥାନା କାଚାପାଦୁ ନିକଟରେ ଏକ ଦୁର୍ଘଟଣା ଘଟିଛି। ଧାନ କଳକୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ଉକ୍ତ ଚାଉଳ ବୋଝେଇ ପିକଅପ ଭ୍ୟାନ୍ଟି ଓଲଟି ପଡ଼ିଥିଲା। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାସ୍ଥଳରେ ଜଣେ ଓ ମେଡିକାଲରେ ହିମ ସାରକାଙ୍କୁ ବ୍ରହ୍ମପୁରର ଏମ୍କେସିଜି ହସ୍ପିଟାଲ୍କୁ ସ୍ଥାନାନ୍ତର କରାଯାଇଛି। ଏହାଛଡ଼ା ଆହତ ଧବଳେଶ୍ୱର ସାରକା, ଅଜିତ ସାରକା ଓ ନବୀନ ସାରକା ବିଷମକଟକ ମେଡିକାଲରେ ଚିକିତ୍ସାଧୀନ ରହିଥିବା ବେଳେ ଅନ୍ୟ ତିନି ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଦ୍ୱୟ ଡ୍ରିଞ୍ଜ ସାରକା ଓ ମଦନ ସାରକା ହୋଇଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଥିବା

---

ଗ୍ୟାସ୍ ସଙ୍କଟ ବେଳେ ମାତିଲେ ଚୋର

## ଘରୁ ଟେକିନେଲେ ସିଲିଣ୍ଡର୍

ବାରଙ୍ଗ, ୧୫।୩(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା କାରଣରୁ ଦେଶ ତଥା ରାଜ୍ୟରେ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଉଭୟ ବ୍ୟାବସାୟିକ ସଂଗଠନ ଓ ଘରୋଇ ସ୍ତରରେ ଲୋକେ ଗ୍ୟାସ୍ ସମସ୍ୟା ସହ ଯୁଝୁଛନ୍ତି। ତେବେ ଇତିମଧ୍ୟରେ ଚୋର ଉପରେ ମଧ୍ୟ ଏହି ଗ୍ୟାସ୍ ସଙ୍କଟର ପ୍ରଭାବ ପଡ଼ିଥିବା ପ୍ରତୀୟମାନ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଜଣେ ଗ୍ୟାସ ଚୋର



ଘରୁ ଟେକିନେଇଥିବା ଜଣାପଡ଼ିଛି। ଏହି ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ବାରଙ୍ଗ ଥାନା ବଛିପୁରରେ ଏପରି ଘଟଣା ଦେଖିବାକୁ ମିଳିଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦିନଦ୍ୱିପ୍ରହରେ ଘରେ ପଶି ଚୋର ଜଣଙ୍କ ସିଲିଣ୍ଡର ଧରି ଚମ୍ପଟ ମାରିଛି। ଏହି ସିଲିଣ୍ଡର୍ଟି ସ୍ଥାନୀୟ ଅଞ୍ଚଳର ମଥୁରାନନ୍ଦ ସାହୁଙ୍କ ଘରୁ ଚୋରି ହୋଇଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି। ସୂନାଯୋଗ୍ୟ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଏଲପିଜି ସିଲିଣ୍ଡର ଅଭାବ ଦେଖାଦେଇଛି। ଯାହା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର କହୁଛନ୍ତି ଦେଶରେ ପର୍ଯ୍ୟାପ୍ତ ରହିଛି ଗ୍ୟାସ୍ ସିଲିଣ୍ଡର। କିଛି ଅସାଧୁ ବ୍ୟବସାୟୀ ଗ୍ୟାସର କଳାବଜାରୀ କରୁଛନ୍ତି। ଏପରିକି ବେଆଇନ ଭାବେ ଗଚ୍ଛିତ ରଖୁଛନ୍ତି। ଆଉ ଏହାରି ଭିତରେ ଜଣେ ବ୍ୟକ୍ତିଙ୍କ ଘରୁ ୫୫ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି।

---

## ଭିତରକନିକା ଓ ଗହୀରମଥାରେ ମାଫିଆଙ୍କୁ ଜଗିବ ଡ୍ରୋନ

ରାଜନଗର, ୧୫।୩(ସଂଚାର ବ୍ୟୁରୋ): ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟାରେ ମାଫିଆଙ୍କ ଗତିବିଧି ଉପରେ ନଜର ରଖିବ ଡ୍ରୋନ୍। କୂଳରୁ ୨୫ କିମି ସମୁଦ୍ର ଭିତରକୁ ଯିବା ସହ ୧୦ କିମି ପରିବ୍ୟାପ୍ତ ଅଞ୍ଚଳର ଭିଡିଓ ଉତ୍ତୋଳନ କରିପାରିବ। ରାଜନଗର ବନଖଣ୍ଡର ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଡ୍ରୋନ ସାହାଯ୍ୟରେ ସୁରକ୍ଷା ଯୋଗାଇ ଦିଆଯିବ। ଏଥିପାଇଁ ଏକ ୫ଦିନିଆ ତାଲିମ ଶିବିର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଗତକାଲି ଆରମ୍ଭ ହୋଇଛି। କୋଲକାତାସ୍ଥିତ ଡ୍ରୋନ ପାଠଶାଳାର ଟ୍ରେନର୍ ସମ୍ବିତ ସ୍ୱୟଂପ୍ରକାଶ ଏହି ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଗତକାଲି ପ୍ରଥମ ଦିନରେ କାର୍ଯ୍ୟାଳୟ ମଧ୍ୟରେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଆଜି ପେଣ୍ଠ ବେଳାଭୂମିରେ ପ୍ରଶିକ୍ଷଣ ଦିଆଯାଇଛି। କିପରି ଏହି ଡ୍ରୋନ ଉଡ଼ାଇବେ, ଡ୍ରୋନ କିପରି ଯେଉଁଠାରୁ ଯାଇଥିବ ସେହି ସ୍ଥାନକୁ ଫେରିବ, ଡ୍ରୋନ ଉତ୍ତୋଳନ କରିଥିବା ଫଟୋ ଓ ଭିଡିଓକୁ କିପରି ସ୍ଥାନାନ୍ତର କରାଯିବ, ସେନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଫରେଷ୍ଟର ତ୍ରିଦୀପ ପ୍ରଧାନ, ସୁନୀଲ ରଞ୍ଜନ ରାଉତରାୟ, ସତ୍ୟଜିତ ପାଣି, ସତୀଶ ଲାକ୍ରା, ନିରଞ୍ଜନ ମଣ୍ଡଳ, ଦେବାଶିଷ ରଥ ପ୍ରମୁଖ ବନ କର୍ମଚାରୀ ସାମିଲ ହୋଇଥିଲେ।

- ୨୫ କିମି ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯାଇପାରିବ
- ୧୦ କିମି ପରିବ୍ୟାପ୍ତ ଅଞ୍ଚଳର ଫଟୋ ଉତ୍ତୋଳନ କ୍ଷମତା



ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩ଟି ଡ୍ରୋନ ଯୋଗାଇ ଦିଆଯାଇଛି। ଏହି ଡ୍ରୋନ କ୍ୟାମେରା ମାଧ୍ୟମରେ ଭିତରକନିକା ଜାତୀୟ ଉଦ୍ୟାନ ଜଙ୍ଗଲରେ କାଠମାଫିଆ, ବନ୍ୟଜନ୍ତୁ ଶିକାରୀ, ନିଷିଦ୍ଧାଚଳର ନଦୀ ନାଳରେ ମାଛ ଧରୁଥିବା ଅନୁପ୍ରବେଶକାରୀ, ଜାତୀୟ ଉଦ୍ୟାନର କ୍ଷତି କରୁଥିବା କୌଣସି ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇପାରିବ। ବିଶେଷକରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ଓ ବେଆଇନ କାର୍ଯ୍ୟକଳାପ ଉପରେ ଏହି ଡ୍ରୋନ୍ ନଜର ରଖିବ। ସମୁଦ୍ର ତଟଠାରୁ ୨୫ କିମି ସମୁଦ୍ର ମଧ୍ୟକୁ ଏହି ଡ୍ରୋନ ଯାଇ ତଥ୍ୟ ସଂଗ୍ରହ କରିପାରିବ। ଫଳତଃ ଅଲିଭ ରିଡଲେ କଇଁଛଙ୍କ ପାଇଁ ମୃତ୍ୟୁଦୂତ ସାଜୁଥିବା ଟ୍ରଲର, ଗିଲନେଟର ଓ ବୋଟଗୁଡ଼ିକର ଗତିବିଧିକୁ ଅନୁଧ୍ୟାନ କରି ସଠିକ୍ ତଥ୍ୟ ଯୋଗାଇ ଦେବ। କଇଁଛ ମୃତ୍ୟୁ, କଇଁଛ ବସା ନଷ୍ଟ ଓ ଜଙ୍ଗଲ ମଧ୍ୟରେ ଶତାଧିକ ମୃତ କଇଁଛ ପଡ଼ିବା ଓ ତାହାକୁ କୁକୁର ଝୁଣି ଖାଇବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ତତ୍କାଳ ଡ୍ରୋନ ମାଧ୍ୟମରେ ମାଫିଆଙ୍କ ଉପରେ ନଜର ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଆଜି ପେଣ୍ଠ ବେଳାଭୂମିରେ ପରୀକ୍ଷାମୂଳକ ଭାବେ ଡ୍ରୋନର ଉପଯୋଗ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ କରାଯାଇଛି। ଏଥିସହ ଡ୍ରୋନ୍ର ପରିଚାଳନା ନେଇ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଦୁବାଇ ଓ ଆବୁଧାବିକୁ ଏୟାର ଇଣ୍ଡିଆ ଓ ଇଣ୍ଡିଗୋର ଏକାଧିକ ବିମାନ ବାତିଲ




## ମହଙ୍ଗା ହେଲା ଟିକେଟ୍

ନୂଆଦିଲ୍ଲୀ, ୧୫।୩: ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ବଢୁଥିବା ଯୁଦ୍ଧ ସଙ୍କଟର ସିଧାସଳଖ ପ୍ରଭାବ ଏବେ ବିମାନ ଚଳାଚଳ ଉପରେ ପଡ଼ିବା ଆରମ୍ଭ ହୋଇଛି। ସଂଯୁକ୍ତ ଆରବ ଏମିରେଟ୍ସର ବିମାନବନ୍ଦରଗୁଡ଼ିକରେ କଟକଣା ଲାଗୁ ହେବା କାରଣରୁ ରବିବାର (ମାର୍ଚ୍ଚ ୧୫) ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପକ୍ଷରୁ ଉପସାଗରୀୟ ଅଞ୍ଚଳକୁ ଯାଉଥିବା ଅନେକ ବିମାନ ବାତିଲ କରାଯାଇଛି। ବିଶେଷ କରି ଦୁବାଇ ଏବଂ ଆବୁଧାବିକୁ ଯିବାଆସିବା କରୁଥିବା ଯାତ୍ରୀମାନେ ଏହାଦ୍ୱାରା ବହୁଳ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ବଡ଼ ନିଷ୍ପତ୍ତି ଯେ ୟୁଏଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ନୂତନ ନିର୍ଦ୍ଦେଶ ପରେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମାର୍ଚ୍ଚ ୧୫ ପାଇଁ ସେମାନଙ୍କର ଅପରେସନ୍କୁ ସୀମିତ କରିବାକୁ ବାଧ୍ୟ ହୋଇଛନ୍ତି। ଏୟାର ଇଣ୍ଡିଆ କେବଳ ଗୋଟିଏ 'ଦିଲ୍ଲୀ-ଦୁବାଇ' ରିଟର୍ଣ୍ଣ ଫ୍ଲାଇଟ୍ ଚଳାଇଥିବା ବେଳେ ଯୋଜନା ହୋଇଥିବା ୫ଟିରୁ ୪ଟି ଦୁବାଇ ବିମାନକୁ ବାତିଲ କରିଛି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମଧ୍ୟ ଗୋଟିଏ 'ଦିଲ୍ଲୀ-ଦୁବାଇ' ବିମାନ ଚଳାଇ ବାକି ୬ଟିରୁ ୫ଟି ଦୁବାଇ ବିମାନ ବାତିଲ କରିଛି। ଏହା ବ୍ୟତୀତ ଆବୁଧାବିକୁ ଯିବାକୁ ଥିବା ସମସ୍ତ ୫ଟି ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ତେବେ ସ୍ଲଟ୍ ଉପଲବ୍ଧତା ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଦିଲ୍ଲୀ, କନ୍ନୁର, କୋଚି, କୋଝିକୋଡ୍, ମୁମ୍ବାଇ ଏବଂ ଥିରୁଅନନ୍ତପୁରମ୍ ପାଇଁ ତଥା ରସ୍ ଅଲ୍ ଖାଇମାହ୍ ରୁ କୋଝିକୋଡ୍ ଓ କୋଚି ମଧ୍ୟରେ କିଛି ବିମାନ ଚଳାଇବାକୁ ଯୋଜନା ରଖିଛି।

ବିମାନ ବାତିଲ ଯୋଗୁଁ ପ୍ରଭାବିତ ହୋଇଥିବା ଯାତ୍ରୀମାନଙ୍କୁ ବିନା କୌଣସି ଅତିରିକ୍ତ ଦେୟରେ ନିଜର ଯାତ୍ରା ତାରିଖ ପରିବର୍ତ୍ତନ କରିବା କିମ୍ବା ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ ନେବାର ବିକଳ୍ପ ଦିଆଯାଇଛି। ବିଦେଶରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଯଥାଶୀଘ୍ର ଘରକୁ ଆଣିବା ପାଇଁ ଏୟାରଲାଇନ୍ସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଜି ପଶ୍ଚିମ ଏସିଆର ଜେଦ୍ଦା ଏବଂ ମସ୍କାଟ୍ ଆଦି ସ୍ଥାନକୁ ଉଭୟ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ସମ୍ମିଳିତ ଭାବେ ୭୨ଟି ଫ୍ଲାଇଟ୍ ଚଳାଇବାର କାର୍ଯ୍ୟକ୍ରମ ରହିଥିଲା। ମଧ୍ୟପ୍ରାଚ୍ୟ ବିବାଦ ଏବଂ ଏୟାରସ୍ପେସ୍ ଉପରେ କଟକଣା କାରଣରୁ ଇଣ୍ଡିଗୋ ମଧ୍ୟ ଦୁବାଇକୁ ନିଜର ବିମାନ ସେବା ବାତିଲ କରିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, "ଦୁବାଇରେ ଫ୍ଲାଇଟ୍ ଅପରେସନ୍ ଉପରେ କଟକଣା ଲଗାଯାଇଥିବାରୁ ସିଡ୍ୟୁଲରେ ପରିବର୍ତ୍ତନ କରାଯାଇଛି। ଦୁବାଇ ଯାତ୍ରା କରୁଥିବା ସମସ୍ତ ଗ୍ରାହକ ବିମାନବନ୍ଦର ବାହାରିବା ପୂର୍ବରୁ ନିଜର ଫ୍ଲାଇଟ୍ ଷ୍ଟାଟସ୍ ନିଶ୍ଚୟ ଯାଞ୍ଚ କରିନିଅନ୍ତୁ।"

ମଧ୍ୟପ୍ରାଚ୍ୟରେ ଜିଓପଲିଟିକାଲ୍ ଟେନସନ୍ କାରଣରୁ ବିମାନ ଇନ୍ଧନ (ଏଟିଏଫ) ଦର ବୃଦ୍ଧି ପାଇଛି, ଯାହାର ସିଧାସଳଖ ପ୍ରଭାବ ଯାତ୍ରୀଙ୍କ ପକେଟ୍ ଉପରେ ପଡ଼ିବା ଆରମ୍ଭ ହୋଇଛି। ଆକାସା ଏୟାର୍ ନିଜର ଘରୋଇ ତଥା ଅନ୍ତର୍ଜାତୀୟ ରୁଟ୍ ଉପରେ ୧୯୯ ଟଙ୍କାରୁ ୧,୩୦୦ ଟଙ୍କା ପର୍ଯ୍ୟନ୍ତ ସରଚାର୍ଜ ଲଗାଇଛି। ଇଣ୍ଡିଗୋ ପୂର୍ବରୁ ହିଁ ଦୂରତା ଅନୁଯାୟୀ ଟିକେଟ୍ ପିଛା ୪୨୫ ରୁ ୨,୩୦୦ ଟଙ୍କା ପର୍ଯ୍ୟନ୍ତ ସରଚାର୍ଜ ଘୋଷଣା କରିସାରିଛି। ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମଧ୍ୟ ଗତ ମାର୍ଚ୍ଚ ୧୨ ତାରିଖରୁ ନିଜର ଘରୋଇ ଉଡ଼ାଣ ଉପରେ ଟିକେଟ୍ ପିଛା ୩୯୯ ଟଙ୍କା ଇନ୍ଧନ ସରଚାର୍ଜ ଲାଗୁ କରିଛନ୍ତି।



# ଫାସ୍ଟ୍ୟାଗ୍ ପାସ୍ ବାର୍ଷିକ ଦେୟ ୩,୦୭୫କୁ ବୃଦ୍ଧି

ନୂଆଦିଲ୍ଲୀ, ୧୫।୩: ଜାତୀୟ ରାଜପଥଗୁଡ଼ିକରେ ଚଳାଚଳ କରୁଥିବା ଯାନବାହନ ପାଇଁ ଏକକାଳୀନ ଫାଷ୍ଟ୍ୟାଗ୍ ପାସ୍ ଦେୟରେ ପରିବର୍ତ୍ତନ କରାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ଆସନ୍ତା ଏପ୍ରିଲ ପହିଲାରୁ ଏହି ନୂତନ ଦର ଲାଗୁ କରିବ। ଟୋଲ୍ ଗେଟ୍‌ଗୁଡ଼ିକରେ ଫାଷ୍ଟ୍ୟାଗ୍ ପାସ୍ ବାବଦକୁ ଏବେ ବାର୍ଷିକ ଏକକାଳୀନ ଦେୟ ୩ ହଜାର ଟଙ୍କା ରହିଛି। ଆସନ୍ତା ୧ ତାରିଖରୁ ଏହା ୩,୦୭୫ ଟଙ୍କା ହେବ। କେବଳ ଅଣବାଣିଜ୍ୟିକ ଘରୋଇ ଯାନଗୁଡ଼ିକ ପାଇଁ ଏହି ଫାସଟ୍ୟାଗ୍ ପାସ୍ ସୁବିଧା ରହିଛି। ଗତବର୍ଷ ଅଗଷ୍ଟ ୧୫ରୁ ଏହାକୁ ଲାଗୁ କରାଯାଇଛି। ଦେଶର ୧,୧୫୦ଟି ଟୋଲ୍ ଗେଟ୍ ଦେଇ ଏହି ପାସ୍ ଦ୍ୱାରା ଯାନବାହନଗୁଡ଼ିକ ଚଳପ୍ରଚଳ କରି ପାରିବ। ଏକକାଳୀନ ଦେୟ ଯୋଗୁ ସଂପୃକ୍ତ ଗାଡ଼ି ବର୍ଷକୁ ୨୦୦ ଥର ଯେ କୌଣସି ଜାତୀୟ ରାଜପଥରେ ଥିବା ଟୋଲ୍ ଗେଟ୍ ଅତିକ୍ରମ କରି ପାରିବ। ସୂଚନାଯୋଗ୍ୟ, ଦେଶରେ ୫୬ ଲକ୍ଷ ଫାସ୍ଟ୍ୟାଗ୍ ବ୍ୟବହାରକାରୀ ଅଛନ୍ତି। ଲୋକଙ୍କ ମଧ୍ୟରେ ଏଥିପାଇଁ ଆଗ୍ରହ ବଢୁଛି।



# ଗ୍ୟାସ୍ ସଂକଟ ଦୂର ପାଇଁ 'ୱାର୍କ ଫ୍ରମ୍ ହୋମ୍'

## କାଫେଟେରିଆ ବନ୍ଦ କରୁଛନ୍ତି ଆଇଟି କମ୍ପାନୀ

ନୂଆଦିଲ୍ଲୀ, ୧୫।୩: ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ଓ ପ୍ରାକୃତିକ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହେବା ପରେ ଭାରତରେ ଏବେ ରୋଷେଇରେ ବ୍ୟବହୃତ ଏଲ୍‌ପିଜି ସିଲିଣ୍ଡର୍‌ର ଘୋର ଅଭାବ ଦେଖାଯାଇଛି। ଏହା ଦେଶରେ ହୋଟେଲ ଶିଳ୍ପ ଉପରେ ଗୁରୁତର ପ୍ରଭାବ ପକାଇବା ସହିତ ରାସ୍ତାକଡ଼ ଜଳଖିଆ ଦୋକାନ ଓ ରେସ୍ତୋରାଁଗୁଡ଼ିକରେ ଖାଦ୍ୟକୁ ମହଙ୍ଗା କରିଛି। କେବଳ ସେତିକି ନୁହେଁ, ବିଭିନ୍ନ କାର୍ଯ୍ୟାଳୟରେ ଥିବା କାଫେଟେରିଆ ବା ଫୁଡ୍ କୋର୍ଟ ଓ କ୍ୟାଣ୍ଟିନ୍‌ଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛି। ଦେଶର କେତେକ ଅଗ୍ରଣୀ ସୂଚନାପ୍ରଯୁକ୍ତି କଂପାନି ସେମାନଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏଭଳି ଖାଦ୍ୟ ୟୁନିଟ୍‌ଗୁଡ଼ିକୁ ସାମୟିକ ଭାବେ ବନ୍ଦ କରିଦେବା ନେଇ କର୍ମଚାରୀମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଏହି ସବୁ କଂପାନିଗୁଡ଼ିକ ମଧ୍ୟରେ ରହିଛନ୍ତି ଅଗ୍ରଣୀ ଆଇଟି କଂପାନି ଇନ୍‌ଫୋସିସ୍, ଏଚ୍‌ସିଏଲ୍, କଗ୍‌ନିଜାଣ୍ଟ ଭଳି ସଂସ୍ଥା। ଏମାନଙ୍କର ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ ଓ ପୁଣେ ଭଳି ସହରରେ ବଡ଼ ବଡ଼ କ୍ୟାମ୍ପସ୍ ରହିଛି। ପ୍ରତି କ୍ୟାମ୍ପସରେ କର୍ମଚାରୀମାନଙ୍କ ସୁବିଧା ପାଇଁ ଏକାଧିକ କାଫେଟେରିଆ ରହିଥାଏ। ଏଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି ପାଇଁ ଏଲ୍‌ପିଜି ସିଲିଣ୍ଡର୍ ବ୍ୟବହୃତ ହୋଇଥାଏ। କିନ୍ତୁ ଏବେକାର ରନ୍ଧନ ଗ୍ୟାସ୍ ସଂକଟ କାଳରେ କଂପାନିଗୁଡ଼ିକ କାଫେଟେରିଆ ଚଳାଇ କ୍ଷତି ସହିବାକୁ ଚାହୁଁନାହାନ୍ତି। ତେଣୁ କିଛି ଦିନ ପାଇଁ କାଫେଟେରିଆ ବନ୍ଦ ରଖିବା ସହ ଖାଦ୍ୟ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ କର୍ମଚାରୀମାନଙ୍କୁ ପ୍ରବର୍ତ୍ତାଉଛନ୍ତି। ଇନ୍‌ଫୋସିସ୍ ଏହାର କାଫେଟେରିଆ ବନ୍ଦ କରାଯାଇଥିବା ନେଇ କର୍ମଚାରୀଙ୍କୁ ନୋଟିସ୍ ପଠାଇଥିବା ଜଣାପଡ଼ିଛି। ଏଚ୍‌ସିଏଲ୍ ଟେକ୍‌ନୋଲୋଜି ଆଉ ପାଦେ ଆଗକୁ ଯାଇ କର୍ମଚାରୀମାନଙ୍କ ପାଇଁ 'ୱାର୍କ ଫ୍ରମ୍ ହୋମ୍' ବ୍ୟବସ୍ଥା ଲାଗୁ କରିଛି। ଖାଦ୍ୟ ପାଇଁ ଯେଭଳି କର୍ମଚାରୀମାନେ ଅସୁବିଧାରେ ନ ପଡ଼ନ୍ତି ତାହାକୁ ଦୃଷ୍ଟିରେ ରଖି ୱାର୍କ ଫ୍ରମ୍ ହୋମ୍ ପୁନଃ ପ୍ରଚଳନ କରାଯାଇଥିବା କଂପାନି ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ଘରୁ ଖାଦ୍ୟ ଟିଫିନ୍ ଆଣନ୍ତୁ ବୋଲି କଗ୍‌ନିଜାଣ୍ଟ ଏହାର କର୍ମଚାରୀଙ୍କୁ ବାର୍ତ୍ତା ଦେଇଛି।

## ବିପଦରେ କ୍ରୋମ୍ ୟୁଜର୍ସ

# ଗୁଗଲ୍ ଜାରି କଲା ଏମରଜେନ୍ସି ଅପଡେଟ

ନୂଆଦିଲ୍ଲୀ, ୧୫।୩: କ୍ରୋମ ୟୁଜର୍ସଙ୍କ ପାଇଁ ଚେତାବନୀ। ଯଥାଶୀଘ୍ର କରିନିଅନ୍ତୁ ଆପ୍ ଅପଡେଟ। ରବିବାର ଦୁନିଆର ସବୁଠୁ ଲୋକପ୍ରିୟ ଓ୍ବେବ ବ୍ରାଉଜର ମଧ୍ୟରୁ ଗୋଟିଏ ଗୁଗଲ କ୍ରୋମ ସୁରକ୍ଷା ସହ ଜଡ଼ିତ ଏକ ବଡ଼ ଚେତାବନୀ ଜାରି କରିଛି। ଗୁଗଲ ପକ୍ଷରୁ କୁହାଯାଇଛି ଯେ, କ୍ରୋମରେ ଦୁଇ ବିପଜ୍ଜନକ Zero- Day ବଗ୍ ମିଳିଛି। ହ୍ୟାକର୍ସମାନେ ଏହାର ଫାଇଦା ଉଠାଇପାରନ୍ତି।

ବଡ଼ କଥା ହେଲା ଏହି ସୁରକ୍ଷା ତ୍ରୁଟି ଏତେ ଗୁରୁତର ଯେ, କମ୍ପାନିକୁ ଏଥିପାଇଁ ଇମରଜେନ୍ସୀ ସିକ୍ୟୁରିଟି ଅପଡେଟ ଜାରି କରିବାକୁ ପଡ଼ିଛି। ଅନୁମାନ କରାଯାଉଛି ପ୍ରାୟ ୩.୫ ବିଲିୟନ କ୍ରୋମ ୟୁଜର୍ସଙ୍କୁ ଏହି ବିପଦ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଏଥିପାଇଁ ସବୁ ୟୁଜର୍ସଙ୍କୁ ତୁରନ୍ତ ବ୍ରାଉଜର ଅପଡେଟ କରିବାକୁ ପରାମର୍ଶ ଦିଆଯାଇଛି।

ଫୋର୍ବ୍ସ ରିପୋର୍ଟ ଅନୁସାରେ, କମ୍ପାନି କହିଛି କ୍ରୋମରେ CVE-2026-3909 ଏବଂ CVE-2026-3910 ନାମକ ଦୁଇଟି ଜରୁରୀ ସୁରକ୍ଷା ତ୍ରୁଟି ମିଳିଛି। ଏହି ଦୁଇଟିକୁ Zero- Day Vulnerability କୁହାଯାଏ। CVE-2026-3909 କ୍ରୋମର ଗ୍ରାଫିକ୍ସ ଲାଇବ୍ରେରୀ ସିଷ୍ଟମ Skia ସହ ଜଡ଼ିତ ତ୍ରୁଟି। ସେହିଭଳି CVE-2026-3910 କ୍ରୋମର ଜାଭାସ୍କ୍ରିପ୍ଟ ଇଞ୍ଜିନ V8 ସହ ଜଡ଼ିତ ତ୍ରୁଟି। ଏହା ବ୍ରାଉଜରର ମୁଖ୍ୟ ସିଷ୍ଟମ କମ୍ପୋନେଣ୍ଟସକୁ ପ୍ରଭାବିତ କରିଥାଏ। ବଡ଼ କଥା ହେଲା ଏହାର ବ୍ୟବହାର କରି ହ୍ୟାକର ୟୁଜରଙ୍କ ସିଷ୍ଟରେ କୋଡ ଚଲାଇପାରିବେ କିମ୍ବା ଡାଟା ମଧ୍ୟ ଚୋରି କରିପାରିବେ। ଏଥିପାଇଁ ଏହି ତ୍ରୁଟିକୁ ହାଇ ସିକ୍ୟୁରିଟି କାଟାଗୋରୀରେ ରଖାଯାଇଛି। ଗୁଗଲ ଏହି ବିପଦରୁ ବର୍ତ୍ତିବା ପାଇଁ ନୂଆ ସିକ୍ୟୁରିଟି ଅପଡେଟ ଜାର କରିବା ଆରମ୍ଭ କରିଛି। ଅବଶ୍ୟ ଏହି ଅପଡେଟ ସବୁ ୟୁଜର୍ସଙ୍କୁ ମିଳିବା ପାଇଁ କିଛି ଦିନ ଲାଗିପାରେ। ଏଥିପାଇଁ ୟୁଜର୍ସଙ୍କୁ ନିଜେ ମଧ୍ୟ ଅପଡେଟ ଚେକ୍ କରିବା ଆବଶ୍ୟକ।

ଗୁଗଲ ସୁରକ୍ଷା ତ୍ରୁଟି ଖୋଜିବା ପାଇଁ ଏକ Vulnerability Reward Program ମଧ୍ୟ ଜାରି ରଖିଛି। ଏହି ପ୍ରୋଗ୍ରାମ ଅନୁସାରେ କମ୍ପାନି ସିକ୍ୟୁରିଟି ରିସର୍ଚ୍ଚର୍ସଙ୍କୁ ତ୍ରୁଟି ବାହାର କରିବା ଉପରେ ପୁରସ୍କାର ଦେଇଥାଏ। କମ୍ପାନି ଅନୁସାରେ ଗତ ୧୫ ବର୍ଷରେ ଏହି ପ୍ରୋଗ୍ରାମ ଅନୁସାରେ, ପ୍ରାୟ ୮୧.୬ ମିଲିୟନ ଡଲାର ପୁରସ୍କାର ଭାବରେ ଦେଇସାରିଛି। କେବଳ ୨୦୨୫ରେ ହିଁ ୧୭ ମିଲିୟନ ଡଲାରରୁ ଅଧିକ ପୁରସ୍କାର ଦିଆଯାଇଛି। କ୍ରୋମର ସୁରକ୍ଷା ପାଇଁ ସମଗ୍ର ଦୁନିଆର ରିସର୍ଚ୍ଚର୍ସଙ୍କ ବଡ଼ ଭୂମିକା ରହିଛି।






## ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଭାଇଚାରାର ବାର୍ତ୍ତା ବାଣ୍ଟିଲା ସମୀର ଟିଭିଏସ



**କେନ୍ଦ୍ରାପଡ଼ା, ୧୫।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ ଦୁହୁରିଆରେ ଥିବା ସମୀର ଟିଭିଏସ୍ ଭାଇଚାରାର ବାର୍ତ୍ତା ବାଣ୍ଟିଛି। ମୁସଲମାନ ଭାଇମାନେ ରୋଜା ପାଳନ କରୁଥିବା ବେଳେ ଦୁହୁରିଆ ସ୍ଥିତ ସମୀର ଟିଭିଏସ୍ ପରିସରରେ ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଥିଲା । ଏହି ଇଫତାର ପାର୍ଟିରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ଏହା ଉଭୟ ସଂପ୍ରଦାୟ ମଧ୍ୟରେ ଭାଇଚାରା ଓ ସଦ୍ଭାବନା ରକ୍ଷାର ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଥିଲା । ଉଭୟ ମୁସଲମାନ ଓ ହିନ୍ଦୁ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ । ପରେ ସମସ୍ତେ ଏକାଠି ହୋଇ ସେଠାରେ ରୋଜା ଫିଟାଇ ଖାଦ୍ୟ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମୀର ଟିଭିଏସ୍ର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ, ବଳରାମ ସେଠୀ, କୁମାର ଚିରଞ୍ଜୀବ ନାୟକ, ହିମାଂଶୁ ରାଉତ, ଲକ୍ଷ୍ମୀକାନ୍ତ ବେହେରା, ଦୁର୍ଯ୍ୟୋଧନ ମହାରଣା, ଅର୍ଚ୍ଚନା ଜେନା, ଜଗନ୍ନାଥ ମହାରଣା ପ୍ରମୁଖ ଶତାଧିକ ଭଦ୍ରବ୍ୟକ୍ତି ଓ ସମୀର ଟିଭିଏସ ପରିବାରର ସଦସ୍ୟମାନେ ଇଫତାର ପାର୍ଟିରେ ସାମିଲ ହୋଇଥିଲେ ।

# କେନ୍ଦ୍ରାପଡ଼ାରେ ବଳଦେବ ଜୀଉ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା



**କେନ୍ଦ୍ରାପଡ଼ା, ୧୫।୩ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ରବିବାର ପ୍ରଥମଥର ପାଇଁ କେନ୍ଦ୍ରାପଡାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ତଥା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମୂର୍ତ୍ତିକୁ ପ୍ରତିଷ୍ଠା କରାଯାଇ ରଥଦାଣ୍ଡରେ ପୂଜାର୍ଚ୍ଚନା କରାଯାଇଥିଲା। ହୁଳହୁଳି ଓ ହରିବୋଲ ଧ୍ୱନୀରେ ସମଗ୍ର ରଥଦାଣ୍ଡ ପ୍ରକମ୍ପିତ ହୋଇ ପଡିଥିଲା । ଏଥିସହିତ ବିଭିନ୍ନ ସ୍ଥାନରୁ ଆସିଥିବା ସଂର୍କୀନ ମଣ୍ଡଳୀ ଗୁଡିକ ନାମସଂର୍କୀନରେ ଲୀନ ହୋଇଯାଇଥିଲେ। ପରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ରଥ ମାଉସୀମା ମନ୍ଦିର ଦେଇ ଛଗରିଆ ଦେଇ କଳପଡା ଅଭିମୁଖେ ବାହାରିଥିଲା।

ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ରଥ ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥ, ଭକ୍ତ, ଶ୍ରଦ୍ଧାଳୁ ଓ ସଂର୍କୀନ ମଣ୍ଡଳୀ ଗୁଡିକ ନାମସଂର୍କୀନ କରି ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗାଡିରେ ଯାତ୍ରା କରିଥିଲେ । ଏହି ରଥ ବଗଡା ଦେଇ ଗୁପ୍ତକ୍ଷେତ୍ର ସଖିବଟରେ ପହିଥିଲା । ସେଠାରୁ ମାହାରାକୂଳ, କଦମ୍ବମୂଳ, ଜଗନ୍ନାଥପୁର, ପାରାଟକ ଦେଇ ମେହିନ୍ଦିପୁର ଓ ପରେ ଭରତପୁର ଦେଇ ଶ୍ୟାମସୁନ୍ଦରପୁର, ଦୁହୁରିଆ, କଲେଜଛକ, ଠାକୁରହାଟର ଶ୍ରୀ ଶ୍ରୀ ଲଛମନଜୀଉ ମନ୍ଦିରରେ ପହିଥିଲା । ସେଠାରେ ରଥକୁ ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ଯାତ୍ରୀମାନେ ପ୍ରସାଦ ସେବନ କରିଥିଲେ । ପରେ ପୁନର୍ବାର ସେଠାରୁ ଯାତ୍ରା ଆରମ୍ଭ କରି ନିକିରାଇ ବଙ୍ଗାଳିସାହି ଛକ, ଇନ୍ଦୁପୁର ଶ୍ରୀବଳଦେବଜୀଉ ମନ୍ଦିର, ଧୂମାତ ଭକ୍ତବିଳାସ ମଠ, ଚାରିଗାଁ, ଜରିଆବାଡ ଦେଇ ଚଉଦକୁଲାଟ ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀଉ ମନ୍ଦିର ନିକଟରେ ପହିଥିଲା । ସେଠାରୁ ଏହି ଜ୍ୟୋତିଯାତ୍ରା ଗୋଗୁଆଛକ ଦେଇ ବାରୋ, କପାଳେଶ୍ୱର, ଗୁଲନଗର, ତିନିମୁହାଣୀଛକ ଦେଇ ନୂଆବସଷ୍ଟାଣ୍ଡ, ପୁରୁଣାବସଷ୍ଟାଣ୍ଡ ଓ ସାନ୍ତସାହି ଦେଇ ପୁନର୍ବାର ରାତି ପ୍ରାୟ ସାଢେ ୯ଟାରେ ଇଛାପୁରସ୍ଥିତ ଶ୍ରୀଜୀଉଙ୍କ ରଥଦାଣ୍ଡରେ ପହିଞ୍ଚିଥିଲା ।

ଏହି ଜ୍ୟୋତିଯାତ୍ରା ଇଛାପୁରସ୍ଥିତ ଶ୍ରୀଜୀଉଙ୍କ ମନ୍ଦିର ନିକଟରୁ ବାହାରି ଶ୍ରୀବଳଦେବଜୀଉଙ୍କ ଲୀଳା ସହ ସଂଶ୍ଳିଷ୍ଟ ବିଭିନ୍ନ ପୀଠ ପରିକ୍ରମା କରିବା ପରେ ପୁନର୍ବାର ଶ୍ରୀଜୀଉଙ୍କ ପୀଠକୁ ଫେରିଆସିଥିଲା। ଏହି ଜ୍ୟୋତିଯାତ୍ରା ରଥକୁ ପ୍ରତ୍ୟେକ ଗ୍ରାମରେ ସ୍ୱାଗତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ପ୍ରଫେସର ନନ୍ଦ କିଶୋର ପରିଡା, ଡ. କାଳିପ୍ରସନ୍ନ ଶତପଥୀ, ଡ. ବାସୁଦେବ ଦାସ, ଅଭିମନ୍ୟୁ ଗୋଛାୟତ, ସରୋଜକାନ୍ତ ସାହୁ, ବ୍ରହ୍ମଚାରୀ ନୃସିଂହନାଥ ପ୍ରମୁଖ ଶତାଧିକ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ ।

## ଦର୍ଶକଙ୍କୁ ବାନ୍ଧିରଖିଲା ଦେଶାତ୍ମବୋଧକ ନାଟକ 'ମହାସଂଗ୍ରାମର ମହାନାୟକ'



**ବାରିପଦା, ୧୫।୩ (ସଂଚାର ବ୍ୟୁରୋ):** ଓଡିଶାର ପୁରାତନ ତଥା ଅଗ୍ରଣୀ ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଆମେ ବାରିପଦା ନାଟ୍ୟାନୁଷ୍ଠାନର ସହଯୋଗରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦେଶାତ୍ମବୋଧକ ନାଟକ "ମହାସଂଗ୍ରାମର ମହାନାୟକ" ମଞ୍ଚସ୍ଥ ହୋଇଯାଇଛି । ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ଓ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକରେ ଆଲୋକ, ସନ୍ତୋଷ, ନରେନ୍ଦ୍ର, ବିଘ୍ନରାଜ, କାର୍ତ୍ତିକ, ଅନିଲ, ସୌମ୍ୟ, ବିକାଶ, ମିହିର, କାଳୀପ୍ରସନ୍ନ, ସତ୍ୟ, ସଂଗ୍ରାମ, ଫନ୍ତୁ, ଦେବାଶିଷ, ଶୁଭ, ଅଶୋକ, ସୁତନୁ, ସିମାଞ୍ଚଳ, ମନିଦୀପା, ଧାରାଶ୍ରାବଣୀ ଓ କଳ୍ପନା ପ୍ରମୁଖ ଅଭିନୟ କରିଥିବା ବେଳେ ସଂଗୀତରେ ପ୍ରତାପ, ଆଲୋକରେ ତ୍ରିପାଠୀ, ରୂପସଜ୍ଜାରେ ନରେନ୍ଦ୍ର, ମଞ୍ଚସଜ୍ଜାରେ ସଂଗ୍ରାମ ଓ ନୃସିଂହ, ପୋଷାକରେ କାର୍ତ୍ତିକ, ମଞ୍ଚ ପରିଚାଳନାରେ ବିଭୁତି, ଜିତ ଓ ପ୍ରକାଶ ଏବଂ ସହ ନିର୍ଦ୍ଦେଶନାରେ ଅଶୋକ ସାହୁ ସହଯୋଗ କରିଥିଲେ । ଇଂରେଜମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ପୁରୀ ଗଜପତିଙ୍କ ପ୍ରଧାନ ସେନାପତି ବକ୍ସି ଜଗବନ୍ଧୁ ଓଡ଼ିଆ ପାଇକମାନଙ୍କୁ ଏକଜୁଟ କରି ୧୮୧୭ ରୁ ୧୮୨୫ ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଲଢେଇ ଜାରିରଖିଥିଲେ । ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଅତିଥି ଭାବେ ଯୋଗଦେଇ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି, ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏମ ପି ସି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଓ ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ କେ ସି ମହାନ୍ତି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ଅବସରରେ ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକଙ୍କୁ ଶତାବ୍ଦୀର କଳାକାର ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଧୀର ମଲ୍ଲିକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାହ୍ମଣୀ ନଦୀର ନଗଡ ନିକଟରେ ପଥର ପ୍ୟାକିଂ ଦାବି

**ରାଜନଗର, ୧୫।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ନଦୀ ନାଳ ଘେରା ଅଞ୍ଚଳ। ଏହି ବ୍ଲକର ବନ୍ଧପଡା , ଓସ୍ତିଆ ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ଜଳବାୟୁ ପରିବର୍ତ୍ତନ ଓ ବନ୍ୟା ଯୋଗୁ ବ୍ରାହ୍ମଣୀ ନଦୀ ପଠା ଖାଇ ଗାଁକୁ ଖାଇବାକୁ ବସିଲାଣି। ନଗଡ ଗାଁର ୨୦ରୁ ଉର୍ଦ୍ଧ ପରିବାରର ଭିଟାମାଟି ବ୍ରାହ୍ମଣୀ ଆଁରେ ଯାଇ ସାରିଛି। ବ୍ରାହ୍ମଣୀ ଆଁରୁ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ୨୦୨୪ -୨୫ ଆର୍ଥିକ ବର୍ଷରେ ୧୮ କୋଟି ଟଙ୍କା ତଟ ସୁରକ୍ଷା ପାଇଁ ସରକାର ଯୋଗାଇ ଦେଇଥିଲେ। ବ୍ରାହ୍ମଣୀ ନଦୀର ଗଜରିଆ ଲୁଣା ଘେରିବନ୍ଧର ସୁରକ୍ଷା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା। ସନ୍ଥପଡା ଠାରୁ ନଗଡ ଯାଏଁ ୧୯୮୦ ମିଟର ଲମ୍ବର ପଥର ପ୍ୟାକିଂ ଓ ଡମ୍ପିଂ ପାଇଁ ଏହି ଅର୍ଥ ଦିଆଯାଇଛି। ବର୍ଷକ ମଧ୍ୟରେ କାମ ସାରିବା ପାଇଁ ଚୁକ୍ତି ହୋଇଥିଲା।

ମାତ୍ର ନଗଡ ଗାଁକୁ ଯିବା ପାଇଁ ଥିବା ପୋଲରେ ପଥର ଗାଡି ଗଲେ ପୋଲ ଭାଙ୍ଗିଯିବ କହି ପଥର ଗଡିକୁ କେତେକ ବ୍ୟକ୍ତି ଅଟକାଇଲେ। ଏପରିକି ପୁଲିସ ମଧ ଘଟଣାସ୍ଥଳରେ ପହଞ୍ଚି ପୋଲ ଉପରେ ଗାଡି ନନେବାକୁ ତାଗିଡା କଲା। କେନାଲରେ ଉପରେ ମାଟି ବନ୍ଧ କରି ପଥର ଗାଡି ନେବାକୁ ପରାମର୍ଶ ଦେଲେ। ଏବେ କେନାଲ ଉପରେ ହୋମ ପାଇପ ପକାଇ ଠିକାଦାର ପଥର ଗାଡି ନେବାକୁ ମାଟି ବନ୍ଧ କରିବା ସମୟରେ କେତେକ ବ୍ୟକ୍ତି କାମ ବନ୍ଦ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ବନ୍ୟା ସମୟରେ ନଦୀ ଯେପରି ଭୟଙ୍କର ରୂପ ଧାରଣ କରୁଛି ଆଉ ଗୋଟିଏ ଦୁଇଟି ବନ୍ୟା ପରେ ନଗଡ ଗାଁ ସମ୍ପୂର୍ଣ ଭାବେ ନଦୀ ଗର୍ଭରେ ଚାଲିଯାଇଥିବ। କେବଳ ନଗଡ ଗ୍ରାମ ନୁହେଁ ସନ୍ଥପଡା , ଗୋବିନ୍ଦପୁର, ଛମାଣିଆ ବନ୍ଧ ମଧ ନଦୀ ଗର୍ଭକୁ ଚାଲିଯିବ। ତୁରନ୍ତ ବ୍ରାହ୍ମଣୀ ନଦୀ କୂଳରେ ପଥର ପ୍ୟାକିଂ ଓ ଡମ୍ପିଂ କାମ ତୁରନ୍ତ କରିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଶ୍ୱବିଦ୍ୟାଳୟ ଘୋଷଣାକୁ ସ୍ୱାଗତ ଓ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ: ଜନମଞ୍ଚ

**ପଟ୍ଟାମୁଣ୍ଡାଇ, ୧୫।୩ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଜିଲ୍ଲାରେ ଉଚ୍ଚ ଶିକ୍ଷାର ଭିତ୍ତିଭୂମି ସୁଦୃଢ କରିବା ପାଇଁ କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏହାକୁ ଜିଲ୍ଲାର ଅଗ୍ରଣୀ ଗଣ ସଂଗଠନ ଜନମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିସହିତ ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ଭିତ୍ତିଭୂମି ସୁଦୃଢ ପାଇଁ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋରଦାର କରିବା ପାଇଁ ଜନମଞ୍ଚର ଏକ ବୈଠକ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରଦୀପ ସାମନ୍ତରାୟ, ସର୍ବେଶ୍ୱର ବାରିକ ଅଭିମନ୍ୟୁ ମଲ୍ଲିକ, ସର୍ବେଶ୍ୱର ସେଠୀ, କାଉନସିଲର ମଳୟ ଓଝା କୃପାସିନ୍ଧୁ ସାମଲ, ବିଭୁ ପ୍ରସାଦ ଦାସ ଅନ୍ତର୍ଯ୍ୟାମୀ ପରିଡା ଶୈଳେନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ନାଥ, ଅମାପ ବିଶ୍ୱାଳ, ସରୋଜ ପଣ୍ଡା, ବୀରେନ୍ଦ୍ର ସାମଲ, ଶରତ ବିଶ୍ୱାଳ, ଅମର ନାଥ ମଲ୍ଲିକ, ବାଦଲ ପରିଡା ପ୍ରମୁଖ ଭାଷଣ ଦେଇ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣାକୁ ସ୍ୱାଗତ କରିବା ସହିତ ଅବିଳମ୍ବେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବୀ କରିଥିଲେ ।

## ସହକର୍ମୀଙ୍କ ମାଡ଼ରେ ଛାତ୍ର ଗୁରୁତର



**ନବରଂଗପୁର/ରାଇଘର, ୧୫।୩ (ସଂଚାର ବ୍ୟୁରୋ):** ଛାତ୍ର ନିବାସ ଭିତରେ ଦୁଇ ଜଣ ଛାତ୍ର ଅନ୍ୟ ଜଣେ ଅନ୍ତେବାସୀକୁ ଲାତ, ଗୋଇଠା ସହ ବିଧା ଚାପୁଡ଼ା ମାରିବା ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓର ସମ୍ପର୍କ ରେ ଖୋଜଖବର ନେବାରୁ ଜଣାପଡିଛି ଏହା ଚଳିତ ମାସ ୮ ତାରିଖ ରବିବାର ଦିନର। ଭିଡିଓଟି ନବରଙ୍ଗପୁର ଜିଲ୍ଲା ରାଇଘର ସଦରର ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଛାତ୍ର ନିବାସର ଦୁଇ ଜଣ ଅଷ୍ଟମ ଶ୍ରେଣୀର ଛାତ୍ର (ଖୁଦରତ ହରିଜନ ଓ ପ୍ରଶାନ୍ତ ହରିଜନ) ନବମ ଶ୍ରେଣୀର ଛାତ୍ର ଦୀପକ ଗଣ୍ଡଙ୍କୁ କୌଣସି କାରଣ ବଶତଃ ଅତି ନିର୍ଦ୍ଦୟ ଭାବେ ମାରିଛନ୍ତି। ଯାହାଫଳରେ ଦୀପକ ଗଣ୍ଡଙ୍କ ପିଠିରେ କ୍ଷତ ସୃଷ୍ଟି ହୋଇଛି। ମାଡ଼ ଏତେ ମାତ୍ରାରେ ହୋଇଛି ରାଇଘର ପ୍ରାଥମିକ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇବାକୁ ପଡିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଆହତ ଛାତ୍ରଙ୍କ ଚିକିତ୍ସା ପରେ ବିଦ୍ୟାଳୟରେ ରଖିଛନ୍ତି। ଛାତ୍ର ନିବାସ ମଧ୍ୟରେ ଏହି ଭଳି ମାରାପିଟ ହେବା ଛାତ୍ର ନିବାସର ପରିଚାଳନାର ଦୁର୍ବଳତା କୁ ପଦାରେ ପକାଉଛି। ଏହି ସମ୍ପର୍କରେ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବରେ ଏମଏନ ହାଇସ୍କୁଲର ସଫଳତା



**ପଟ୍ଟାମୁଣ୍ଡାଇ, ୧୫।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବରେ ପଟ୍ଟାମୁଣ୍ଡାଇ ଅଂଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ ଏନ ହାଇସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରି ରାଜ୍ୟ ସ୍ତରକୁ ମନୋନୀତ ହେବା ସହିତ ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି । ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଆୟୋଜିତ ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବରେ ଜିଲ୍ଲାର ୧୧ଟି ହାଇସ୍କୁଲ ଯୋଗ ଦେଇଥିଲେ । ଏମ ଏନ ହାଇସ୍କୁଲର ୪୦ଜଣ ପିଲା ବିଭିନ୍ନ ବିଭାଗରେ ଭାଗ ନେଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ପୌରହିତ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ପିଏମ ଶ୍ରୀ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପି ଏମ ଶ୍ରୀ ଏମ ଏନ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ସହକାରୀ ଶିକ୍ଷକ ସରୋଜ ସ୍ୱାଇଁ, ଅଶୋକ ଦାଶ,ତାପସ ବେହେରା, ଅନିତା ଧଳ,ଶଶାଙ୍କଶେଖର ସାହୁ ଅଭିଷେକ ନାୟକ,ବିନୋଦ ନାଥ ବିନୋଦ ଜେନା,ଗୋମତୀ ସ୍ୱାଇଁ ଜ୍ୟୋତିଲକ୍ଷ୍ମୀ ବେହେରା, ଶାଶ୍ୱତୀ ଶୁଭଦର୍ଶନୀ ସାହୁ, ରଶ୍ମିତା ତରାଇ,ତପସ୍ୱିନୀ ମଲ୍ଲିକ ମାର୍ଗ ଦର୍ଶନ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଛି ।

## ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ବେତନଟୀରେ ସ୍ୱାଗତ



**ବେତନଟୀ, ୧୫।୩ (ସଂଚାର ବ୍ୟୁରୋ):** ବଳାଙ୍ଗୀ ମହୋତ୍ସବ କମିଟିର ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ଆଜି ମଧାହ୍ନରେ ବେତନଟୀରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ପ୍ରଥମେ ରଥକୁ ବଜାର ପରିକ୍ରମା କରାଯାଇଥିଲା। ଏହାପରେ ବେତନଟୀ ଡାକ ବଙ୍ଗଳାଠାରେ ନିକଟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବେତନଟୀ ବ୍ଲକ୍ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କର ସ୍ମୃତିଚାରଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଘର ଅଧକ୍ଷ ଅଜୟ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବେତନଟୀ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ, ମହିଳା ସଂଗଠନର ସଭାପତି ସଂଯୁକ୍ତା ଜୀ, କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷା ଡ. ମନ୍ଦାକିନୀ ସାହୁ, ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ଡ. ରମାକାନ୍ତ ମହାନ୍ତ, କଇଁଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## କୁଳଡିହା ବନ ବିଭାଗ ପକ୍ଷରୁ ପ୍ରକୃତି ପରିଚୟ ଅଭିଯାନ କାର୍ଯ୍ୟକ୍ରମ



**ନୀଳଗିରି, ୧୫।୩ (ସଂଚାର ବ୍ୟୁରୋ):** କୁଳଡିହା ବନ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ ବେହେରାଙ୍କ ନେତୃତ୍ୱ ରେ ଜଙ୍ଗଲରେ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ଏକ ସଚେତନତା ବାଇକ ରାଲି ବନକର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ କୁଳଡିହା ପାଦଦେଶ ରେ ଥିବା ତେଣ୍ଡା, ଭୁଟାସିମୁଳି, ଟିଆକଟା, ଆମ୍ବଝର, ଚେକାମରା, ଭାଲୁକାଶୁଣି, ସଜନାଗଡ, ବାଲିଚୁଆ, ବାଲିଆନାଳ ସମେତ ୧୪ ଟି ଗ୍ରାମରେ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଫରେଷ୍ଟର ହୃଷିକେଶ ପ୍ରଧାନ, ଜୟନ୍ତ ପ୍ରଧାନ, ସୌମ୍ୟରଞ୍ଜନ ମାଝୀ, ବିଜୟ ସାହୁ, ଅଜୟ ଜେନା, ସରୋଜ ପ୍ରଧାନ, ସବୁଜବାହିନୀ ସହିତ ଅନ୍ୟ ବନ କର୍ମଚାରୀ, ବନମାଳୀ ବିଶ୍ୱାଳ , ରତିକାନ୍ତ ବେହେରା ପ୍ରମୁଖ ବହୁ ସ୍ଥାନୀୟ ବାସିନ୍ଦା ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

## ବେଆଇନ ବାଲି ଉତ୍ତୋଳନ ବେଳେ ୪ ଟ୍ରାକ୍ଟର, ଗୋଟିଏ ଜେସିବି ସହିତ ୩ ଅଟକ

**ବାଲିଆପାଳ, ୧୫।୩ (ସଂଚାର ବ୍ୟୁରୋ):** ବେଆଇନ ବାଲି ଚାଲାଣ ରୋକିବା ପାଂଇ ଆକ୍ସନ ମୁଡ୍ ରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ, ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀପଠାର ବାଲିଆପାଳ ତହସିଲର ଗୁହାଳପାଳ ଓ ଜଳେଶ୍ୱର ତହସିଲର କଣ୍ଟାପାଳ ମୌଜାରେ ଗଢି ଉଠିଥିବା ଚୋରା ବାଲି ଆଡ୍ଡା ଉପରେ ଚଢ଼ଉ କରି ଚଢଉ କରି ୪ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ଜବତ କରିଛନ୍ତି। ଏହି ଠାରେ ବେଆଇନ ଭାବରେ ବାଲି ଗଚ୍ଛିତ କରି ଚୋରା ଚାଲାଣ ହେଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଚାନକ ଚଢଉ କରାଯାଇଥିଲା। ବାଲେଶ୍ୱର ଅତରିକ୍ତ ଏସପି ତତ୍ତ୍ୱାବଧାନରେ ବସ୍ତା ଏସଡିପିଓ ମାନସ ଦେ, ଏବଂ ଡ଼ିଆଇଜିଙ୍କ ନେତୃତ୍ୱରେ ଦଶ ଜଣିଆ ଟିମ ପୁଲିସ ଫୋର୍ସ ଚଢ଼ଉରେ ସାମିଲ ହୋଇଥିଲେ। ତେବେ ଏହି ବେଆଇନ ବାଲି ସୌମ୍ୟଦୀପ ଚକ୍ରବର୍ତ୍ତୀଙ୍କର ବୋଲି ଜଣାଯାଇଛି। ଏଠାରେ ୧୦,୦୦୦୦ ସିଏମରୁ ଉର୍ଦ୍ଧ୍ୱ ବାଲି ମହଜୁଦ ରହିଛି। ସୂଚନାଯୋଗ୍ୟ ଏହି ବାଲି ମାଫିଆ ଜଣଙ୍କ ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶ କରି ପ୍ରତିଦିନ ଶହ ଶହ ଟ୍ରିପ ବାଲି ଉଠାଇ ପଡୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିଲା। ତେବେ ଜିଲ୍ଲା ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ବାଲିଆପାଳ ବ୍ଲକରେ ଗଢ଼ି ଉଠିଥିବା ଏକାଧିକ ବେଆଇନ ଇଟାଭାଟି ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତା ଉପରେ ସମସ୍ତଙ୍କ ନଜର ରହିଛି।




## ବାସ୍ତବଧର୍ମୀ ଅଭିନେତା ଦେବାନନ୍ଦ

**ଭୁବନେଶ୍ୱର, ୧୫।୩ (ସଂଚାର ବ୍ୟୁରୋ):** ଓଡିଆ ମଞ୍ଚ ନାଟକ, ଚଳଚ୍ଚିତ୍ର ଓ ୱେବ୍ ସିରିଜ୍ ରେ ଏବେ ଦେଖିବାକୁ ମିଳୁଛି ବାସ୍ତବଧର୍ମୀ ଅଭିନୟ। ଏହା କେବଳ ସମ୍ଭବ ହେଇଛି କିଛି ତାଲିମ ପ୍ରାପ୍ତ ଅଭିନେତା ଙ୍କ ପାଇଁ।ସେହିପରି ଜଣେ ଅଭିନେତା ହେଉଛନ୍ତି ଦେବାନନ୍ଦ ନାୟକ ସୋନୀ,ଯିଏକି ଅଦ୍ୟାବଧି ତିନି ଗୋଟି ଓ୍ୱେବ୍ ସିରିଜ୍ ରେ ନିଜର ନିୟନ୍ତ୍ରିତ ବାସ୍ତବ ଧର୍ମୀ ଅଭିନୟ ପାଇଁ ବେଶ୍ ଚର୍ଚ୍ଚାର ପରିଧି ଭିତରକୁ ଆସିପାରିଛନ୍ତି। ପ୍ରଥମେ ସେ କଞ୍ଚାଲଙ୍କା ପୋର୍ଟାଲରେ ସିରିଜ୍, ଭୁବନେଶ୍ୱର ନାଇଟ୍ସରେ ନଜରକୁ ଆସିଥିଲେ ଏକ ଭୁମିହୀନ, ବାସହରା ଚରିତ୍ରର ଭୂମିକାରେ, ଯିଏ ନିଜର ପରିବାର ଧରି, ଭୁବନେଶ୍ୱର ସହରରେ ଖୋଜୁଛି ଏକ ଭୂମି, ଯୋଉଠି ସିଏ ଚାଳିଆ ଖଣ୍ଡେ କରି ରହିଲେ,କେହି ଭାଙ୍ଗିବାକୁ ଆସିବେନି। ଏହି ଚରିତ୍ର ଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଛି କେବଳ ଦେବାନନ୍ଦଙ୍କ ଅଭିନୟ ଦକ୍ଷତା ପାଇଁ। ପୁନଶ୍ଚ ତାଙ୍କୁ ଦର୍ଶକ ଦେଖିବାକୁ ପାଇଲେ, ଗ୍ୟାଙ୍ଗସ ଅଫ୍ ପୁରୀ ସିରିଜ୍ ମାଧ୍ୟମରେ।ଏଥିରେ ସେ ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ଲାଗିଲେ,ଏକ ବ୍ରହ୍ମପୁରୀ ଖଳ ବ୍ୟବସାୟୀ ଚରିତ୍ରରେ। ଆନ୍ନା ଭୂମିକା ରେ ଅଭିନୟ କରି ସେ ଦର୍ଶକଙ୍କ ପାଇଁ ମନୋରଞ୍ଜନ ର ଏକ ଭିନ୍ନ ସ୍ତର ସୃଷ୍ଟି କରିବାରେ ସଫଳ ହେଇଛନ୍ତି। ଆଜି ଆମ ଓଡିଆ ୱେବ୍ ସିରିଜକୁ ଜାତୀୟ ସ୍ତରରେ ବି ଦର୍ଶକ ପସନ୍ଦ କଲେଣି। ଏଇ ଏବେ, ତରଙ୍ଗ ପ୍ଲସ୍‌ରେ, ଅଶୋକ କୁମାର ସିରିଜ୍‌ରେ ପୁଣି ଥରେ ଦେଖିବାକୁ ମିଳୁଛି ଦେବାନନ୍ଦ ନାୟକ ସୋନୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ। ଏହି ସିରିଜ୍‌ରେ ସେ ଏକ ମୁଖ୍ୟ ଚରିତ୍ର, ଏକ ଥାନାର ହେଡ୍ କନେଷ୍ଟବଳ ପ୍ରଫୁଲ୍ଲ ବାବୁ ଭୂମିକା ରେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି। ଅଭିନୟ ଶୈଳୀ,ଦକ୍ଷତା ଓ ପରିପକ୍ୱତା ପାଇଁ ଦେବାନନ୍ଦ ସୋନି ଆଜି ନିର୍ଦ୍ଦେଶକ ଏବଂ ପ୍ରଯୋଜକ ମାନଙ୍କର ନଜରରେ ମଧ ରହିଛନ୍ତି।

## ନାରାୟଣୀ ଠାକୁରାଣୀ ଯାତ୍ରା କମିଟି ଗଠନକୁ ନେଇ ରାଜନୀତି



**ଫୁଲବାଣୀ, ୧୫।୩ (ସଂଚାର ବ୍ୟୁରୋ):** ଫୁଲବାଣୀ ପ୍ରସିଦ୍ଧ ନାରାୟଣୀ ଠାକୁରାଣୀ ଯାତ୍ରା ଏକ ପଞ୍ଜିକୃତ କମିଟି ଦ୍ୱାରା ପରିଚାଳିତ ହୁଏ । ଦୁଇ ବର୍ଷ ବ୍ୟବଧାନରେ ଏହି ମା'ଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଉକ୍ତ ଯାତ୍ରା କାଳ କ୍ରମେ ଦକ୍ଷିଣ ଓଡ଼ିଶାର ଏକ ବଡ ଯାତ୍ରାର ମାନ୍ୟତା ପାଇ ପାରିଛି । ଗତ କିଛିବର୍ଷ ଏହି ମା' ନାରାୟଣୀଙ୍କ ଯାତ୍ରାରେ ପ୍ରାୟ ଏକ କୋଟି ଟଙ୍କାରୁ ଅଧିକ ଟଙ୍କା ଯାତ୍ରାରେ ଖର୍ଚ୍ଚ ହେଉଥିବା ବିଗତ କମିଟିମାନଙ୍କ ସୂଚନାରୁ ଜଣାପଡିଛି । କିନ୍ତୁ ଆୟ ବ୍ୟୟର ସ୍ୱଚ୍ଛତା ଉପରେ ମଧ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଯାତ୍ରା ବାହାନାରେ କମିଟିର ମୁଷ୍ଟିମେୟ, ବ୍ୟବସାୟୀ ମାନେ ଜମି ନିଜ ନାମରେ ଅକ୍ତିଆର କରି ଦୋକାନ ଘର ଗୁଡିକରୁ ନିଜ ପକେଟ କୁ ନେଇଥାନ୍ତି। ତେଣୁ ଧୀରେ ଧୀରେ ଜମି ସବୁ ସଙ୍କୁଚିତ ହେବାରେ ଲାଗିଛି। ଏଣୁ ଭକ୍ତମାନେ ଯାତ୍ରାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଯାତ୍ରାରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ ହେଉଥିବା ଓ ପ୍ରାୟ ଏକ ମାସ ଧରି ଏହି ଯାତ୍ରା ଚାଲୁଥିବାବେଳେ, ଏହାର ଅର୍ଥନୈତିକ ସ୍ୱଚ୍ଛତା ପ୍ରତି ପ୍ରଶାସନର ଉଦାସୀନତା ଅନୁଭବ ହେଉଛି । କିଛି ଦୃଢ଼ ପଦକ୍ଷେପ ନିଆଯାଉନଥିବା ବେଳେ ନିୟନ୍ତ୍ରଣ ବାହାରେ ଯାତ୍ରା ଚାଲୁଥିବା ନେଇ ଅଭିଯୋଗ ମଧ ଉଠୁଛି।

କିଛି କଠୋର ରାଜନୀତି, ମୁଷ୍ଟିମେୟ। ଗୋଷ୍ଠୀଙ୍କ ଆଗ୍ରହରେ ଏହି ଯାତ୍ରା ଚାଲୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ପ୍ରତ୍ୟେକ ସ୍ତରରୁ ଓ ପ୍ରତ୍ୟେକ ମହଲରୁ ସମର୍ଥ୍ୟତ କମିଟି ହେଉନଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି। ଯାତ୍ରାର ହିସାବ ଆୟବ୍ୟୟ ବ୍ୟବସ୍ଥା ମଧ୍ୟରେ ରହୁନଥିବା ଓ ଉପକମିଟି ଗୁଡାକୁ ଗୁରୁତ୍ୱ ଦିଆଯାଉନଥିବା ଅର୍ଥ ବ୍ୟବସ୍ଥାକୁ ମଧ ଦାୟିତ୍ୱହୀନ, ଅପାରଗ ବ୍ୟକ୍ତିଙ୍କୁ ଦେବାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି । ଏହା ଏକ ପଞ୍ଜୀକୃତ କମିଟି ହେଲେ ମଧ ଅଡିଟ ରିପୋର୍ଟ ଠିକ ଭାବେ ପ୍ରଦାନ କରାଯାଉନଥିବା, ନିଜ ମନମାନୀରେ ଯାତ୍ରାକୁ ପରିଚାଳନା କରାଯାଉଥିବା ଜନସାଧାରଣଙ୍କ ଅର୍ଥରେ ଯାତ୍ରା ହେଉଥିଲେ ମଧ ସେହି ଅର୍ଥର ବିନିଯୋଗ ନେଇ ଜନସାଧାରଣଙ୍କୁ ସନ୍ତୋଷଜନକ ରିପୋର୍ଟ ପ୍ରଦାନ କରାଯାଉନଥିବା ଅସନ୍ତୋଷ ବଢ଼ିବାରେ ଲାଗିଛି। ଜନସାଧାରଣଙ୍କ ଏହି ପୁଞ୍ଜିଭୂତ ଅସନ୍ତୋଷ କିଛି ବିସ୍ଫୋରକ ରୂପ ନେବା ପୂର୍ବରୁ ହସ୍ତକ୍ଷେପ କରି କମିଟିରେ କିଭଳି ସବୁ ସ୍ତରର ଲୋକଙ୍କ ସହଭାଗୀତ ରହିବ ଓ କମିଟିରେ ନୂଆ ବ୍ୟକ୍ତି କିଭଳି ନେତୃତ୍ୱ ନେଇପାରିବେ ଏଥିପ୍ରତି ଗୁରୁତ୍ୱକୁ ଜିଲ୍ଲା ପ୍ରଶାସନିକ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

### ଜିଗ୍ନୀପୁର ବିସିଏ କପ୍-୨୦୨୬ ଉଦ୍ଯାପିତ

## କ୍ରୀଡ଼ା ଦ୍ୱାରା ଉତ୍ତମ ଭବିଷ୍ୟତ ଗଠନ ସମ୍ଭବ: ପ୍ରତାପ

**ନିଶ୍ଚିନ୍ତକୋଇଲି, ୧୫।୩ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ଖେଳପଡ଼ିଆରେ ବଳଦେବଜୀଉ କ୍ରିକେଟ ଆସୋସିଏସନ ଜିଗ୍ନୀପୁର ଆନୁକୂଲ୍ୟରେ ବିସିଏ କପ୍ - ୨୦୨୬ ଅନୁଷ୍ଠିତ ହୋଇଯାଇଛି। ୧୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମ୍ୟାଚ୍‌ରେ ୨ପର୍ଯ୍ୟାୟରେ ୩୨ଗୋଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ଆଜିର ଉଦ୍ଯାପନୀ ମ୍ୟାଚରେ ରାଇଜିଂ ସ୍ପୋର୍ଟ ଗୋଡରା କ୍ରିକେଟ୍ ଟିମ୍ କଟିକଟା କ୍ରିକେଟ୍ ଟିମ୍ ହରାଇଥିବା ବେଳେ ବରକୋଳିଆ କ୍ରିକେଟ୍ ଟିମ୍ ମଲ୍ଲିପୁର କ୍ରିକେଟ୍ ଟିମ୍‌କୁ ହରାଇଥିଲା।




ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଜେନା, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ମେଘା ଧାରାବାହିକ ଅଭିନେତ୍ରୀ ଟିକି ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାଚ୍ ପରିଚାଳନାରେ ରମାକାନ୍ତ ପରିଡ଼ା, ଅଭୟ କୁମାର ସାହୁ, ଜ୍ୟୋତିରଞ୍ଜନ ସ୍ୱାଇଁ, ମନୋଜ କୁମାର ଘଡ଼େଇ, ଅଶୋକ ରାଉତ, ନିତ୍ୟାନନ୍ଦ ସ୍ୱାଇଁ, ସୁବାଶିଷ ବେହେରା ପ୍ରମୁଖଙ୍କ ସମେତ ବିସିଏ କ୍ରିକେଟ କ୍ଲବର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ମୁଖ୍ୟଅତିଥି ଶ୍ରୀଯୁକ୍ତ ଜେନାଙ୍କ ସହିତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ମନୋଜ ସେଠୀ, ଜିଲ୍ଲାପରିଷଦ ସଭ୍ୟ ବିପ୍ଲବ କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ, ସମିତିସଭ୍ୟ ପ୍ରଦୋଷ ସାହୁ, ସରପଞ୍ଚ ଜୟଦେବ ରାଉତଙ୍କ ସମେତ ବହୁ ବିଜେଡ଼ି କର୍ମୀମାନେ ଯୋଗ ଦେଇଥିଲେ।

## ଆନ୍ତର୍ଜାତିକ ମହିଳା ଦିବସ

**ବାଲିଆପାଳ, ୧୫।୩ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜନନୀ ପରିବାର ମହିଳା ସଂଗଠନ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଂଗଠନର ସଭାପତି ଆଇନଜୀବି ଜ୍ୟୋତ୍ସ୍ନା ରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବସ୍ତା ଏସଡିପିଓ ମାନସ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ମାନେ ଶିକ୍ଷିତ, ସ୍ୱାବଲମ୍ବୀ ହୋଇ ନିଜର ଅଧିକାରକୁ ସାବ୍ୟସ୍ତ କରି ସମାଜରେ ବଞ୍ଚିବା ଏବଂ ଅନ୍ୟ ମାନଙ୍କ ପାଖରେ ପ୍ରେରଣାର ଉତ୍ସ ସାଜିବାର ଆବଶ୍ୟକତା ରହିଛି ବୋଲି କରିଥିଲେ।

ମୁଖ୍ୟ ବକ୍ତା ଭାବେ ସମାଜସେବୀ ସତ୍ୟକାମ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାଲିଆପାଳ ଥାନାରେ ସବ୍‌ଇନ୍ସପେକ୍ଟର ଶୁଭସ୍ମିତା ପାଲ୍, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସନ୍ୟାସୀ ବେହେରା ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ରାହ୍ଵ ସଂଗଠନର ମୁଖ୍ୟ ଆରତୀ ପାତ୍ର, ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, ବରିଷ୍ଠ ସଦସ୍ୟା ବିଷ୍ଣୁପ୍ରୀୟା ମହାପାତ୍ର ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ମହିଳା ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ ସଂଗଠନର ସକ୍ରିୟ ସଦସ୍ୟା ସ୍ନେହଲତା ବେହେରା କରିଥିବା ବେଳେ ସଦସ୍ୟା ସୁଭଦ୍ରା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

SANCHAR ସଂଚାର ସୋମବାର ୧୬ ମାର୍ଚ୍ଚ ୨୦୨୬

# ସ୍ୱାସ୍ଥ୍ୟ




# ତରଭୁଜ ମଞ୍ଜିରୁ ମିଳିଥାଏ ଅନେକ ଫାଇଦା



୬ଟି ଋତୁରେ ଭିନ୍ନ ଭିନ୍ନ ଫଳମୂଳ, ପନିପରିବା ମିଳିଥାଏ। ଋତୁ ହିସାବରେ ମିଳୁଥିବା ଖାଦ୍ୟ ଖାଇବା ଉଚିତ୍। କାହିଁକିନା ଏହି ସବୁ ଜିନିଷ ଆମକୁ ସଠିକ୍ ମାତ୍ରାର ପୋଷକ ତତ୍ତ୍ୱଯୋଗାଇଥାଏ। ଯାହା ଫଳରେ ଆମେ ସୁସ୍ଥ ରହିଥାଉ। ଆମ ସୁସ୍ଥ ଶରୀର ଗଠନ ପାଇଁ ଆମକୁ ପ୍ରତ୍ୟେକ ଖାଦ୍ୟର ଆବଶ୍ୟକତା ରହିଛି। ଏମିତି କିଛି ଜିନିଷ ଥାଏ ଯାହା କେବଳ ନିର୍ଦ୍ଦିଷ୍ଟ ସମୟରେ ହିଁ ମିଳିଥାଏ। ସେହି ସବୁ ମଧ୍ୟରୁ ତରଭୁଜ ହେଉଛି ଅନ୍ୟତମ। ଧୀରେ ଧୀରେ ଖରାର ପ୍ରକୋପ ଆରମ୍ଭ ହେଲାଣି। ଖରା ବଢ଼ିବା ସହିତ ତରଭୁଜ କିଣିବାକୁ ଦୋକାନରେ ଭିଡ଼ ମଧ୍ୟ ଲାଗିବା ଆରମ୍ଭ ହୋଇଗଲାଣି। ଅଧିକାଂଶ ଲୋକ ତରଭୁଜ ଖାଇବାକୁ ଖୁବ୍ ପସନ୍ଦ କରିଥାଆନ୍ତି। ଏହା କେବଳ ସ୍ୱାଦିଷ୍ଟ ହୋଇନଥାଏ ବରଂ ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ ହୋଇଥାଏ। ଯାହା ଆମକୁ ଅନେକ ରୋଗରୁ ରକ୍ଷା କରିଥାଏ। ସାଧାରଣତଃ ଖରାଦିନେ ଆମେ ଦୁର୍ବଳ ଅନୁଭବ କରିଥାଉ। କିନ୍ତୁ ତରଭୁଜ ଖାଇବା ଦ୍ୱାରା ଆମକୁ ଏନର୍ଜି ମିଳିଥାଏ। ଡିହାଇଡ୍ରେସନ୍ ଭଳି ସମସ୍ୟାରେ ମଧ୍ୟ ସୁଧାର ଆଣିଥାଏ।

ଏତିକି ନୁହେଁ ଖରାଦିନେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଥଣ୍ଡା ରଖିଥାଏ। ଏଥିରେ ୯୬ ପ୍ରତିଶତ ପାଣି ରହିଥାଏ। ଏହା ଛଡ଼ା ଏଥିରେ ରହିଥିବା ପୋଷକ ଏବଂ ପାଣି ଭୋକ ଆଉ ଶୋଷ ଉଭୟକୁ ମେଣ୍ଟାଇଥାଏ। ଶରୀରକୁ ତାତିରୁ ରକ୍ଷା କରିବା ପାଇଁ ଏହାକୁ ଖାଇବା ଦରକାର। ତରଭୁଜରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ, ବି, ସି ସହ ଆଇରନ୍, ମ୍ୟାଗ୍ନେସିୟମ୍ ଏବଂ ପଟାସିୟମ୍ ରହିଥାଏ। ଯାହା ପାଟିକୁ ସୁଆଦ ଲାଗିବା ସହ ଖରା ପ୍ରକୋପରୁ ମଧ୍ୟ ଆଶ୍ୱସ୍ତି ଦେଇଥାଏ। ସାଧାରଣତଃ ତରଭୁଜ ଖାଇବା ପରେ ତା'ର ମଞ୍ଜିକୁ ଆମେ ଫିଙ୍ଗି ଦେଇଥାଉ। ହେଲେ ତରଭୁଜ ଭଳି ଏହାର ମଞ୍ଜି ମଧ୍ୟ ଶରୀର ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଯାହା ଖାଇବା ଦ୍ୱାରା ଅନେକ ରୋଗରୁ ରକ୍ଷା ମିଳିଥାଏ। ତେବେ ଆସନ୍ତୁ ଏହାର ଉପକାରୀ ଗୁଣ ସମ୍ପର୍କରେ ଜାଣିବା।

ତରଭୁଜ ମଞ୍ଜି ହେଉଛି ମୋନୋ ଅନସ୍ୟାଚୁରେଟେଡ଼ ଓ ପଲି ଅନସେଚୁରେଟେଡ଼ ଫ୍ୟାଟି ଏସିଡ଼ର ଏକ ଭଲ ଉତ୍ସ। ଏହା ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି ଇଂଫ୍ଲେମେଟୋରୀ ଏଜେଣ୍ଟ ରୂପେ କାମ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମର ମାତ୍ରା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ତରଭୁଜ ମଞ୍ଜିରେ ମାଇକ୍ରୋ ନିଉଟ୍ରିଏଣ୍ଟ୍ସ, ଆଇରନ , ଜିଙ୍କ, ପ୍ରୋଟିନ୍ ଓ ଫାଇବର ଭରପୂର ମାତ୍ରାରେ ରହିଥାଏ। ସୁସ୍ଥ ରହିବା ପାଇଁ ଖାଦ୍ୟରେ ଏସବୁ ଜିନିଷ ରହିବା ନିହାତି ଜରୁରୀ। ତରଭୁଜ ମଞ୍ଜିରେ କମ୍ କ୍ୟାଲୋରୀ ଥିବା ହେତୁ ଏହାର ସେବନ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ହୋଇଥାଏ। ତରଭୁଜ ମଞ୍ଜିରେ ୦.୨୯ ଗ୍ରାମ୍ ଆଇରନ୍ ଥାଏ ଯାହା ଆମ ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ। ଗର୍ଭବତୀ ମହିଳାଙ୍କ ପାଇଁ ତରଭୁଜ ମଞ୍ଜି ଅତ୍ୟନ୍ତ ଉପକାରୀ ହୋଇଥାଏ। ଏହା ଖାଇବା ଦ୍ୱାରା ଉଭୟ ମାଆ ଓ ଛୁଆକୁ ସୁସ୍ଥ ରହିଥାଆନ୍ତି। ଏହାର ଫାଇଦା ସମ୍ପର୍କରେ ଆମେ ଆଜି ଆପଣଙ୍କୁ ଜଣାଇବୁ।

**ଚର୍ମକୁ ସୁସ୍ଥ ରଖେ:** ତରଭୁଜ ମଞ୍ଜିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ, ମ୍ୟାଗ୍ନେସିୟମ ଇତ୍ୟାଦି ଭରପୂର ମାତ୍ରାରେ ଥିବାରୁ ଚର୍ମକୁ ସଫା କରିବାରେ ସାହାଯ୍ୟ କରିଥାଏ। ମୁହଁରୁ କଳା ଦାଗ ଓ ବ୍ରଣ ଆଦି ହଟାଇବା ପାଇଁ ମଧ୍ୟ ଏହା ପ୍ରଭାବଶାଳୀ। ବୟସ ପୂର୍ବରୁ ବୃଦ୍ଧାବସ୍ଥାକୁ ଏହା ଦୂର କରିଥାଏ। ଶୁଷ୍କ ଚର୍ମ ପାଇଁ ଆପଣ ଏହାକୁ ବ୍ୟବହାର କରି ପାରିବେ। ତରଭୁଜ ମଞ୍ଜି ଆପଣଙ୍କ ପାଇଁ ଏକ ମଏଶ୍ଚରାଇଜର ଭାବେ ମଧ୍ୟ କାର୍ଯ୍ୟକାରୀ କରିଥାଏ।

**କେଶକୁ ମଜବୁତ କରେ:** କେଶକୁ ସୁସ୍ଥ ରଖିବା ପାଇଁ ଚାହୁଁଥିଲେ ଆପଣ ତରଭୁଜ ମଞ୍ଜିର ବ୍ୟବହାର କରିପାରିବେ। ତରଭୁଜ ମଞ୍ଜିରେ ପ୍ରୋଟିନ୍, ଆଇରନ୍, ମ୍ୟାଗ୍ନେସିୟମ୍, ଜିଙ୍କ, ଓ କପରରେ ପରିପୂର୍ଣ୍ଣ ଥିବାରୁ ଏହା କେଶକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା କେଶକୁ ମଜବୁତ କରିବା ସହ ଘନତ୍ୱକୁ ମଧ୍ୟ ବଢ଼ାଇଥାଏ। କେଶ ଝଡ଼ିବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।

**ହାର୍ଟକୁ ସୁସ୍ଥ ରଖେ:** ତରଭୁଜ ମଞ୍ଜି ହାର୍ଟକୁ ଅନେକ ଉପାୟରେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏଥିରେ ଥିବା ମୋନୋଅନସ୍ୟାଚୁରେଟେଡ଼ ଓ ପଲିଅନସେଚୁରେଟେଡ଼ ଫ୍ୟାଟି ଏସିଡ଼ ଯାହା ହାର୍ଟ ଷ୍ଟ୍ରୋକ ଭଳି ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରେ। ଏହି ମଞ୍ଜିରେ ଅଧିକ ପରିମାଣର ମ୍ୟାଗ୍ନେସିୟମ୍ ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ। ହାର୍ଟରେ ଥିବା କ୍ୟାଲସିୟମର ଗତିକୁ ମଧ୍ୟ ଏହା ନିୟନ୍ତ୍ରଣ କରିଥାଏ।

**ରକ୍ତରେ ଶର୍କରାର ସ୍ତର କମାଏ:** ଅନିୟନ୍ତ୍ରିତ ବ୍ଲଡ଼ ସୁଗାର ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ତରଭୁଜ ମଞ୍ଜି ଏକ ସଞ୍ଜିବନୀ ପରି କାମ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମ ,କାର୍ବୋହାଇଡ୍ରେଟ ର ମେଟାବୋଲିଜିମ୍ ନିୟନ୍ତ୍ରଣ କରି ରଖିଥାଏ। ଏହାଦ୍ୱାରା ରକ୍ତରେ ଶର୍କରା ପରିମାଣ ବୃଦ୍ଧି ହୋଇନଥାଏ।

**ଶ୍ୱାସ ରୋଗ କମାଏ:** ତରଭୁଜ ମଞ୍ଜିରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଛି। ଯାହା ଶ୍ୱାସରୋଗ ବା ଆସ୍ଥମା ରୋଗୀଙ୍କ ପାଇଁ ଅତ୍ୟନ୍ତ ଲାଭ ଦାୟକ ହୋଇଥାଏ। ଭିଟାମିନ୍ ସି ଏକ ଶକ୍ତିଶାଳୀ ଡାଏଟାରୀ ଆଣ୍ଟିଅକ୍ସିଡାଣ୍ଟ ଯାହା ଆସ୍ଥମାର ପ୍ରଭାବ ଧିରେ ଧିରେ ଶରୀରରୁ କମାଇ ଥାଏ। ଶ୍ୱାସ ରୋଗକୁ କମାଇବା ପାଇଁ ତରଭୂଜ ମଞ୍ଜିର ବ୍ୟବହାରକୁ ନେଇ ଡାକ୍ତରମୋନେ ପରାମର୍ଶ ଦେଉଛନ୍ତି। ତେଣୁ ଆପଣମାନେ ତରଭୁଜ ନଖାଇ ଏହାର ମଞ୍ଜି ଖାଇବାକୁ ଚେଷ୍ଟା କରନ୍ତୁ।

# କେମିତି ବଢ଼ିବ ପିଲାଙ୍କ ସ୍ମରଣ ଶକ୍ତି

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ପ୍ରତ୍ୟେକ ପିତାମାତା ଚାହାଁନ୍ତି ଯେ ତାଙ୍କ ପିଲା ଶ୍ରେଣୀରେ ଭଲ କରୁ ଜିନିଷ ଗୁଡ଼ିକୁ ଶୀଘ୍ର ମନେ ରଖୁ ଏବଂ ପରୀକ୍ଷା ସମୟରେ ଆତ୍ମବିଶ୍ୱାସୀ ହେଉ। କିନ୍ତୁ କେତେକ ସମୟରେ, ସେମାନେ ଯେତେ କଠିନ ପରିଶ୍ରମ କଲେ ମଧ୍ୟ, ପିଲାମାନେ ଜିନିଷ ଗୁଡ଼ିକୁ ମନେ ରଖିବା ପାଇଁ ସଂଘର୍ଷ କରନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ପିଲା ଦୁର୍ବଳ, ବରଂ ସେମାନଙ୍କ ମସ୍ତିଷ୍କକୁ ଉପଯୁକ୍ତ ତାଲିମ ଆବଶ୍ୟକ। ସ୍ୱାସ୍ଥ୍ୟକର ଖାଦ୍ୟ ମସ୍ତିଷ୍କ ପାଇଁ ଇନ୍ଧନ ପରି ହୋଇଥାଏ। ପିଲାମାନଙ୍କ ମସ୍ତିଷ୍କକୁ ସକ୍ରିୟ ରଖିବା ପାଇଁ ଏକ ସନ୍ତୁଳିତ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଖାଦ୍ୟରେ ଶୁଖିଲା ଫଳ, ଅଣ୍ଡା, ମାଛ, ସବୁଜ ପନିପରିବା, ଫଳ ଏବଂ କ୍ଷୀର ପରି ଖାଦ୍ୟ ସାମିଲ କରନ୍ତୁ। ଏହି ଖାଦ୍ୟରେ ଉପସ୍ଥିତ ଓମେଗା-୩ ଫ୍ୟାଟି



ଏସିଡ଼, ପ୍ରୋଟିନ ଏବଂ ଲୌହ ମସ୍ତିଷ୍କ କୋଷଗୁଡ଼ିକୁ ମଜବୁତ କରେ ଏବଂ ସ୍ମୃତିକୁ ବୃଦ୍ଧି କରେ। ପ୍ରତିଦିନ ସକାଳେ ଭିଜା ବାଦାମ ଦେବା ପିଲାମାନଙ୍କ ସ୍ମୃତିଶକ୍ତି ପାଇଁ ଲାଭଦାୟକ। ନିଦ୍ରା ଅଭାବ ପିଲାମାନଙ୍କର ଏକାଗ୍ରତା ଏବଂ ସ୍ମୃତିକୁ ହ୍ରାସ କରେ। ସ୍କୁଲ ବୟସର ପିଲାମାନେ ଅତି କମରେ ୮ରୁ ୧୦ ଘଣ୍ଟା ଶୋଇବା ଉଚିତ। ଯେତେବେଳେ ସେମାନେ ପର୍ଯ୍ୟାପ୍ତ ନିଦ ପାଆନ୍ତି, ମସ୍ତିଷ୍କ ଦିନସାରା ଶିଖିଥିବା ଜିନିଷଗୁଡ଼ିକୁ ସଂଗଠିତ କରେ ଏବଂ ସ୍ମୃତିଶକ୍ତିକୁ ଉନ୍ନତ କରେ। ପ୍ରତିଦିନ ସଂଶୋଧନ କରିବାକୁ ଶିଖନ୍ତୁ।

ପ୍ରତିଦିନ ୧୦ ମିନିଟ ପାଇଁ ସେମାନେ ଅଧ୍ୟୟନ କରିଥିବା ପାଠଗୁଡ଼ିକୁ ସଂଶୋଧନ କରିବାର ଅଭ୍ୟାସ କରନ୍ତୁ। ଏହା ମସ୍ତିଷ୍କର ଦୀର୍ଘକାଳୀନ ସ୍ମୃତି ଅଂଶରେ ସୂଚନା ସଂରକ୍ଷଣ କରିବାରେ ସାହାଯ୍ୟ କରେ। ଅଧ୍ୟୟନକୁ ବିରକ୍ତିକର କରନ୍ତୁ ନାହିଁ। ବରଂ ଖେଳ ଏବଂ କାର୍ଯ୍ୟକଳାପ ମାଧ୍ୟମରେ ଏହାକୁ ମଜାଦାର କରନ୍ତୁ। ପିଲାମାନଙ୍କୁ ହାଇଡ୍ରେଟେଡ ରଖନ୍ତୁ। ପିଲାମାନେ ପ୍ରାୟତଃ ଧ୍ୟାନ ହରାନ୍ତି କାରଣ ସେମାନେ ଡିହାଇଡ୍ରେଟେଡ ହୁଅନ୍ତି। ପାଣିର ଅଭାବ ପିଲାମାନଙ୍କୁ ଅଳସୁଆ ଏବଂ ଦ୍ୱନ୍ଦ୍ୱରେ ପକାଇପାରେ। ପିଲାମାନଙ୍କୁ ସକାଳେ ଉଠିବାକୁ ତାଜା ପବନରେ ଅଳ୍ପ ସମୟ ଚାଲିବାକୁ ଏବଂ ତାପରେ ଅଧ୍ୟୟନ କରିବାକୁ ଉତ୍ସାହିତ କରନ୍ତୁ। ଏହା ଅମ୍ଳଜାନ ସ୍ତର ବୃଦ୍ଧି କରେ ଏବଂ ମସ୍ତିଷ୍କ କାର୍ଯ୍ୟକୁ ଉନ୍ନତ କରେ। ଯୋଗ ଏବଂ ଧ୍ୟାନ ଏକାଗ୍ରତା ବୃଦ୍ଧି କରେ। ଶିଶୁ ମାନଙ୍କୁ ପ୍ରତିଦିନ ୧୦-୧୫ ମିନିଟ ପାଇଁ ଯୋଗ କିମ୍ବା ଧ୍ୟାନ କରିବାକୁ ଉତ୍ସାହିତ କରନ୍ତୁ। ସବୁବେଳେ ପିଲାମାନଙ୍କ ଉପରେ ନିଜର ସ୍ୱପ୍ନ, ନିଜର ଇଛାକୁ ଚାପି ଦେବା ପାଇଁ ତା' ଭାବନାକୁ ବାଧା ପ୍ରାପ୍ତ କରନ୍ତୁ ନାହିଁ। ପିଲାଟି ଦିନରୁ ଭଗବତ୍ ବିଶ୍ୱାସୀ କରାନ୍ତୁ। ପ୍ରତିଦିନ ଯେପରି ବ୍ରାହ୍ମ ମୁହୂର୍ତ୍ତ ଉଠିବ ସେ ଦିଗକୁ ଦେଖନ୍ତୁ। ସୁଷମ ଖାଦ୍ୟ, ଘରୋଇ ପ୍ରସ୍ତୁତ ଖାଦ୍ୟ ପିଲାଟିକୁ ଦିଅନ୍ତୁ। ପିଲାଟି ପିଉଥିବା ପାଣି ଯେପରି ବିଶୋଧିତ ଥାଏ ସେ ଦିଗ ଦେଖନ୍ତୁ। ପଞ୍ଚ ମାନବୀୟ ମୂଲ୍ୟବୋଧ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା, ଏହି ବ୍ରତଟି ପିଲାଟିର ଜୀବନର ଦିଗଦର୍ଶନ ହେଉ। ପିଲାମାନଙ୍କୁ ସକାରାତ୍ମକ ପରିବେଶ ଓ ଭାବନା ସହିତ ବଢ଼ାଇଲେ ସେମାନଙ୍କ ସ୍ମରଣ ଶକ୍ତି ତୀକ୍ଷଣ ଓ ଆଧ୍ୟାତ୍ମିକମୟ ହୋଇପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ହାତ, ପାଦରୁ ଜଣାପଡ଼େ ଯକୃତ ରୋଗ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଯକୃତ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟରୁ ଗୋଟିଏ ଯାହା ଡିଟକ୍ସିଫିକେସନ, ପ୍ରୋଟିନ ସଂଶ୍ଳେଷଣ ଏବଂ ପାଚନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଯକୃତ କ୍ଷତି ପ୍ରାୟତଃ ଧୀରେ ଧୀରେ ଆରମ୍ଭ ହୁଏ ଏବଂ ଏହାର ପ୍ରାରମ୍ଭିକ ଲକ୍ଷଣ ଏତେ ସୂକ୍ଷ୍ମ ଯେ ଲୋକମାନେ ସେଗୁଡ଼ିକୁ ସହଜରେ ଅଣଦେଖା କରନ୍ତି। ଯକୃତ କ୍ଷତି ସେତେବେଳେ ହୁଏ ଯେତେବେଳେ ରୋଗ, ଭାଇରାଲ ସଂକ୍ରମଣ, ଅତ୍ୟଧିକ ମଦ୍ୟପାନ କିମ୍ବା କ୍ଷତିକାରକ ବିଷାକ୍ତ ପଦାର୍ଥ ଦ୍ୱାରା ଯକୃତ ଆହତ ହୁଏ। ଅବସ୍ଥା ଗୁରୁତର ହେବା ପର୍ଯ୍ୟନ୍ତ, ଲକ୍ଷଣ ଗୁଡ଼ିକ ହାଲୁକା ରହିଥାଏ, ଯେପରିକି ଜଣ୍ଡିସ କିମ୍ବା ପେଟ ଫୁଲିଯାଏ। ତଥାପି ଯକୃତ କ୍ଷତିର ପ୍ରାରମ୍ଭିକ ଲକ୍ଷଣ ଶରୀରର ସର୍ବାଧିକ ରକ୍ତ ସଞ୍ଚାଳନ ଥିବା ସ୍ଥାନଗୁଡ଼ିକରେ ଦେଖାଯାଏ, ଯଥା ହାତ ଏବଂ ପାଦ। ଯକୃତ କାର୍ଯ୍ୟ ଖରାପ ହେଲେ ଦେଖାଯାଉଥିବା ଏହି ଲକ୍ଷଣ ଗୁଡ଼ିକ ଏକ ଗୁରୁତର ଚେତାବନୀ ସଙ୍କେତ ଯାହା ଶୀଘ୍ର ଚିହ୍ନଟ ହେଲେ, ରୋଗକୁ ରୋକିପାରିବ। ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଦ୍ୱାରା ଯକୃତ ସିରୋସିସ କିମ୍ବା ଯକୃତ ବିଫଳତା ଭଳି ଜୀବନ ଘାତକ ଅବସ୍ଥା ହୋଇପାରେ। ଯକୃତ କ୍ଷତିର ପ୍ରଥମ ସ୍ପଷ୍ଟ ଲକ୍ଷଣ ହାତର ପାପୁଲିରେ ଦେଖାଯାଏ। ଯାହାକୁ ପାମାର ଏରିଥେମା କୁହାଯାଏ। ଏହି ଅବସ୍ଥା ପାପୁଲି ଲାଲ କରିଦିଏ। ଯକୃତ କ୍ଷତି ଶରୀରରେ ରକ୍ତ ପ୍ରବାହ ଧାରାକୁ ଏବଂ ହରମୋନ ସ୍ତରକୁ ପରିବର୍ତ୍ତନ କରେ। ଯେହେତୁ ଯକୃତ ରକ୍ତବାହୀ ନଳୀ କାର୍ଯ୍ୟକୁ ନିୟନ୍ତ୍ରଣ କରେ ଯକୃତର କ୍ଷତି ହାତରେ ରକ୍ତବାହୀ ନଳୀର ଅସ୍ୱାଭାବିକ ପ୍ରସାରଣ ସୃଷ୍ଟି କରିପାରେ। ସିରୋସିସ୍ କିମ୍ବା ହେପାଟାଇଟିସ ଭଳି ରୋଗର ଲକ୍ଷଣ ହୋଇପାରେ। ଯକୃତ କ୍ଷତିର ଆଉ ଏକ ପ୍ରମୁଖ ଲକ୍ଷଣ ହେଉଛି ପାଦ ଏବଂ ଗୋଡ଼ରେ ଫୁଲା। ଯକୃତ ରକ୍ତ ଘନ ପ୍ରୋଟିନ ଆଲବୁମିନ୍ ଉତ୍ପାଦନ କରେ। ଯକୃତ କ୍ଷତିଗ୍ରସ୍ତ ହେଲେ ଆଲବୁମିନ ଉତ୍ପାଦନ ହ୍ରାସ ପାଏ ଯାହା ରକ୍ତବାହୀ ନଳୀରୁ ତରଳ ପଦାର୍ଥ ଲିକେଜ କରି ପାଦ ଟିସୁରେ ଜମା ହୁଏ। ଏହି ଫୁଲା ଏବଂ ଭାରୀପଣ ଶରୀରରେ ତରଳ ସନ୍ତୁଳନରେ ଅସନ୍ତୁଳନକୁ ସୂଚିତ କରେ। ଯକୃତ ରୋଗ ମଧ୍ୟ ନଖକୁ ପ୍ରଭାବିତ କରେ। ଗୁରୁତର ଯକୃତ ରୋଗରେ ନଖର ତଳ ଭାଗ ଧଳା ହୋଇପାରେ ଯାହାକୁ ଟେରିର ନଖ କୁହାଯାଏ। ନଖ ହଳଦିଆ ପଡ଼ିବା ବିଲିରୁବିନ ଜମା (ଜଣ୍ଡିସ) ମଧ୍ୟ ସୂଚାଇପାରେ। ତେଣୁ ଯଦି ଆପଣ ଏହି ଲକ୍ଷଣ ଗୁଡ଼ିକ ଅନୁଭବ କରନ୍ତି ତେବେ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ଯେତେବେଳେ ଯକୃତ ବିଷାକ୍ତ ପଦାର୍ଥ ବାହାର କରିବାରେ ଅସମର୍ଥ ହୁଏ, ରକ୍ତରେ ପିତ୍ତ ଜମା ହୁଏ।



ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ
ମୋବାଇଲ୍: ୯୪୩୭୦୫୧୯୫୭

# ନାଇଟ୍ ସିଫ୍ଟରେ କାମ କରୁଥିଲେ ସାବଧାନ

ଆଇଟି ସେକ୍ଟର, ହେଲ୍ଥ କେୟାର, ମିଡିଆ, କଲ୍ ସେଣ୍ଟରେ ଏବଂ ଅନ୍ୟ କିଛି କ୍ଷେତ୍ରରେ ଲକ୍ଷାଧିକ ଲୋକ ରାତିରେ କାମ କରନ୍ତି। ତା'ସହ ଦିନରେ ସେମାନେ ବିଶ୍ରାମ ନେବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି । ତେବେ ରାତିରେ କାମ କରିବା ଦ୍ୱାରା ନିଦ୍ରାଚକ୍ର ଠିକ୍ ରହେ ନାହିଁ ଏବଂ ଶରୀରକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳି ନ ଥାଏ। ଏହାର ପ୍ରଭାବ ମସ୍ତିଷ୍କ, ହରମୋନ୍, ହୃଦୟ ଏବଂ ପାଚନକ୍ରିୟା ଉପରେ ପଡ଼ିପାରେ । ସେହିପରି ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କ ଠାରେ ଅକ୍ସାପଣ, ଅବସାଦ, ମେଦବହୁଳତା, ହୃଦ୍ ସମ୍ବନ୍ଧିତ ରୋଗ ଦେଖାଦେବାର ଆଶଙ୍କା ବଢ଼ିଯାଏ। ତେଣୁ ଏଭଳି ଲୋକ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ସହିତ ଜୀବନଶୈଳୀରେ ସନ୍ତୁଳନ ରକ୍ଷା କରିବା ଉଚିତ।

ମଣିଷ ଶରୀର ଦିନରେ କାମ କରିବା ଏବଂ ରାତିରେ ବିଶ୍ରାମ ନେବା ପାଇଁ ଉଦ୍ଦିଷ୍ଟ। ଏଭଳି କ୍ଷେତ୍ରରେ ଯେତେବେଳେ ଏହି ସନ୍ତୁଳନ ବିଗିଡିଯାଏ ଏହାର ପ୍ରଭାବ ଧୀରେ ଧୀରେ ସ୍ୱାସ୍ଥ୍ୟ ଉପରେ ଦେଖିବାକୁ ମିଳେ। ଅନେକ ଗବେଷଣାରେ ଏକଥା ସାମ୍ନାକୁ ଆସିଛି ଯେ, ଲଗାତାର ନାଇଟ୍ ସିଫ୍ଟ କରିବା ଦ୍ୱାରା ଶରୀରରେ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ସେହିପରି ବାରମ୍ବାର ଥକ୍କା ଲାଗୁଥିବା ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକେ କହିଥାନ୍ତି। ରାତି ତମାମ କାମ କରିବା ପରେ ଦିନରେ ଶୋଇବାକୁ ଚେଷ୍ଟା କରିବା ଦ୍ୱାରା ଭଲରେ ନିଦ ହୋଇ ନଥାଏ। ଏଭଳି ସ୍ଥିତିରେ ଲୋକଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଥକ୍କା ଲାଗେ। ନିଦ ପୂରା ନହେବାର ପ୍ରଭାବ ପ୍ରଥମେ ମସ୍ତିଷ୍କ ଉପରେ ପଡ଼ିଥାଏ । ଏଭଳି ଲୋକଙ୍କ ଠାରେ ସାଧାରଣତଃ ଚିଡ଼ିଚିଡ଼ାପଣ ଦେଖା ଦେବା ସହ ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ହୋଇ ଥାଏ। ଏହାବାଦ୍ ଏହାର ପ୍ରଭାବ ଶରୀରର ମେଟାବଲିଜିମ୍ ଉପରେ ବି ପଡ଼ିଥାଏ। ରାତିରେ କାମ କରିବା ବେଳେ ଲୋକେ ମୁଖ୍ୟତଃ ଅସ୍ୱାସ୍ଥ୍ୟକର ସ୍ନାକ୍ସ ଏବଂ ଅଧିକ କେଫିନ୍ର ସେବନ କରନ୍ତି।

ଏହାଦ୍ୱାରା ଓଜନ ବୃଦ୍ଧି ଏବଂ ମୋଟାପଣ ସମସ୍ୟା ଦେଖା ଦେବା ଆଶଙ୍କା ଥାଏ। ଏହି ମୋଟାପଣ ଭବିଷ୍ୟତରେ ମଧୁମେହ ଏବଂ ହାର୍ଟ ସହିତ ଜଡ଼ିତ ରୋଗର ବିପଦ ବୃଦ୍ଧି କରିପାରେ। କେବଳ ସେତିକି ନୁହେଁ, ନାଇଟ୍ ସିଫ୍ଟର ପ୍ରଭାବ ପାଚନତନ୍ତ୍ର ଉପରେ ବି ଦେଖିବାକୁ ମିଳିଛି। ବିଳମ୍ବିତ ରାତ୍ରି ଏବଂ ଅନିୟମିତ ସମୟରେ ଭୋଜନ କରିବା ଦ୍ୱାରା ଏସିଡିଟି, ଗ୍ୟାସ୍ ଏବଂ ପେଟ ସହ ଜଡ଼ିତ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ଅନ୍ୟପଟେ ପର୍ଯ୍ୟାପ୍ତ ନିଦ୍ରାଭାବ ଯୋଗୁଁ ରୋଗ ସହିତ ଲଢ଼ିବାର କ୍ଷମତା ବି ହ୍ରାସ ପାଏ। ଏଭଳି ଲୋକେ ଶୀଘ୍ର କ ଶୀଘ୍ର ରୋଗାକ୍ରାନ୍ତ ହେବା ସହ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ।



# ବିକାଶ ନାଁରେ କୋଟି କୋଟି ଟଙ୍କା ହରିଲୁଟ ଅଭିଯୋଗ

ନୀଳଗିରି, ୧୫।୩ (ସଂଚାର ବ୍ୟୁରୋ): ଗରଡି ପଂଚାୟତରେ ବିକାଶ ନାଁରେ କୋଟି କୋଟି ଟଙ୍କା ହରିଲୋଟ ଅଭିଯୋଗ ପାଇ ଗ୍ରାଉଣ୍ଡ ଜିରୋରେ ପହଁଚି ଗ୍ରାମବାସୀଙ୍କ ସମ୍ମୁଖରେ ସ୍ଥିତି ପରଖିଥିଲେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ। ନୀଳଗିରି ବ୍ଲକ ଗରଡି ପଞ୍ଚାୟତରେ ଦାୟିତ୍ୱରେଥିବା ଯନ୍ତ୍ରୀ ଇଂ ରମେଶ ସିଂ ଓ ସ୍ଥାନୀୟ ସରପଂଚ ଶିବାନୀ ସିଂଙ୍କ ମଧ୍ୟ ଚକ୍ରିକାରେ ବାରମ୍ବାର ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଏକାଧିକ କାର୍ଯ୍ୟଦେଇ ଅତି ନିମ୍ନମାନର କାମ କରି କୋଟି କୋଟି ଟଙ୍କା ସରକାରୀ ତହବିଲରୁ ଆତ୍ମସାତ କରାଯାଇଛି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କଲେ ବି ଫଳ ଶୂନ ହୋଇଛି। ସତ ପରୀକ୍ଷା କରିବାକୁ ଘଟଣାସ୍ଥଳରେ ପହଞ୍ଚିଥିଲେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ। ଉକ୍ତ କାମ ଗୁଡିକ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଦେଖିବାକୁ ପାଇଥିଲେ।





### ସ୍ଥିତି ପରଖିଲେ ବ୍ଲକ ଅଧ୍ୟକ୍ଷା

ଗରଡି ପଂଚାୟତର କିରିକିଟିଆ ଗାଁରେ ୮ଲକ୍ଷ ୫୦ହଜାର ଟଙ୍କାରେ ନିର୍ମାଣ ହୋଇଥିବା ବନ ସୁରକ୍ଷା ସମିତି ଘରର ଛାତ ହାତରେ ଟାଣିଲେ ପଥର ଫଡା ହୋଇ ଉପାଡି ଯାଉଛି। ଠିକ ସେହିଭଳି ଭାବରେ କୁଞ୍ଜି ବଣିଆ ଟୁନା ସିଂ ଘର ପାଖରେ ୫ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁଥିବା ପୋଲ ସେଠାରେ କରା ନ ଯାଇ ଅନ୍ୟତ୍ର ଗରଡ଼ି ଗାଁରୁ କୁଞ୍ଜିବଣିଆ ଗାଁକୁ ଜଙ୍ଗଲରେ ଥିବା ରାସ୍ତା ଉପରେ ପୋଲ ଅତି ନିମ୍ନମାନର ହୋଇ ଥବା ଅଭିଯୋଗ ହୋଇଛି। କଳାକାଦ ଗ୍ରାମର ମୁକ୍ତି ମନ୍ଦିର ଭୋଗ ମଣ୍ଡପ ନିର୍ମାଣ ପାଇଁ ଅନୁମୋଦନ ପ୍ରକଳ୍ପ କୁ ଅର୍ଥ ଦିଆଯାଇଥିବା ବେଳେ ୨ଛକରୀ କରି ମନ୍ଦିର ଜାଗାରେ ନ କରି ସୀତାରାମ କୁଦ ଜାଗାରେ କାର୍ଯ୍ୟ ଚାଲିଛି। ସେ ଭଳି କଳାକାଦ ଗାଁ ବଡ଼ ପୋଖରୀ ପୁନରୁଦ୍ଧାର ଓ ଗାର୍ଡ ୱାଲ ଦୀର୍ଘ ଦିନ ଧରି ଚାଲିଥିଲେ ସୁଦ୍ଧା ସୂଚନା ଫଳକରେ କେଉଁ କେଉଁ ଯୋଜନାରୁ କେତେ ଟଙ୍କା ଅନୁଦାନ ଆସିଛି ତାହା ଆଜିସୁଦ୍ଧା ଲେଖାନାହିଁଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା କାମକୁ ଶ୍ରମିକ ମାନଙ୍କ ଦ୍ୱାରା କରାଯାଇ ମେସିନ ସାହାଯ୍ୟରେ କରାଯାଉଛି। ଏହିପରି ବିଭିନ୍ନ ଗାଁ ରାସ୍ତା, ଗରଡ଼ି ପୋଖରୀ, ଅଙ୍ଗନବାଡି ଘର, ସ୍କୁଲ ଘର, ଡ୍ରେନ, କମ୍ୟୁନିଟି ସେଣ୍ଟରରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି।

## ପ୍ରିନ୍ସିପାଲଙ୍କ ବଦଳି ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା




କନ୍ଧମାଳ,୧୫।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କୋଟଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନସିପାଲଙ୍କ କାର୍ଯ୍ୟରେ ଛାତ୍ରଛାତ୍ରୀ ଅତିଷ୍ଠ ହୋଇପଡ଼ିଛନ୍ତି। ଅଭଦ୍ରତା ଓ ଅନୁଚିତ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ଏନେଇ ତାଙ୍କର ବଦଳି ଦାବିରେ ଆଜି ମଧ୍ୟାହ୍ନ ପ୍ରାୟ ୨ଟାରୁ ୪ଟା ପର୍ଯ୍ୟନ୍ତ ବାଲିଗୁଡ଼ା ମୁନିଗୁଡ଼ା ରାସ୍ତାକୁ ଅବରୋଧ କରି ଧାରଣା ଦେଇଥିଲେ। ଘଟଣାସ୍ଥଳରେ କୋଟଗଡ଼ ଥାନା ଅଧିକାରୀ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ପଚାରା ଉଚରା କରିବା ସହ କୋଟଗଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ପାଖକୁ ଯାଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ପାଇଁ କୁହାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅଭିଯୋଗ ପ୍ରିନସିପାଲ କଲେଜକୁ ପ୍ରାୟ ଆସୁନାହାନ୍ତି କି ଶିକ୍ଷାଦାନ ପ୍ରତି ଦୃଷ୍ଟି ଦେଉ ନାହାନ୍ତି, ନିଜ ଘରେ ଛାତ୍ରୀମାନଙ୍କୁ କାମ କରାଉଛନ୍ତି, ଦୁଇ ଶିକ୍ଷକ ପଦବୀ ଖାଲି ପଡିଛି, ଶିକ୍ଷକ ନିଯୁକ୍ତି କରିବା ପାଇଁ ଚିନ୍ତା ନାହିଁ। ଖବର ପ୍ରସାରଣ ପରେ ପ୍ରଶାସନର କେବେ ଦୃଷ୍ଟି ପଡୁଛି ତାହା ଅପେକ୍ଷାରେ ଛାତ୍ରଛାତ୍ରୀ।

## ସାରଙ୍ଗଡ ଆର୍‌ଡବ୍ଲ୍ୟୁ ବିଭାଗ ଗୃହରେ ବାରମ୍ବାର ରଙ୍ଗମାରି ଅର୍ଥ ଲୁଟ ଅଭିଯୋଗ



### ଗୃହରେ ରହୁନାହାନ୍ତି କୌଣସି କର୍ମଚାରୀ

କନ୍ଧମାଳ,୧୫।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ଼ ଠାରେ ଆର୍‌ଡବ୍ଲ୍ୟୁ କାର୍ଯ୍ୟାଳୟକୁ ନେଇ ଅନେକ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, ଏହି ବିଭାଗୀୟ ଗୃହରେ ବାରମ୍ବାର ବଜେଟ କରି ରଙ୍ଗମାରି ଚିକ୍କଣ କରାଯାଉଛି, ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ଆସୁଛି। କିନ୍ତୁ ବାସ୍ତବରେ ଏହି ଗୃହରେ କୌଣସି କର୍ମଚାରୀ ବସବାସ କରୁନଥିବା କଥା ସ୍ଥାନୀୟ ଅଞ୍ଚଳର ଲୋକମାନେ କହୁଛନ୍ତି।ଏହି ପରିସ୍ଥିତିକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥର ଏଭଳି ବ୍ୟୟ ସମ୍ପର୍କରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ଏହା ସମ୍ପର୍କରେ ସଠିକ୍ ତଦନ୍ତ କରାଗଲେ ପ୍ରକୃତ ପରିସ୍ଥିତି ଓ କାର୍ଯ୍ୟ ପ୍ରକାଶ ପାଇବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ୨୮ରୁ ନବମ ଯାଦବ ମହାସଭା

ନର୍ଲା,୧୫।୩ (ସଂଚାର ବ୍ୟୁରୋ): ମାର୍ଚ୍ଚ ୨୮ ଓ ୨୯ ତାରିଖ ଦୁଇଦିନ ଧରି ନର୍ଲା ଠାରେ ନବମ ଯାଦବ ମହାସଭା ମହାସମାରୋହରେ ଅନୁଷ୍ଠିତ ହେବ। ଏଥିପାଇଁ ନର୍ଲା ଯାଦବ ଭବନଠାରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ପ୍ରଥମ ଦିବସରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସ ପୂର୍ବାହ୍ନରେ ନର୍ଲା ବୁଢ଼ାରଜା ମନ୍ଦିର ଠାରୁ ଯାଦବ ଭବନ ମଞ୍ଚ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବାଦ୍ୟବୃନ୍ଦ ସହ ଯାଦବ ସଂସ୍କୃତିର ମହାନ ବିଭବ ବନାବାଡି ପ୍ରଦର୍ଶିତ ହେବ। ମଞ୍ଚ ପୂଜନ ପରେ ନବମ ଯାଦବ ମହାସଭା ଆରମ୍ଭ ହେବ। ଏଥିରେ ଜିଲ୍ଲାର ହଜାର ହଜାର ଯାଦବ ସମବେତ ହେବେ। ଏହି ମହାସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ଜିଲ୍ଲାର ସମସ୍ତ ବ୍ଲକ, ପୌରପାଳିକା ଓ ଏନଏସି ସହଯୋଗ କରୁଥିବା କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ନାଏକ ସୂଚନା ଦେଇଛନ୍ତି।

## ମୂଳବସନ୍ତ ଦୋଳ ମେଳଣ ଉଦ୍‌ଯାପିତ



ମାହାଙ୍ଗା,୧୫।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ମୂଳବସନ୍ତ ମୁକ୍ତିରାମ ତୋଟା ପରିସରରେ ମୂଳବସନ୍ତ ଦୋଳ ମେଳଣ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଥାନପତି ଭାବେ ଭାବଗ୍ରାହୀ ଦୋଳ ବିମାନ ବାଜା, ବାଣ, ଘଣ୍ଟି, ସଂକୀର୍ତ୍ତନ ଓ ରୋଷଣୀ ସହ ମେଳଣ ପଡ଼ିଆକୁ ବିରାଜମାନ କରିବା ପରେ ଅନ୍ୟ ଦୋଳ ବିମାନ ପଡ଼ିଆରେ ବିରାଜମାନ କରିଥିଲେ। ବରିଷ୍ଠ ପୂଜକ ରାମଚନ୍ଦ୍ର କରଙ୍କ ଦ୍ୱାରା ଭୋଗ ଲାଗି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର କର, ଅଜୟ କୁମାର ଭଦ୍ର, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ଗଣେଶ୍ୱର ବଳବନ୍ତରାୟଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ବହୁ ଉଠା ଦୋକାନ ଖୋଲା ଯାଇଥିବାବେଳେ ହଜାର ହଜାର ଦର୍ଶକ ମାନେ ଉପସ୍ଥିତ ରହି ଏହି ଭାଇଚାରା ମେଳଣକୁ ଉପଭୋଗ କରିଥିଲେ।

## ଯୋଗୀମାଲରେ ଅଷ୍ଟପ୍ରହରୀ ନାମଯଜ୍ଞ ସମାପନ

ସୁନ୍ଦରଗଡ,୧୫।୩ (ସଂଚାର ବ୍ୟୁରୋ): ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମରେ ବହୁ ଆଡମ୍ବର ସହକାରେ ଅଷ୍ଟ ପ୍ରହରୀ ନାମଯଜ୍ଞ ସମାପନ ହୋଇ ଯାଇଛି । ଯୋଗୀମାଲ ନିବାସୀ ଅଚ୍ୟୁତା ନନ୍ଦ ନାଏକ ଏବଂ ଅମ୍ବିକା ନାଏକଙ୍କ କନିଷ୍ଠ ପୁତ୍ର ରୁକ୍ମଣ ନାଏକ ଓ ପୁତ୍ରବଧୂ ସୁନୀତା ନାଏକ କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅରୁଣ ନାଏକ ଏବଂ ପୁତ୍ରବଧୂ ସୁନୀତି ନାଏକ ସହଯୋଗ କରିଥିଲେ । ବିଭିନ୍ନ ଅଂଚଳରୁ ୮ ଟି ସଂକୀର୍ତ୍ତନ ମଣ୍ଡଳ ଅଂଶ ଗ୍ରହଣ କରି ଉତ୍ତମ କୀର୍ତ୍ତନ ପ୍ରଦର୍ଶନ କରି ଜନସାଧାରଣଙ୍କୁ ମୁଗ୍ଧ କରିଥିଲେ । ଅଷ୍ଟ ପ୍ରହରୀରେ କମଳ ଶତପଥି ପୁରୋହିତ କାର୍ଯ୍ୟ ତୁଲାଇ ଥିବା ବେଳେ ଗଙ୍ଗାଧର ନାଏକ ସଂକୀର୍ତ୍ତନର ଗୁରୁ ଭୂମିକା ଦାୟିତ୍ୱ ନେଇ ସଫଳ କରିଥିଲେ । ତାଙ୍କ ଝିଅ ଆରେସିଆ ସୁଦୂର ବମ୍ବେରୁ ଆସି ବେଶ ଖୁସି ଅନୁଭବ କରିଥିଲେ । ଶେଷରେ କଳସ ବିସର୍ଜନ କରି ସମସ୍ତେ ପ୍ରସାଦ ସେବନ କରିଥିଲେ ।

## ଏପ୍ରିଲ ୭ରୁ ବନଦୁର୍ଗା ମହୋତ୍ସବ



ବଲାଙ୍ଗିର, ୧୫।୩ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଦ ଦେଶରେ ଆସନ୍ତା ଏପ୍ରିଲ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ବନଦୁର୍ଗା ମହୋତ୍ସବ ଅନୁଷ୍ଠିତ ହେବ । ଗତକାଲି ପ୍ରାକ୍ତନ ପାଟଣାରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଦେବ ନିମନ୍ତ୍ରଣ କରାଯାଇଥିଲା ଏବଂ ଅଂଚଳର ସମସ୍ତ ଦେବାଦେବୀ ଓ ଗ୍ରାମ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପଠାଯିବ। ଏହି ମହୋତ୍ସବ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଅବା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ଏକତା, ଉନ୍ନତି ଏବଂ ସାମଗ୍ରିକ ବିକାଶ ନିମନ୍ତେ ପଥ ପ୍ରଦର୍ଶକ ହୋଇଥାଏ। କଳା ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ଏକ ଉତ୍କୃଷ୍ଟ ମଂଚ ହୋଇଥାଏ ଯଦ୍ୱାରା ଅନେକ କଳାକାର , କଳାପ୍ରେମୀ ତାଙ୍କ କଳାକୁ ପ୍ରଦର୍ଶନ କରି ପୁଣି ଏକତାର ବର୍ତ୍ତା ଦେଇଥାନ୍ତି। ଏହି ମହୋତ୍ସବରେ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ ଯୋଗଦେଉଥିବା ଆୟୋଜକ ସୂତ୍ରରୁ ପ୍ରକାଶ । ସ୍ଥାନୀୟ ଲୋକନୃତ୍ୟ, ଲୋକ ଗୀତ, ଲୋକନାଟକ ତଥା ଜିଲ୍ଲା ବାହାରର କଳାକାର, ମୀନା ବଜାର ଓ ମାଁ ବନଦୁର୍ଗାଙ୍କ ପୂଜନୋତ୍ସବ ମହାସମାରୋହରେ ପାଳିତ ହେବା ସୂଚନା ମିଳିଛି।

## ଆମ ସାହିତ୍ୟ ପରିବାର ପକ୍ଷରୁ ରାଜ୍ୟସ୍ତରୀୟ ମହୋତ୍ସବ



ଯାଜପୁର ରୋଡ୍, ୧୫।୩ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରର ଉତ୍ସବ ପ୍ୟାଲେସ ପରିସରରେ "ଆମ ସାହିତ୍ୟ ପରିବାର" ବ୍ୟାସନଗର ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ସୁନ୍ଦର ସମନ୍ୱୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ବହୁ ସଂଖ୍ୟାରେ ସାହିତ୍ୟିକ, କବି, ଗାଳ୍ପିକ ଓ ସାହିତ୍ୟପ୍ରେମୀ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅତିଥି ଭାବେ ସ୍ତମ୍ଭକାର ଜ୍ଞାନ ହୋତା, ଡ଼ଃ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଦାନଗଦି ବିଡ଼ିଓ ପ୍ରଦୀପ କୁମାର ସେଠୀ, ସମାଜସେବୀ ଜଗବନ୍ଧୁ ସାମଲ ଯୋଗଦେଇଥିଲେ।

ଅନୁଷ୍ଠାନର ସହସମ୍ପାଦିକା ମଧୁସ୍ମିତା ନାୟକ, ଅନିନ୍ଦିତା ବେହେରା, ଡକ୍ଟର ଅମୂଲ୍ୟ କୁମାର ସେନାପତି ଏବଂ ତାନଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ୧୦୦ରୁ ଅଧିକ କବି ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ଆବୃତି କରି ସାହିତ୍ୟପ୍ରେମୀଙ୍କୁ ମନମୁଗ୍ଧ କରିଥିଲେ ଏବଂ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା ପତ୍ର ଗ୍ରହଣ କରିଥିଲେ।

ସଭା ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାଶ ତାଙ୍କ ବକ୍ତବ୍ୟରେ ସାହିତ୍ୟ ଅନୁଷ୍ଠାନ ମାନଙ୍କର ଭୂମିକା ଏବଂ ସେମାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ ଆମ ସାହିତ୍ୟ ପରିବାରର ଅନୁଷ୍ଠାନ ମାନଙ୍କୁ ଉତ୍କର୍ଷ ସମ୍ମାନ ପ୍ରଦାନ କରିବାର ପରମ୍ପରା ଆମକୁ ବେଶ ଆନନ୍ଦ ପ୍ରଦାନ କରିଛି ବୋଲି କହିଥିଲେ। ସମାରୋହରେ ରାଜ୍ୟର ୮ଟି ଜିଲ୍ଲାରୁ ଆସିଥିବା ୧୪ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହିତ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ସର୍ବକାଳୀନ ସଫଳତା ପାଇଁ ୪ଟି ସାହିତ୍ୟ ଅନୁଷ୍ଠାନକୁ "ଉତ୍କର୍ଷ ସମ୍ମାନ" ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ 'ଚଲାପଥ' କୋରାଇ ମଣ୍ଡଳ ସାହିତ୍ୟ ସଂସଦ, ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ଏବେ ଜିଲ୍ଲା ଲେଖିକା ସଂସଦ ଯାଜପୁରକୁ ସମ୍ମାନିତ କରାଯାଇଥିଲା।

ସମଗ୍ର ସମାରୋହରେ ୨୦୦ରୁ ଅଧିକ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାହିତ୍ୟମୟ ଓ ସ୍ମରଣୀୟ କରିଥିଲେ। ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା ଅଶାନ୍ତି ସାମଲ, ପ୍ରତିଭା ପାତ୍ର, ପ୍ରସନ୍ନ ପରିଜାଙ୍କ ସମେତ ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅତିଥିମାନେ "ଆମ ସାହିତ୍ୟ ପରିବାର"ର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି



କେନ୍ଦ୍ରାପଡ଼ା,୧୫।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ଉତ୍ସବ ପାଇଁ ଶେଷ ପ୍ରସ୍ତୁତି ବୈଠକ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଖଡିଅଙ୍ଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଓ ପ୍ରସ୍ତୁତି କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ନରୋମ ଜେନା ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଆଗାମୀ ବାର୍ଷିକ ଉତ୍ସବର ପୂର୍ଣ୍ଣ ସଫଳତା କାମନା କରିଥିଲେ। ଏହି ବୈଠକରେ ଉତ୍ସବ ଉପଲକ୍ଷେ ଗଠନ କରାଯାଇଥିବା ବିଭିନ୍ନ କମିଟିର ସଦସ୍ୟମାନେ ସେମାନଙ୍କ କାର୍ଯ୍ୟାଧାରା ଓ ଅଗ୍ରଗତିର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ଡା.ବିଶ୍ୱପ୍ରକାଶ କାନୁନଗୋ, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ, ଉପସଭାପତି ସୟଦ ଅକମଲ ଅଲ୍ଲୀ, ପ୍ରହଲ୍ଲାଦ ମଲ୍ଲ, ଯୁଗ୍ମସମ୍ପାଦକ ଅକ୍ଷୟ କୁମାର ନାୟକ ପ୍ରମୁଖ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରି ଉପଯୁକ୍ତ ମାର୍ଗଦର୍ଶନ ଦେବା ସହ ଉତ୍ସବରେ ଅଧିକ ସଂଖ୍ୟାରେ ସଦସ୍ୟ ଓ ସଦସ୍ୟାଙ୍କ ଉପସ୍ଥିତି ନିମନ୍ତେ ଗୁରୁତ୍ୱାରୋପ କରିଥିଲେ ।

ଚଳିତମାସ ୧୮ ତାରିଖ ବୁଧବାର ସକାଳ ୧୦ଟା ସୁଦ୍ଧା ମାଧପୁରସ୍ଥିତ ଅମର ଉଦ୍ୟାନରେ ସମସ୍ତେ ପହଞ୍ଚିବା ପାଇଁ ନିବେଦନ କରାଯାଇଥିଲା। ସଦସ୍ୟମାନେ ପୂର୍ବରୁ ପାଇଥିବା ପରିଚୟପତ୍ର ସାଙ୍ଗରେ ଆଣିବାକୁ ପରାମର୍ଶ ଦିଆଯାଇଥିଲା । ଉତ୍ସବ ସମ୍ପର୍କରେ ଅଧିକ ଜାଣିବା ପାଇଁ ସମ୍ପାଦକଙ୍କ ମୋବାଇଲ ନମ୍ବର-୯୩୩୭୧୩୬୪୬୦ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

## ବାଇକ ଧକ୍କାରେ ଜଣେ ମୃତ

ବୈଶିଙ୍ଗା,୧୫।୩ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅର୍ନ୍ତଗତ ଅଁଳା-ହରିପୁର ରାସ୍ତାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକଙ୍କର ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାଇ ରାସଗୋବିନ୍ଦପୁର ବ୍ଲକ ତୋଟାପଡା ଗ୍ରାମର ଯଦୁ ରାୟ ଓଡ଼ି୦୧ଏୱାଇ-୪୫୨୧ନଂ ବିଶିଷ୍ଟ ବାଇକ ଯୋଗେ ହରିପୁର ଦିଗରେ ଯାଉଥିବା ବେଳେ ସାମ୍ନାରୁ ରଘୁପୁର ଗ୍ରାମର ଶିବ ମହାନ୍ତ ଓଡ଼ି୦୧ଏକ୍ୟୁ-୮୪୪୨ନଂ ବାଇକରେ ଆସି ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯଦୁ ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷରେ ଶିବ ଗୁରୁତର ଆହତ ହୋଇଥିଲେ। ତେବେ ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଶିବଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନା ପଠାଇ ଦିଆଯାଇଥିଲା।

## ପଞ୍ଚାମୁଣ୍ଡାଇରେ ରାଷ୍ଟ୍ରୀୟ ଲୋକ ଅଦାଲତ



ପଞ୍ଚାମୁଣ୍ଡାଇ,୧୫।୩ (ସଂଚାର ବ୍ୟୁରୋ): ପଞ୍ଚାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ ଲୋକ ଅଦାଲତରେ ସିନିୟର ସିଭିଲ ଜଜ ଅପୂର୍ବା ଚୌଧୁରୀ, ଜେ. ଏମ.ଏଫ ସି. ବିଦ୍ୟୁତ ଲତା ପ୍ରଧାନ ଯୋଗ ଦେଇ ଫୌଜ ଦାରୀ, ଚେକ ବାଉନ୍ସ, ଦେୱାନୀ ଜମି ଅଧିଗ୍ରହଣ ଆଦି ୭୫ଟି ବିଭିନ୍ନ ମାମଲା ଫଇସଲା କରି ୧୦ଲକ୍ଷ ୯୦ ହଜାର, ଦୁର୍ଘଟଣା ମାମଲାରେ ୫ଲକ୍ଷ ୫୦ହଜାର ଆଦାୟ କରାଯାଇଥିଲା ।

ଏହି ମାମଲା ଗୁଡିକରେ ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ସହିତ ଆଡ଼ଭୋକେଟ ମନୋଜ ନାୟକ ସିନିଅର ସିଭିଲ ଜଜ ଅପୂର୍ବା ଚୌଧୁରୀଙ୍କ ସହିତ ଆଡ଼ଭୋକେଟ ପ୍ରଫୁଲ୍ଲ ଦାଶ, ଜେ ଏମ ଏଫ ସି ବିଦ୍ୟୁତଲତା ପ୍ରଧାନଙ୍କ ସହିତ ଆଡ଼ଭୋକେଟ ବିଶ୍ୱନାଥ ରାଉତ ଓ ବେଞ୍ଚ ଆଡ଼ଭୋକେଟ ଭବାନୀ ଶଙ୍କର ପଣ୍ଡା ସରକାରୀ ଆଡ଼ଭୋକେଟ ଧୀରେନ୍ଦ୍ର ନାଥ ସାହୁ, ସରକାରୀ ଆଡ଼ଭୋକେଟ ତଥା ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ହୃଦାନନ୍ଦ ମହାନ୍ତି କୁମାର ସତ୍ୟନାରାୟଣ ନାୟକ, ବିଚିତ୍ର ସାହୁ,ଏଫ ଏମ ବେଗ, ଲିଗାଲ ଏଡ଼ ରିଟେନର ଗୀତାଞ୍ଜଳି ପୃଷ୍ଟି ପି ଏଲ ଭି ସଭ୍ୟ ବବିତା ମଳିକ କବିତା ଜେନା ବିଭୁତି ଭୂଷଣ ବେହେରା ପ୍ରମୁଖ ଯୋଗ ଦେଇ ମାମଲା ଫଇସଲାରେ ସହଯୋଗ କରିଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ସମ୍ମାନ




ବୈଶିଙ୍ଗା,୧୫।୩ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର କଳା, ସସ୍କୃତି ଓ ପର୍ଯ୍ୟଟନର ବିକାଶ ଲାଗି ବଲାଙ୍ଗୀ ମହୋତ୍ସବ କମିଟି, ବାରିପଦା ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରୁ ବାହାରିଥିବା ବଳାଙ୍ଗି ସଂସ୍କୃତିକୁ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତି ରଥ ରବିବାର ଦିନ ୧୧.୪୫ରେ ବୈସିଙ୍ଗା ବଜାର ଥାନା ପାଖ ବସ ଷ୍ଟାଣ୍ଡରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ ଓ ସମର୍ଧାନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବିକାଶ ମଞ୍ଚ ବୈସିଙ୍ଗା,ର ବନ୍ଧୁମାନେ,ଅପେକ୍ଷାରତ ଯାତ୍ରୀ ଗଣ, ଏବଂ ବଜାରର ଅନ୍ୟାନ୍ୟ ବନ୍ଧୁଗଣ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମକୁ ବଲାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ତଥା କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ଦୀପକ କୁମାର ନାୟକ ତତ୍ତ୍ୱାବଧାନରେ ପ୍ରାୟ ୬୦ ଜଣରୁ ଉର୍ଦ୍ଧ୍ୱ ସଂସ୍କୃତି ସୈନିକ ବୈଶିଙ୍ଗା ଥାନା ପାଖ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ମୟୂରଭଞ୍ଜର ପାରମ୍ପରିକ ପ୍ରଥା ଅନୁସାରେ ଜ୍ୟୋତି କୁ ପୁଷ୍ପ ଗୁଚ୍ଛ ସହ ଧୂପଦୀପ ଓ ଶଙ୍ଖ ଧ୍ୱନିରେ ସ୍ୱାଗତ କରାଯାଇଥିଲା। ବରିଷ୍ଠ ନାଗରିକ ବିକାଶ ମଞ୍ଚ ତରଫରୁ ସଭାପତି ସୀତା ନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଅଶ୍ୱିନୀ କୁମାର ମହାରଣା ଓ ସହ ସମ୍ପାଦକ ଲକ୍ଷ୍ମୀଧର ନାଥ ମୟୂରଭଞ୍ଜ ରାଜାଙ୍କ ଅବଦାନ ବିଷୟରେ ଗୁଣଗାନ କରିଥିଲେ। ଯଥା, ମୟୂରଭଞ୍ଜ ଟ୍ରେନର ଶୁଭାରମ୍ଭ, ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ଇତ୍ୟାଦି ଅନେକ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର, ଦୀପକ ସିଂହଙ୍କ ସମେତ ମଞ୍ଚର ବରିଷ୍ଠ ସଭ୍ୟମାନେ ଉପସ୍ଥିତ ଥିଲେ ।

## ବଲାଙ୍ଗିରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର,୧୫।୩ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସହିତ ଜିଲ୍ଲାର ସମସ୍ତ ତାଲୁକ ସ୍ତର ଓ ତୁଷୁରା କୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଭାରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶ ମଳୟ ରଂଜନ ଦାଶ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଦୀପ୍ ମିଶ୍ରଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୫ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇ ୫୬୩୮୬୧ ଟଙ୍କାରେ ସ୍ଥିର ହୋଇଥିଲା। ୮ଟି ବ୍ୟାଙ୍କ ମକୋଦ୍ଦମାର ସମାଧାନ କରାଯାଇ ୩୦୧୪୬୧୨.୦୭ଟଙ୍କାରେ ହୋଇଥିଲା । ୧୪ଟି ମଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୪୭୦୬୦୦୦/- ଟଙ୍କା କ୍ଷତିପୁରଣ ଦେବା ପାଇଁ ଆଦେଶ କରାଯାଇଥିଲା । ୩୮୬ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇ ୩୭୭୨୫୮୫/- ଟଙ୍କା ରେ ସେଟେଲ ହୋଇଥିଲା । ପାରିବାରିକ ମିଳାମିଶାରେ ୪ଟି ମାମଲା ଫଇସଲା ହୋଇଥିଲା । ୮୮୭ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା ଏବଂ ଟ.୧୮୭୮୭୦୦/- ରାଜସ୍ୱ ଆଦାୟ କରାଯାଇଥିଲା ୧୫୨୦ଟି ପ୍ରାକ୍ ମକୋଦ୍ଦମା ମାମଲା ର ସମାଧାର କରାଯାଇ ୧୯୩୦୬୬୭୬ /- ଟଙ୍କା ରେ ସ୍ଥିର ହୋଇଥିଲା । ମୋଟ ୧୦୮୩୪ଟି ମୋକଦ୍ଦମା ଫଇସଲା କରାଯିବା ସହିତ ୩୩୨୪୨୪୩୪.୦୭ଟଙ୍କା ରେ ସ୍ଥିର ହୋଇଥିଲା । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିରର ସଚିବ (ଭାରପ୍ରାପ୍ତ) ଶ୍ରୀଦୀପ୍ ମିଶ୍ର ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷାରେ ଜିଲ୍ଲା ପୋଲିସ ପ୍ରଶାସନ ସହଯୋଗ ପ୍ରଦାନ କରିଥିଲା।

# ଜୀବିକା ମିଶନ କର୍ମଚାରୀଙ୍କ ବେତନ ବୃଦ୍ଧି ନିମନ୍ତେ ସରକାରଙ୍କୁ ଚିଠି

ମହାକାଳପଡ଼ା,୧୫।୩ (ସଂଚାର ବ୍ୟୁରୋ): ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ (ଓଏଲଏମ୍) ଅଧୀନରେ କାର୍ଯ୍ୟରତ ବ୍ଲକ୍ ମିଶନ ମ୍ୟାନେଜମେଣ୍ଟ ୟୁନିଟ୍ (ବିଏମଏମୟୁ) କର୍ମଚାରୀମାନଙ୍କର ଦୀର୍ଘଦିନର ବେତନ ବୃଦ୍ଧି ଓ ସେବା ସୁବିଧା ସମ୍ପର୍କିତ ଦାବି ନେଇ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁଭାଇ) କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର ପ୍ରେରଣ କରିଛନ୍ତି। ଏହି ପତ୍ରଟି ଓଡ଼ିଶା ସରକାରଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜ୍ୟ ମିଶନ ନିର୍ଦ୍ଦେଶକଙ୍କୁ ସମ୍ବୋଧିତ ହୋଇଥିବା ସହିତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଓ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗର ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବିଏମଏମୟୁ କର୍ମଚାରୀମାନେ ବ୍ଲକ୍ ପ୍ରକଳ୍ପ ପ୍ରବନ୍ଧକ, ବ୍ଲକ୍ ଜୀବିକା ସମନ୍ୱୟକାରୀ, ସାମାଜିକ ବିକାଶ ସମନ୍ୱୟକାରୀ, ହିସାବରକ୍ଷକ ଇତ୍ୟାଦି ୨୦୧୪ ମସିହାରୁ ଉଭୟ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରମୁଖ ଯୋଜନା ଯଥା ଲକ୍ଷ୍ପତି ଦିଦି, ସୁଭଦ୍ରା ଯୋଜନା, ସ୍ୱୟଂସିଧା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଇତ୍ୟାଦିର କାର୍ଯ୍ୟାନ୍ୱୟନରେ ଅଗ୍ରଣୀ ଭୂମିକା ନେଇ ସରକାରଙ୍କ ସମସ୍ତ କାର୍ଯ୍ୟକୁ ସଫଳତାର ସହିତ କରି ଆସୁଛନ୍ତି। ସେହିପରି କୋଭିଡ୍- ୧୯ ମହାମାରୀ, ଘୁର୍ଣ୍ଣିଝଡ଼ ଓ ବନ୍ୟା ପରି ବିପର୍ଯ୍ୟୟ ସମୟରେ ମଧ୍ୟ ସେମାନେ ସମର୍ପିତ ଭାବରେ ସେବା ପ୍ରଦାନ କରିଛନ୍ତି। ଓଡ଼ିଶା ଲକ୍ଷ୍ୟପତି ଦିଦି ସୃଷ୍ଟିରେ ଦେଶର ପ୍ରଥମ ସ୍ଥାନରେ ଥିବା ସତ୍ତ୍ୱେ ମଧ୍ୟ ଏହି କର୍ମଚାରୀମାନଙ୍କର ସେବା ସୁବିଧା ଯଥାଯଥ ଭାବେ ସୁନିଶ୍ଚିତ କରାଯାଇନାହିଁ। ବେତନ ବୃଦ୍ଧି ନେଇ କେବଳ ସାମାନ୍ୟ ବୃଦ୍ଧି ହୋଇଥିବା ସହିତ ବାର୍ଷିକ ୩ ପ୍ରତିଶତ ବୃଦ୍ଧି ଦିଆଯାଉଛି। ଏହା ସହିତ ମୋବାଇଲ୍ ଭତ୍ତା, ଗୋଷ୍ଠୀ ବୀମା, ସ୍ୱାସ୍ଥ୍ୟ ବୀମା ପରି ମୌଳିକ ସୁବିଧାମାନେ ମଧ୍ୟ ଉପଲବ୍ଧ ନାହିଁ। ଚାକିରିର ନିୟମିତିକରଣ ଓ ଉପଦେନ ନୀତି ସମ୍ପର୍କରେ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟତା ନାହିଁ।

କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୧୪ ଅକ୍ଟୋବର ୨୦୨୪ ରେ ଜାରି ହୋଇଥିବା ଜାତୀୟ ଗ୍ରାମୀଣ ଜୀବିକା ମିଶନ ସଂଶୋଧିତ ମାନବ ସମ୍ପଦ ନିୟମାବଳୀ ଅନୁଯାୟୀ ବ୍ଲକ୍ ପ୍ରକଳ୍ପ ପ୍ରବନ୍ଧକଙ୍କ ପାରିଶ୍ରମିକ ୪୦,୦୦୦ ଟଙ୍କାରୁ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ଥିବା ବେଳେ ବ୍ଲକ୍ ସ୍ତରୀୟ କର୍ମଚାରୀମାନଙ୍କ ପାଇଁ ୩୫,୦୦୦ ରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବେତନ ପ୍ରସ୍ତାବ ରହିଛି। କିନ୍ତୁ ଓଡ଼ିଶାରେ ଏହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକରୀ କରାଯାଇନାହିଁ। ଏହା ସହିତ ସ୍ୱାସ୍ଥ୍ୟ ବୀମା ଓ ବାର୍ଷିକ ୧୫ ପ୍ରତିଶତ ବେତନ ବୃଦ୍ଧି ପରି ସୁବିଧାମାନେ ମଧ୍ୟ ଏହି ନିୟମାବଳୀରେ ଉଲ୍ଲେଖ ଥିବା ସତ୍ତ୍ୱେ ରାଜ୍ୟରେ ଲାଗୁ ହୋଇନାହିଁ। ଝାରଖଣ୍ଡ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ରାଜସ୍ଥାନ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ ଓ ପଶ୍ଚିମବଙ୍ଗ ପରି ଅନେକ ରାଜ୍ୟରେ ଏହି ମାନଦଣ୍ଡ ଲାଗୁ କରାଯାଇ କର୍ମଚାରୀମାନଙ୍କୁ ସୁବିଧା ପ୍ରଦାନ କରାଯାଇଛି। ଫଳରେ କର୍ମଚାରୀମାନଙ୍କର ମନୋବଳ ବୃଦ୍ଧି ପାଇବା ସହିତ କାର୍ଯ୍ୟ ପାରଦର୍ଶିତାରେ ମଧ୍ୟ ବୃଦ୍ଧି ଘଟିଛି।

ଓଡ଼ିଶାରେ ମଧ୍ୟ ଶୀଘ୍ର ଏହି ବ୍ୟବସ୍ଥାକୁ ଲାଗୁ କରି ଓଏଲଏମ୍ ଅଧୀନରେ କାର୍ଯ୍ୟରତ ବିଏମଏମୟୁ କର୍ମଚାରୀମାନଙ୍କୁ ଯଥୋଚିତ ବେତନ ଓ ସେବା ସୁବିଧା ପ୍ରଦାନ କରିବାକୁ ଶ୍ରୀ ପ୍ରଶାନ୍ତ ସ୍ୱାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।